

# ଜନସ୍ୱାସ୍ଥ୍ୟ

୮ସେପ୍‌ଟେମ୍ବର ୧୯୬୦ ୭୫ ନୂଆପଇସା

# ହଇଜା ଏକ ମାରାତ୍ମକ ରୋଗ

ଓଡ଼ିଶାର ଲବ୍ଧପ୍ରତିଷ୍ଠ କବିରାଜ **ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ** ବ୍ୟବସ୍ଥାନୁଯାୟୀ ବିଶୁଦ୍ଧ ଆୟୁର୍ବେଦିକ୍ ଶାସ୍ତ୍ରୋକ୍ତ ବିଧାନରେ ପ୍ରସ୍ତୁତ ।

**ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସି ଲି:**

—ର—

## ବୃ: ଚନ୍ଦ୍ରୋଦୟ ମକରଧ୍ୱଜ

**ହଇଜା ପ୍ରତିଷେଧକ ରୂପେ**

ଦୈନିକ ଦୁଇଥର ଖାଲି ପେଟରେ ଚିନି କିମ୍ବା ପାନମହୁରି ବତୁରି ଜଳ ସହ ସେବ୍ୟ ।

## କର୍ପୂରାରିଷ୍ଟ

**ହଇଜାର ଚିକିତ୍ସା ପାଇଁ**

ପ୍ରଥମ ଅବସ୍ଥାରେ ବୃ: ଚନ୍ଦ୍ରୋଦୟ ଜାଇଫଳ ଘୋରିସହ ଦେବାପରେ ଝାଡ଼ାବାନ୍ତି ନହେଲେ ୨୦ରୁ ୩୦ ଟୋପା ପର୍ଯ୍ୟନ୍ତ କର୍ପୂରାରିଷ୍ଟ ପୁଟା ଅଣ୍ଡା ପାଣି ସହ ପ୍ରତି ଅଧଘଣ୍ଟାରେ ଥରେ ଦିଆଯାଇପାରେ । ବାରବର୍ଷରୁ କମ ବୟସ ପିଲାମାନଙ୍କ ପାଇଁ ଉପରୋକ୍ତ ବିଧାନରେ ଅଧା ବ୍ୟବସ୍ଥା କରାଯାଇ ପାରେ ।

ଏହି ସମ୍ବନ୍ଧେ କୌଣସି ଚିକିତ୍ସା ପରାମର୍ଶ ଚାହିଁଲେ—

**ଉତ୍କଳ ଆୟୁର୍ବେଦର** ଆପଣଙ୍କ ନିକଟତମ ଯେ କୌଣସି ଶାଖା କିମ୍ବା ଏଜେନ୍ସିରେ ପରାମର୍ଶ କରନ୍ତୁ । ସମସ୍ତ ଖବର ଗୋପନ ରଖାଯାଇ ବିନା ଖର୍ଚ୍ଚରେ ଚିକିତ୍ସା ପରାମର୍ଶ ଦିଆଯାଏ ।

ପ୍ରଚାର ବିଭାଗ

**ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସି ଲି:**

ଆସିକା (ଓଡ଼ିଶା)

ସମୃଦ୍ଧତର ଭବିଷ୍ୟତ ଗଢ଼ ତୋଳନ୍ତୁ

କୋଣାର୍କ ସିମେଣ୍ଟ ସମୃଦ୍ଧତର ଭବିଷ୍ୟତ ଗଠନ କରିବାରେ
ପ୍ରଧାନ ଅଂଶ ଗ୍ରହଣ କରୁଛି ।



ଏକମାତ୍ର ଉପନ୍ୟାସ ମାସିକ

ସଂପାଦକ

| ଷଷ୍ଠ ଭାଗ<br>୩ୟ ସଂଖ୍ୟା | ଅଗଷ୍ଟ-ସେପ୍ଟେମ୍ବର<br>୧୯୬୦ | ପଚସ୍ତରୀ<br>ନୂଆ ପଇସା |
|---|---|---|

# ଏକ ସ୍ଥାୟୀ ବିପଦ—ବନ୍ୟା

ଓଡ଼ିଶାର ଭୟାଳ ବନ୍ୟା ଏକ ଅଭୂତପୂର୍ବ ଘଟଣା ବୋଲି ସମ୍ବାଦ ପତ୍ର, ବକ୍ତୃତା ଆଦିରେ ପ୍ରଚାର କରାଯାଉଥିଲେହେଁ ତାର ନିରାକରଣ ଓ ବାସହୀନ ଲୋକଙ୍କ ଥଇଥାନ ଦିଗରେ ଯେଉଁ ବ୍ୟବସ୍ଥା ହୋଇଛି, ତାହା …ପ ଏକ ପ୍ରହସନ, ବନ୍ୟା ଅଞ୍ଚଳ ଗସ୍ତ କରି ଫେରୁଥିବା ପ୍ରତ୍ୟକ୍ଷଦର୍ଶୀଙ୍କ କରୁଣ କାହାଣୀ ତାର ଯଥେଷ୍ଟ ପ୍ରମାଣ।

ସରକାରୀ ନେତା ତଥା ଯୋଜନା କର୍ମକର୍ତ୍ତାମାନେ ଜଳବାନ୍ଧ ଭେଇ କରି, ବନ୍ୟା ପ୍ରତିକାର କଥା ଚିନ୍ତା କରୁଥିଲାବେଳେ ବନ୍ୟା ଗସ୍ତରେ ଆସିଥିବା ପଣ୍ଡିତ ନେହେରୁ ମତ ଦେଇଛନ୍ତି ଯେ ଜଳନିଷ୍କାସନର ପଥ ସୁଗମ ହେଲେହିଁ ବନ୍ୟାର ପ୍ରକୋପ କମିଯିବ, ବନ୍ୟା ପ୍ରତିରୋଧର ପନ୍ଥା ବନ୍ଧବାନ୍ଧ ନୁହେଁ। ଏ ଦୁଇଟି ମତ ପରସ୍ପର ବିରୋଧୀ ହେଲେହେଁ ଜନତାର ସତର୍କ ପ୍ରହରୀ ବୋଲାଉଥିବା ସରକାର ଗୋଟିକ ପଛକୁ ଗୋଟିଏ ଲେଖାଏଁ ଗ୍ରାମ ତଥା ବନ୍ଧର ଉଚ୍ଚତା ବୃଦ୍ଧି ଦିଗରେ ଖର୍ଚ୍ଚ କରି ଚାଲିବେ। ଏ ସବୁ ସତ୍ତ୍ୱେ ଓଡ଼ିଶାର ଅଠଗଡ଼ର କର୍ମୋଞ୍ଚଳ ବ୍ୟାପୀ ସିଂହଭୂମି ଅଞ୍ଚଳର ବନେ ଘାଟି ନିମ୍ନାଞ୍ଚଳରେ ବର୍ଷା ହେଲେ

ନୌକା ଆଦି ବ୍ୟବସ୍ଥା, ଖାଦ୍ୟ ମହଜୁଦ୍ ତଥା ସମ୍ବାଦ ସରବରାହ କେ
ସ୍ଥାପନ କରି ବନ୍ୟା ପ୍ରତି ସଦାସର୍ବଦା ସତର୍କ ରହିବାକୁ ହେବ । ତ
ହେଲେହିଁ ବନ୍ୟାର ବିଭୀଷିକା ଲୋକଙ୍କୁ ଆତଙ୍କିତ କରିପାରିବ
କିମ୍ବା ଲୋକେ ବନ୍ୟା ବେଳେ ଅସହାୟ ହୋଇ ପଡ଼ିବେନି ।

ଏ ସବୁ ଦୃଷ୍ଟିରୁ ବନ୍ୟାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଯେ ଏ
ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ "ନୂଆ" ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ସରକା
ସୁଚିନ୍ତିତ ନୀତି ଗ୍ରହଣ କରିବା ଉଚିତ ।

# ୧୯୭୧ ମସିହାର ଜନଗଣନା

ଆସନ୍ତା ବର୍ଷ ଫେବୃୟାରୀ ୧୦ ତାରିଖରୁ ଦଶଲକ୍ଷ ଜନଗଣନକାରୀ ଘରକୁ ଘର ବୁଲି ଭାରତର ଲୋକସଂଖ୍ୟା ହିସାବ କରିବେ । ଲୋକେ କେଉଁଠି ଓ କିପରିଭାବେ ବାସ କରୁଛନ୍ତି, ସେମାନେ ତାହା ମଧ୍ୟ ସମୀକ୍ଷା କରିବେ ।

୧୯ ଦିନ ଏହିଭଳି ଲୋକ ଗଣନ କରାଯିବା ପରେ ମାର୍ଚ୍ଚ ପହିଲାରୁ ୪ ତାରିଖ ମଧ୍ୟରେ ଆଉଥରେ ହିସାବ ନିଆଯିବ । ଏହି ମଧ୍ୟରେ କେତେ ନୂଆ ପିଲା ହୋଇଛନ୍ତି ଏବଂ କେତେଜଣଙ୍କର ଜାଗା ପଡ଼ିଯାଇଛି ତାହା ଏହି ସମୟରେ ହିସାବ ହୋଇଯିବ ।

କିନ୍ତୁ କେବଳ ମୁଣ୍ଡଗଣତି କରିବା କାର୍ଯ୍ୟର ଏକଅଂଶ ମାତ୍ର । ଅବଶ୍ୟ ଦେଶରେ କେତେ ଲୋକଙ୍କର ଅନ୍ନବସ୍ତ୍ର ଓ ଗୃହର ବ୍ୟବସ୍ଥା କରିବାକୁ ହେବ ତାହା ଜାଣିବା ବିଶେଷ ଆବଶ୍ୟକ । କିନ୍ତୁ ଅନ୍ୟ ଏକ ପ୍ରଧାନ କାର୍ଯ୍ୟ ହେଉଛି ଏହିପରି ଦୁଇଟି ପଞ୍ଚବାର୍ଷିକ ଯୋଜନା ଜନସାଧାରଣଙ୍କ ଉପରେ କି ପ୍ରଭାବ ପକାଇଛି ଓ କେତେଦୂର ଉନ୍ନତି ସାଧନ କରିଛି ଏବଂ ନୂଆ ନୂଆ ବୃତ୍ତି, ନୂତନ ଦ୍ରବ୍ୟ ଓ ନୂଆ ଜୀବନଯାତ୍ରା ପ୍ରଣାଳୀ ସହିତ ଲୋକେ କେତେଦୂର ନିଜ ନିଜକୁ ଚଳେଇ ନେଇ ପାରୁଛନ୍ତି, ତାହାହିଁ ନିର୍ଦ୍ଧାରଣ କରିବାକୁ ହେବ ।

୧୮୭୨ ମସିହାରେ ଭାରତରେ ପ୍ରଥମ ଜନଗଣନା କରାଯାଇ ଥିଲା କିନ୍ତୁ ପ୍ରଥମ ଜନ ଗଣନାରେ ଯେଉଁଭଳି ଅନୁସନ୍ଧାନମାନ କରାଯାଇ ଥିଲା, ବର୍ତ୍ତମାନ ତାହାର ରୂପ ଯଥେଷ୍ଟ ବଦଳିଗଲାଣି । ବିଶେଷତଃ ଆଗାମୀ ଜନଗଣନାରେ ଏହା ଅଧିକ ବଦଳିଯିବ । ବର୍ତ୍ତମାନ ଅର୍ଥନୈତିକ ଅବସ୍ଥା କାର୍ଯ୍ୟକଳାପ ଉପରେ ହିଁ ଅଧିକ ଗୁରୁତ୍ୱ ଦିଆଯାଉଛି । ତା' ହେଲେ ଭବିଷ୍ୟତରେ ବିଭାଗ ପରିକଳ୍ପନା ପାଇଁ ପ୍ରତ୍ୟେକ ସ୍ତରରେ ବିଭିନ୍ନ ତଥ୍ୟ ମିଳିପାରିବ ।

## ପାଞ୍ଚଟି ଅର୍ଥନୈତିକ ପ୍ରଶ୍ନ

ପ୍ରାଥମିକ ଅବସ୍ଥାରେ ଜନଗଣନାରେ ବୃତ୍ତି ସମ୍ପର୍କରେ ମାତ୍ର ଗୋଟିଏ ପ୍ରଶ୍ନ କରାଯାଉଥିଲା । ପରେ ବୃତ୍ତି ବଦଳରେ ଜୀବନ ଧାରଣର ସାଧନ ସମ୍ପର୍କରେ ପ୍ରଶ୍ନ ହେଲା । ବର୍ତ୍ତମାନ କିନ୍ତୁ ଅବସ୍ଥା ବଦଳି ଗଲାଣି । ଆପଣ କଣ କୃଷକ, କୃଷି ଶ୍ରମିକ କିମ୍ବା ଆଉ କୌଣସି କାର୍ଯ୍ୟ କରୁଛନ୍ତି—ଏହା ଜାଣିବାକୁ ବର୍ତ୍ତମାନ ପାଞ୍ଚଟି ପ୍ରଶ୍ନ କରାଯାଉଛି ।

ଇତିପୂର୍ବରୁ ପ୍ରତ୍ୟେକ ଲୋକ ଅର୍ଥନୈତିକ ଭାବେ ସ୍ୱାଧୀନ କି ଅନ୍ୟ ଉପରେ ନିର୍ଭରଶୀଳ ତାହା ବୁଝି ଲିପିବଦ୍ଧ କରାଯାଉଥିଲା । ମଧ୍ୟବର୍ତ୍ତୀ ଶ୍ରେଣୀର ଲୋକଙ୍କ (ଯଥା ପରିବାରର ମହିଳା କର୍ମୀମାନେ) ହିସାବ ନିଆଯାଉଥିଲା । କାରଣ ସେତେବେଳେ ଆୟ ଓ ନିର୍ଭରଶୀଳତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । କିନ୍ତୁ ୧୯୬୧ ଜନଗଣନାରେ "କାର୍ଯ୍ୟ" ଉପରେ ହିଁ ବିଶେଷ ଗୁରୁତ୍ୱ ଦିଆଯାଉଛି । ତେଣୁ ପରିବାରର ଯେଉଁ ସ୍ତ୍ରୀମାନେ କାର୍ଯ୍ୟ କରନ୍ତି କିନ୍ତୁ କୌଣସି ଆୟ କରନ୍ତି ନାହିଁ ଏବଂ ଯେଉଁ ପିଲାମାନେ କାମ କରି ସାମାନ୍ୟ କିଛି ପାଆନ୍ତି— ସେମାନେ ସ୍ୱତନ୍ତ୍ର ଶ୍ରମ କରୁଛନ୍ତି ବୋଲି ଧରାଯିବ । ସେମାନେ ସ୍ୱତନ୍ତ୍ର କର୍ମୀ ବା ଶ୍ରମିକ ।

## ଜାତି ସଂପର୍କରେ ପ୍ରଶ୍ନ ନାହିଁ

ପୂର୍ବ ଜନଗଣନାମାନଙ୍କରେ ଜାତି ସମ୍ପର୍କରେ ତଥ୍ୟ ସଂଗ୍ରହ କରା ଯାଉଥିଲା । କିନ୍ତୁ ବର୍ତ୍ତମାନ ଆଉ ଜାତି ସମ୍ପର୍କୀୟ ତଥ୍ୟ ସଂଗୃହୀତ ହେବ

ନାହିଁ । କିନ୍ତୁ ଏଥର ପରିକଳ୍ପିତ ଧର୍ମ ଓ ମାତୃଭାଷା ପ୍ରଭୃତି ସଂପର୍କରେ ତଥ୍ୟ ସଂଗ୍ରହ କରାଯିବ । ଏହା ଛଡ଼ା ପ୍ରତ୍ୟେକ ବ୍ୟକ୍ତି ପୁରୁଷ ବା ସ୍ତ୍ରୀ, ବିବାହିତ କି ଅବିବାହିତ, ଜନ୍ମସ୍ଥାନ, ଶିକ୍ଷା ପ୍ରଭୃତି ସଂପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ । ଆଇନ ଅନୁସାରେ ସବୁ ପ୍ରଶ୍ନଗୁଡିକ ଗୋପନୀୟ ରଖା ଯିବ । ଆଇନ ଅନୁସାରେ ପ୍ରଶ୍ନର ଉତ୍ତର ଦେବା ମଧ୍ୟ ବାଧ୍ୟତାମୂଳକ କରାଯାଇଛି ।

---

## ଜନଗଣନାର ଖର୍ଚ୍ଚ ଜଣକା ୩.୫ ନୟାପଇସା

ଗଣନା କରାଯାଇଥିବା ପ୍ରତ୍ୟେକ ଲୋକପିଛା ମାତ୍ର ୩.୫ ନୟାପଇସା ଖର୍ଚ୍ଚ ହିସାବରେ ସମଗ୍ର ଦେଶ ପାଇଁ ମୋଟରେ ଏ ସଂକ୍ରାନ୍ତ ପାରିଶ୍ରମିକ ବାବଦ ଖର୍ଚ୍ଚ ହେବ ୧ କୋଟି ୬୦ ଲକ୍ଷ ଟଙ୍କା ।

ଦେଶରେ ମୋଟ ଘର ସଂଖ୍ୟା ହେବ ପ୍ରାୟ ଆଠକୋଟି । ୧୦ ଲକ୍ଷ ଗଣନାକାରୀ ଏହିସବୁ ଘରକୁ ଯାଇ ଜନଗଣନା କରିବେ ।

ଜନଗଣନା ପାଇଁ ୫୫କୋଟି ଗଣନା ପତ୍ର, ୧୧କୋଟି ପରିବାର ତାଲିକା ଏବଂ ୨କୋଟି ୨୦ଲକ୍ଷ ଘର ତାଲିକା ଫର୍ମ ଛପାଇବା ପାଇଁ ୨ହଜାର ଟନ୍‌ରୁ ଅଧିକ କାଗଜ ଆବଶ୍ୟକ ହେବ । ଅଧିକାଂଶ କାଗଜ ଆଈଳକ ଛାପାମାନଙ୍କରେହିଁ ଛପାଯିବ ।

---

## ଆପଣଙ୍କର ରବରଷ୍ଟାମ୍ପ ଦରକାର ?

ରବରଷ୍ଟାମ୍ପ, ଟେଣ୍ଡୁ ହ'ଇଟେଲ ଟୋକେନ୍, ପିତଳ ସିଲ ଇତ୍ୟାଦି ପାଇଁ
ନମୁନା ସହ ଅଗ୍ରୀମ ପଠାନ୍ତୁ ।

ଦୟାନିଧି ରାଉତରା
କେଦାର ଅଙ୍ଗ— ଲପକା ପ୍ରିଣ୍ଟର୍ସ
ବଙ୍ଗାଳୀସାହି
କଟକ— ୧

# ମା' ସ୍ମୃତି

[illegible]

ବଢ଼ି ମରୁଡ଼ିର ଭୂଇଁ ଏଇ ଓଡ଼ିଶା । ଏ ଦୁଇଟିରୁ କେଉଁ ଗୋଟିଏ ଏ ମାଟି ଉପରେ ଘଟିଥିବ । ଯେପରି ନିୟତିର ଗତିରେ ଅବଧାରିତ ହୋଇ ରହିଛି । ତେଣୁ ମରୁଡ଼ି ପରେ ପ୍ରବଳ ବନ୍ୟା ମାଡ଼ିଆସିଥିଲା ଗତ ୧୯୫୫ ମସିହାରେ । ସେ [illegible] ଶ୍ରୀ [illegible] ଅନେକ ଅନେକ ମହାନଦୀରେ ଛୁଟିଲା [illegible] ଓ ପୁରୀ ଜିଲ୍ଲାର ବିସ୍ତୃତ ଅଂଚଳ ଧୋଇ ନିର୍ମଳ କରିଦେଇଥିଲା । ଦଳେଇଘାଇ ଭାଙ୍ଗି କଟକ କସ୍ମୀର ଓ ଗଉଳ ମାଟି ସେଇ ଜଳସ୍ରୋତରେ ମା ସାରଳାଙ୍କ ପାଖକୁ ଧାଇଁ ଯାଇ ମୁଣ୍ଡିଆ ମାରିଥିଲେ ।

କିନ୍ତୁ ଏଥର ଏହି ୬୦ ମସିହା ଅଗଷ୍ଟ ୭ ତାରିଖରେ ଯାହା ତାଠାରୁ ଯଥେଷ୍ଟ ଭୀଷଣ ଅବସ୍ଥା । କେବଳ ମହାନଦୀ ନୁହେଁ, ଏହା ସାଙ୍ଗରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବଳଙ୍ଗ ଓ ସାଳନ୍ଦୀ ନଦୀ ମାତିଉଠିଲା । ଏପରି ବ୍ୟାପକ ଓ ଭୀଷଣ ବନ୍ୟା ଗତ ଶହେ ବର୍ଷରେ ତ ନୁହେଁ, ଗତ ହଜାର ବର୍ଷ ଭିତରେ ମଧ୍ୟ ଦେଖା ଦେଇ ନ ଥିଲା ବୋଲି ବିଜ୍ଞ ଲୋକମାନେ କହୁଛନ୍ତି । ଏତେ କଥା ହେଲେବି ଏ ନାହିଁ ନଥିବା ବନ୍ୟାରେ ଏଥର ମା ସମ୍ବଲେଶ୍ୱରୀଙ୍କ ଆସ୍ଥାନ ବୁଡ଼ିଗଲା କେବଳ ମା ସାରଳା ନିରାପଦ ହୋଇ ରହିଗଲେ । ଅଥଚ ମାଙ୍କଠାରେ ଏଭଳି ଏକ ପ୍ରଳୟଙ୍କର ଅବସ୍ଥା ବିଷୟରେ ଧାଡ଼ିଏ ଉଲ୍ଲେଖ ଥିବା କ'ଣ ମୁହଁରୁ ଶୁଣିଗଲା ନାହିଁ । ବିଚିତ୍ର !

ଏ ବନ୍ୟାର ସବୁଠାରୁ ସ୍ମରଣୀୟ ବିଷୟ ହେଉଛି, ରେଳପଥ ଭାଙ୍ଗି ଭଦ୍ରକ ଗାଁରେ ଧୋଇ ନେବା ଫଳରେ ଦୀର୍ଘ ୨୦ ଦିନ ଧରି ରେଳ ଚଳାଚଳ, ଭଦ୍ରକ ଠାରୁ ଖଡ଼୍ଗପୁର ବନ୍ଦ ହୋଇଗଲା । ତାର ଲାଇନ

ଓ ଟେଲିଫୋନ୍ ଚଳାଚଳ ମଧ୍ୟ ବିପର୍ଯ୍ୟସ୍ତ ହୋଇ ପଡ଼ିଲା । କେବଳ ରହିଲା ବେତାର ବା ଓ୍ୟାରଲେସ୍ ବ୍ୟବସ୍ଥା । କିନ୍ତୁ ଯେଉଁଠୁ ଖବର ଆସିଲା, ସେଠି ଶୁଣାଗଲା ଓ୍ୟାରଲେସ୍ ସେଟ୍ ଅଚଳ । ଫଳରେ ଅନେକ ଦିନ ଧରି କେବଳ ଅନ୍ଧାରରେ ରହିବାକୁ ହେଲା । ଧନ୍ୟ ସରକାରୀ ପକ୍ଷର ଏ ଯାନ୍ତ୍ରିକ ବ୍ୟବସ୍ଥା !

କେବଳ କଟକ ଆଉ ପୁରୀ କିମ୍ବା ବାଲେଶ୍ୱର ଜିଲ୍ଲା ନୁହେଁ, ଏ ବନ୍ୟା ଫଳରେ ସମ୍ବଲପୁରର କେତେ ଅଞ୍ଚଳ, ଢେଙ୍କାନାଳ, କେନ୍ଦୁଝର, ତାଳଚେର ପ୍ରଭୃତିର କେତେ ସ୍ଥାନ ଜଳମଗ୍ନ ହୋଇ ବିପନ୍ନ ହୋଇ ପଡ଼ିଲା । ସମ୍ବଲପୁରରେ ଝାରସୁଗୁଡ଼ା ନିକଟରେ ଭେଡ଼ନ ବୋଲି ଏକ ଛୋଟ ନଈରେ ବୁଡ଼ିଯିବାରେ ସମଗ୍ର ଦେଶ ପାଇଁ । ସେମାନେ ପ୍ରାଣ ହରେଇବା ଆଗରୁ ପିଠିହୋଇ ଗୋଟା ରେଲଟେଣ ଭଙ୍ଗି ଟ୍ରେନ ଚଳାଚଳ ମଧ୍ୟ କିଛି ସମୟ ପାଇଁ ବନ୍ଦ କରି ଦେଇଗଲେ । ବ୍ରାହ୍ମଣୀ ନଦୀର ବନ୍ୟାରେ ଗୋଟା ହାତୀ ଓ ଗୋଟା ମହାବଳ ବାଘ ମରି ଭାସି ଆସିବାର ମଧ୍ୟ ଦେଖାଗଲା ।

କସ ପୁଣି ଦେଖାଯାଉ
ବଞ୍ଚି ଥିଲେ ଜୀବରେ ।

ଏ ଭୀଷମ ସମସ୍ୟାର ପଦ ଯୋଜନା ଲୁଚି ଯା ତପଦେ, ଭଇଙ୍କୁ ବାଧଇ

◉

ବନ୍ୟାରେ ଘଟିଥିବା କ୍ଷୟକ୍ଷତିର ହିସାବ ଅସୁମାରୀ । ତେବେ ସରକାରୀ ହିସାବ ମତେ ୫୪୦୦ ବର୍ଗମାଇଲ ଅଞ୍ଚଳ ଜଳମଗ୍ନ ହୋଇ ୨୦ ଲକ୍ଷ ୭୫ ହଜାର ଲୋକ ବିପନ୍ନ ହୋଇଛନ୍ତି । ୪୫ ଜଣ ଲୋକ ଠିକ ମରିଛନ୍ତି ଓ ସତ୍ତ୍ୱଶ ଲୋକଙ୍କ ଖବର ମିଳୁନାହିଁ । ମାନେ, ଏମାନେ ସରକାରଙ୍କୁ ହିସାବ ନଦେଇ ହୁଏତ ମରିଛନ୍ତି । ଶହ ଶହ ସଂଖ୍ୟାରେ ଗୋରୁଗାଈ ଛେଳି ମେଣ୍ଢା ଇହଲୀଳା ଶେଷ କରିଛନ୍ତି । ଧାନ ଧୋଇଯାଇ ଶହ ଶହ ମାଣ ଜମିରେ ବାଲିମାଣ୍ଡି ମୋଟ ୪୦ କୋଟି ଟଙ୍କା ମୂଲ୍ୟରୁ ଅଧିକ ଫସଲ ନଷ୍ଟ ହୋଇଛି । ବନ୍ୟାଗ୍ରସ୍ତ ଅଞ୍ଚଳରେ ଏକ ଲକ୍ଷ ଘର ଭାଙ୍ଗିଛି ବୋଲି ସରକାର ନିଜ ହିସାବରେ ମାନିଛନ୍ତି ।

ବିପନ୍ନ ଲୋକଙ୍କୁ ସାହାଯ୍ୟ ଦେବା ଓ ଉଦ୍ଧାର କରିବା ପାଇଁ ସରକାର ତୁରନ୍ତ କିଛି କରିପାରି ନଥିଲେ । ଲୋକମାନେ ବହୁସ୍ଥାନରେ ଆକଣ୍ଠ ବନ୍ୟାଜଳ ଭିତରେ ଦୁଇତିନି ଦିନ ଉପାସ ରହିବା ପରେ ଶିଳ୍ପପତି ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ବିମାନ ଯୋଗେ ୨ ଲକ୍ଷ ଟଙ୍କା ମୂଲ୍ୟର ଖାଦ୍ୟଦ୍ରବ୍ୟ ପକାଇ ପ୍ରଥମ ତୋଷ ଦେଇଥିଲେ । ପରେ ସମସ୍ତ ସରକାରୀ ସାହାଯ୍ୟ ଡେରିରେ ଯାଇ ପହଞ୍ଚିଲା ।

ଯୋଗସୂତ୍ର ଛିନ୍ନ ହେବାରୁ କେନ୍ଦ୍ରକୁ ଓଡ଼ିଶାର ଏ ଦାରୁଣ ବିପତ୍ତି ଜଣାଇବାରେ ଡେରି ହୋଇଗଲା ବୋଲି ମନେ ହୁଏ । ଯାହେଉ, ଓଡ଼ିଶାର ଏ ବିପତ୍ତି ଦେଖିବାକୁ ପ୍ରଥମେ ଆସିଲେ ସେଚମନ୍ତ୍ରୀ ହାଫିଜ୍ ମହମ୍ମଦ ଇବ୍ରାହିମ ତାଙ୍କ ଉପମନ୍ତ୍ରୀ ଶ୍ରୀ ଜୟସୁଖ ଲାଲ ହାତୀ ଓ ଦୁଇଜଣ ବିଭାଗୀୟ ଇଞ୍ଜିନିୟରଙ୍କୁ ଧରି । ସେମାନେ ଉଡ଼ାଜାହାଜରେ ଉଡ଼ି ପରିସ୍ଥିତି ଲକ୍ଷ୍ୟ କଲେ । କିନ୍ତୁ ଉପମନ୍ତ୍ରୀ ଶ୍ରୀ ହାତୀ ବନ୍ୟାରେ ମରିଥିବା ହାତୀଦୁଇ ତିନିଟାଙ୍କ କଳେବର ଦେଖିବାକୁ ପାଇଲେ କି ନା ତାହା ଜଣାପଡ଼ିନାହିଁ ।

ହାଫିଜ୍‌ଙ୍କୁ ତାଙ୍କ ଇଞ୍ଜିନିୟର କି ପରାମର୍ଶ ଦେଲେ କେଜାଣି କେନ୍ଦ୍ରକୁ ଫେରିଯିବା ପରେ ସେ ଲୋକସଭାରେ ପ୍ରକାଶ କଲେ ଯେ ବନ୍ୟା ଭଳି ଏକ ପ୍ରାକୃତିକ ବିପଦକୁ ସମ୍ଭାଳିବା ପାଇଁ କେନ୍ଦ୍ର ଉପରେ ନିର୍ଭର ନ କରି ରାଜ୍ୟ ସରକାରମାନେ ପ୍ରସ୍ତୁତ ହୁଅନ୍ତୁ । ତେବେ ଓଡ଼ିଶା ପାଇଁ ୨ କୋଟି ଟଙ୍କା ସେ ମଞ୍ଜୁର କରିଛନ୍ତି ବୋଲି ପ୍ରକାଶ କରିଛନ୍ତି । ସନ୍ନମ-ଉଲ୍ଲୀଶ୍ବରେ ବା ତାଂଡବରେକା !

ଏହା ପଛକୁ ବନ୍ୟାର ଧ୍ୱଂସ ଲୀଳା ଦେଖିବାପାଇଁ ୨୫ ଦିନ ପରେ ସେପ୍ଟେମ୍ବର ୪ଠା ତାରିଖରେ ଆସିଲେ ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ । ନିଜ ସାହାଯ୍ୟ ପଣ୍ଠିରୁ ଆଗରୁ ସେ ଓଡ଼ିଶା ବନ୍ୟା ବିପନ୍ନଙ୍କ ପାଇଁ ୫୦ ହଜାର ଟଙ୍କା ଦେଇଥିଲେ । ବନ୍ୟା ଅବସ୍ଥା ଦେଖିବା ପରେ ଭୁବନେଶ୍ୱରରେ ଏକ ଭାଷଣ ମଧ୍ୟ ଦେଇଥିଲେ । ତେବେ ତାଙ୍କ ନିର୍ଦ୍ଦେଶ ଅନୁସାରେ ବନ୍ୟା ଅଞ୍ଚଳକୁ ଜଳନିଷ୍କାସନ ବ୍ୟବସ୍ଥା ଓ ବିପନ୍ନ ଲୋକଙ୍କୁ ତୁରନ୍ତ ଆଶ୍ରୟ ଲାଭ ପାଇଁ ବସ୍ତିର ଅଞ୍ଚଳରେ ଯଦି ଅସ୍ଥାୟୀ ପୀଠମାନ ନିର୍ମାଣ କରାଯାଆନ୍ତା, ତାହା

କମ ଉପକାର କରନ୍ତା ନାହିଁ । ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ମଧ୍ୟ ଏହିମତ ପୋଷଣ କରନ୍ତି । ଜନନାୟକଙ୍କ ମତର ଏହି ମଣିକାଞ୍ଚନ ସଂଯୋଗକୁ କେବେକୁ କିପରି ରୂପ ଦାନ କରାଯାଉଛି ତାହା ଦେଖିବାକୁ କେବଳ ବାକିରହିଲା ।

ବନ୍ୟା ପରିସ୍ଥିତିର ପ୍ରତିକାର ପାଇଁ ଓଡ଼ିଶା ପକ୍ଷରୁ କେନ୍ଦ୍ରକୁ ୭୨କୋଟି ଟଙ୍କାର ଏକ ଯୋଜନା ଦିଆଯାଇଛି ।

◉

ଗତ ମାସରେ ଅନ୍ଧକାର ମହାଦେଶ ବା Dark Continentରେ ସୂର୍ଯ୍ୟୋଦୟ ଦେଖି ଆମେ ଖୁବ୍ ଆହ୍ଲାଦ ପ୍ରକାଶ କରିଥିଲୁ । ବିଶେଷତଃ ୧୦ କୋଟି ୫୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କଙ୍ଗୋ ରାଜ୍ୟର ସ୍ୱାଧୀନତା ଏକ ସ୍ମରଣୀୟ ଘଟଣା ହୋଇଥିଲା । କିନ୍ତୁ ପରିସ୍ଥିତି ସେଠି ଏବେ ଖୁବ୍ ଶୋଚନୀୟ ଭାବରେ ବଦଳି ଯାଇଛି । କଙ୍ଗୋର ସୂର୍ଯ୍ୟୋଦୟ ବର୍ତ୍ତମାନ ମେଘାଚ୍ଛନ୍ନ ହୋଇ ପଡ଼ିଛି ।

କଙ୍ଗୋକୁ ବେଲଜିୟମ ସରକାର ନିଜର କର୍ତ୍ତୃତ୍ୱ ଛାଡ଼ିବା ସଙ୍ଗେ ସଙ୍ଗେ ବିଭେଦର ବିଷାକ୍ତ ବୀଜ ରୋପଣ କରିଦେଇଛନ୍ତି । ଫଳରେ ସେଠାର କାଟାଙ୍ଗା ପ୍ରଦେଶ ବେଲଜିୟମର ବଳରେ ନିଜକୁ ସ୍ୱାଧୀନ ଘୋଷଣା କଲା । ଏହାକୁ ଦମନ ପାଇଁ କଙ୍ଗୋର ପ୍ରଧାନମନ୍ତ୍ରୀ ପେଟ୍ରିସ ଲୁମ୍ୱା ଜାତିସଂଘର ଆଶ୍ରୟ ନେଲେ । ଜାତିସଂଘ ପକ୍ଷରୁ ବିଭିନ୍ନ ଦେଶରୁ ସୈନ୍ୟ ଆଣି ଏକ ବାହିନୀ ଗଠନ କରି କଙ୍ଗୋ ତଥା କାଟାଙ୍ଗାରେ ପ୍ରବେଶ କରିଗଲେ । କିନ୍ତୁ ଇତ୍ୟବସରରେ ପ୍ରଧାନ ମନ୍ତ୍ରୀ ଲୁମ୍ୱା ଓ ରାଷ୍ଟ୍ରପତି କାସାବୁବୁଙ୍କ ଭିତରେ ମତଭେଦ ଘନେଇ ଉଠି ଅବସ୍ଥାକୁ ଗୁରୁତର କରିଦେଇଛି । କାସାବୁବୁ ପ୍ରଧାନ ମନ୍ତ୍ରୀଙ୍କୁ ବରଖାସ୍ତ କରିଛନ୍ତି ଏବଂ ସେହିପରି ପ୍ରଧାନମନ୍ତ୍ରୀ ଲୁମ୍ୱା ରାଷ୍ଟ୍ରପତିଙ୍କୁ ଅସ୍ୱୀକାର କରି ନିଜକୁ ଦେଶର ସର୍ବମୟ କର୍ତ୍ତା ଘୋଷଣା କରିଛନ୍ତି । ତା ପଛକୁ ପୃଥିବୀର ବିରାଟ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ଲୁମ୍ୱାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଛି ।

ଏହିପରି ଭାବରେ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି କଙ୍ଗୋରେ ଏହି ଦେହ ଅବସ୍ଥା ଭିତରେ ସେଠାରେ ଗୃହଯୁଦ୍ଧ ଶଙ୍କାବିଶିଷ୍ଟ ଏ

ହ'ସପ'ତାଲ ଖୋଲିବା ପାଇଁ ଭାରତ ସରକାର ରାଷ୍ଟ୍ରସଂଘ'ର ପ୍ରଥମ ଉଦ୍ଘାଟନ ଡାକ୍ତର ଓ ନର୍ସ ପ୍ରଭୃତି ପଠାଇଲେଣି । ଏଣେ କଙ୍ଗୋରୁ ଜାତିସଂଘ ବାହିନୀ ହଟିଯିବାକୁ ଲୁମୁମ୍ବା ଓଲଟି ଦାବୀ କଲେଣି ଏବଂ ଅବସ୍ଥାର ସମ୍ପୂର୍ଣ୍ଣ ସ୍ୱାଧୀନ ହେବାପାଇଁ ଜାତିସଂଘ ସେନାପତି କଙ୍ଗୋ ସୈନ୍ୟ ବାହିନୀକୁ ନିରସ୍ତ୍ର କରିବା ପ୍ରଧାନ କଥା ବୋଲି ଚିନ୍ତା କରୁଛନ୍ତି । ପରିସ୍ଥିତିର ବିଚାର ପାଇଁ ବର୍ତ୍ତମାନ ଜାତିସଂଘ ନିରାପତ୍ତା ପରିଷଦର ଏକ ଜରୁରୀ ବୈଠକ ସେକ୍ରେଟେରୀ ଜେନେରାଲ ଶ୍ରୀ ହାମରସୋଲ୍ଡ଼ ଡକାଇଛନ୍ତି । କଥା ହେଉଛି ବିଭିନ୍ନ ଦେଶର ସୈନ୍ୟ ଯାଇ କଙ୍ଗୋରେ ଜାତିସଂଘ ବାହିନୀ ନାମରେ ଯେଉଁ ଶାନ୍ତିରକ୍ଷା କାର୍ଯ୍ୟ କରୁଛନ୍ତି ସେମାନଙ୍କ ଆଉ ପର ପାଇଁ ପ୍ରାଣଦେବାକୁ ଚାହୁଁନାହାନ୍ତି । ରାଷ୍ଟ୍ରପତି ହେଉ ବା ପ୍ରଧାନମନ୍ତ୍ରୀ ହେଉ କିମ୍ବା କାହାରି କର୍ତ୍ତୃପକ୍ଷ ହେଉ, ସେହି କଙ୍ଗୋବାସୀ ପରି ବିଭିନ୍ନ ଗୋଷ୍ଠୀର ଭ୍ରାତୃହତ୍ୟାରେ ମତ୍ତ ହେବେ, ସେଠି ଜାତିସଂଘ ବିଦେଶୀ ବନ୍ଧୁକ ସୈନ୍ୟମାନଙ୍କୁ ମରଣ ମୁହଁକୁ ଠେଲି ଦେବା କେଉଁ ସାହାସ ଓ ବିଚାରରେ ! ବିଶେଷତଃ ଏହି ଅବସ୍ଥା ଲକ୍ଷ୍ୟକରି ବର୍ତ୍ତମାନ ଘାନା ରାଜ୍ୟ ଜାତିସଂଘବାହିନୀରୁ ନିଜର ସୈନ୍ୟ କାଢ଼ିନେବାକୁ ଦାବି କଲେଣି ।

ଏବେ ନିରାପତ୍ତା ପରିଷଦର କି ନିଷ୍ପତ୍ତି ହେଉଛି ଦେଖିବାର ।

◉

ଏହା ଭିତରେ ଆମ ଏସିଆ ଖଣ୍ଡର ଦୂର ପ୍ରାଚ୍ୟରେ ଏକ ସାମରିକ ବିଦ୍ରୋହ ଘଟି କାମ୍ବୋଡ଼ିଆର ଶାସନ ଏକପ୍ରକାର ବଦଳି ଯାଇଛି । ସେଠାରେ ରାଜା ସେପଭଙ୍ଗଙ୍କ ମୁଖ୍ୟକର୍ତ୍ତୃତ୍ୱ ସୈନ୍ୟବାହିନୀ ସ୍ୱୀକାର କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ବଦଳାଇ ରାଜପୁତ୍ର ସୁବର୍ଣ୍ଣ ଭୌମଙ୍କୁ କ୍ଷମତା ଦାନ କରିଛନ୍ତି । ଆନନ୍ଦର କଥା ଯେ, କାମ୍ବୋଡ଼ିଆ ସୈନ୍ୟବାହିନୀର ଯେଉଁ ଆକାଶଛତା ଦଳ ଏ ବିଦ୍ରୋହ କରାଇଥିଲେ ସେମାନେ ରାଜପୁତ୍ରଙ୍କ

ଶାସନରେ ଅଧିଷ୍ଠିତ ହେବା ପରେ ସୁନାଫୁଅ ପଣ ସୈନ୍ୟବାହିନୀକୁ ଫେରିଯାଇ ନିଜ କାମରେ ଯୋଗ ଦେଇଛନ୍ତି ।

●

ରାଜନୀତି କ୍ଷେତ୍ରରେ ଅପ୍ରତ୍ୟାଶିତ ଭାବରେ ନାନା ଦୁର୍ଘଟଣା ଘଟେ । କେତେଦିନ ତଳେ ଶ୍ୟାମ ଦେଶରେ ସେପରି ଏକ ଘଟଣା ଘଟି ଯାଇଥିଲା । ଯାହା ଫଳରେ ସାମରିକ ବିଦ୍ରୋହ ଘଟାଇ ଯେଉଁ ଫିଲ୍ଡ ମାର୍ଶାଲ ବିପୁଲସଂଗ୍ରାମ ଏକଦା ଦେଶର ଶାସନତନ୍ତ୍ର ଅଧିକାର କରିଥିଲେ ସେହିପୁଣି ବିତାଡ଼ିତ ହୋଇଯାଇ ଲାଓସ ଭଳି କ୍ଷୁଦ୍ର ରାଜ୍ୟରେ ଆଶ୍ରୟ ଗ୍ରହଣ କଲେ । ଏବେ ଅଳ୍ପଦିନ ତଳେ ସେହି ବିପୁଳ ସଂଗ୍ରାମ ଭାରତକୁ ଆସି ବୁଦ୍ଧ ଗୟାଠାରେ ସନ୍ନ୍ୟାସ ଗ୍ରହଣ କରିଛନ୍ତି । ବୌଦ୍ଧ ସନ୍ନ୍ୟାସୀ ରୂପେ ସେ ସ୍ୱଦେଶକୁ ଫେରିଯାଇ ପାରିବାର ସୁବିଧା ପାଇବା ଆଶାରେ ଏ ବେଶ ପରିବର୍ତ୍ତନ କରିଥିବା ଜଣାପଡ଼ୁଛି ।

ସେନାପତିଙ୍କ ଏ ସନ୍ନ୍ୟାସ କେତେଦୂର ଗତିକରୁଛି ଏଣିକି ଲକ୍ଷ୍ୟ କରିବାର ।

◉

ଭାରତ ସଂସଦରେ ଏକ ଦୁଃଖଦାୟକ ଘଟଣା ଶ୍ରୀ ଫିରୋଜ ଗାନ୍ଧୀଙ୍କ ଅକସ୍ମାତ ମୃତ୍ୟୁ । ପୂର୍ବତନ କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ସେ ସ୍ୱାମୀ ଓ ପ୍ରଧାନମନ୍ତ୍ରୀ ନେହେରୁଙ୍କର ଜାମାତା । କିନ୍ତୁ ଫିରୋଜ ଗାନ୍ଧୀଙ୍କର ଏହା ପ୍ରକୃତ ପରିଚୟ ନୁହେଁ । କାରଣ ସେ ଜଣେ ଆତ୍ମ-ପ୍ରତିଷ୍ଠ ପୁରୁଷ, ଜ୍ଞାନୀ, ମେଧାବୀ, ମୁକ୍ତିସଂଗ୍ରାମୀ ଏବଂ ସର୍ବୋପରି ଜଣେ ସୁଦକ୍ଷ ବ୍ୟବସ୍ଥାପକ । ହରିଦାସ ମୁନ୍ଦ୍ରାଙ୍କ କାରବାରର ରହସ୍ୟ ଉଦ୍ଘାଟନ କରି ସେହି ଟି. ଟି. କୃଷ୍ଣମାଚାରୀଙ୍କୁ ପରୋକ୍ଷରେ ମନ୍ତ୍ରୀପଦରୁ ଅନ୍ତର କରି ଦେଇଥିଲେ । ଭାରତ ପାର୍ଲାମେଣ୍ଟର ଲୋକସଭାରେ ସେ ବରାବର ଜଣେ ପ୍ରଭାବଶାଳୀ ସଭ୍ୟ ହିସାବରେ ନାନା କାର୍ଯ୍ୟକରି ବହୁ ଉପକାର ସାଧନ କରିଛନ୍ତି । ସତ୍ୟ ପ୍ରକାଶ ଓ ଯୁକ୍ତି ପ୍ରଦର୍ଶନ କରିବାରେ ସେ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଛାଡ଼ିଦେଇ ନଥାନ୍ତି । ଦୁଃଖର ବିଷୟ ଯେ ଗତ ୮ ତାରିଖ ସକାଳ

୭ଟା ୪୫ ମିନିଟରେ ହୃଦ୍‌ଯନ୍ତ୍ର ପୀଡ଼ାରେ ତାଙ୍କ ଜୀବନର ଅବସାନ ହୋଇ ଯାଇଛି । ସେ ଜାତରେ ପାର୍ସି ଥିଲେ ମଧ୍ୟ ହିନ୍ଦୁକନ୍ୟାକୁ ବିବାହ କରିବା ପରେ ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ ହୋଇ ରହିଥିଲେ ଓ ମୃତ୍ୟୁ ପୂର୍ବରୁ ହିନ୍ଦୁରୀତିରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସଂପନ୍ନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତାହାହିଁ ହୋଇଛି ।

ଭାରତ ପାର୍ଲାମେଣ୍ଟ ଇତିହାସରେ ଶ୍ରୀ ଫିରୋଜ ଚିରକାଳ ସ୍ମରଣୀୟ ହୋଇ ରହିବେ । ମୋଟେ ୪୮ ବର୍ଷରେ ମୃତ୍ୟୁ ଘଟିଲା । ଦୁଇଟି ପୁଅ, ରାଜୀବ ଓ ସଂଜୀବ । ପତ୍ନୀ ଇନ୍ଦିରାଙ୍କୁ ୪୩ ବର୍ଷ ହେବ । ନିକଟରେ ସେ ଆତ୍ମହଙ୍କା ଗର୍ତ୍ତରେ ଯିବେ । କିନ୍ତୁ ଫିରୋଜ ଯେଉଁ ଗର୍ତ୍ତରେ ଗଲେ ତାହାର ପ୍ରତ୍ୟାଗମନ ନାସ୍ତି । ତଥାପି ଗାଇବାକୁ ହେବ...

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା—
ନ୍ୟନ୍ୟାନି ସଂଯାତି ନବାନି ଦେହୀ" ।

# ଯେଉଁମାନଙ୍କର ରୁଚି ଅଛି

ସେହି ମହାପୁରୁଷଙ୍କୁ ମୋର ଏହି ଶ୍ଳେଷ ଭାଇରଟି ଉତ୍ସର୍ଗ କଲି—ଯେଉଁ ମହାପୁରୁଷମାନେ ସ୍ୱପ୍ନ ଅବା ଜାଗରଣେ; ମାଛ ଝୋଳ, ଚଡ଼ଚଡ଼ି, ଡାଲଣା ଆଉ ଖାଇବାରେ ବ୍ୟସ୍ତ । କାଗଜ କଲମରେ ଏଗୁଡ଼ିକ ଲେଖିଲେଖି ପାଟିରୁ ମୋର ଲାଳ ବୁହେ—କିନ୍ତୁ ମୁଁ ପେଟୁ ନୁହେଁ—ମୋର ରୁଚି ଅଛି । କଥାଟା ଖୋଲି ନ କହିଲେ ହୁଏତ ଆପଣ ଖରାପ ଭାବିବେ । ମୁଁ ଏ ଡାଇରି ରୋଗଶେଯରୁ ଲେଖୁଛି—ଲେଖୁଛି ଗୋଟିଏ ହସପିଟାଲରୁ—୧୦ ନମ୍ବର ଖଟରୁ—ଏଠି ରୋଗୀମାନେ ନମ୍ବର ଦ୍ୱାରାହିଁ ପରିଚିତ ।

ପେଟର ଆକ୍ରମଣ ସହି ନପାରି ଆସି ଅଧିକାର କରିଛି ଏହି ୧୦ ନମ୍ବର ଖଟଟି । ପୃଥିବୀର ଚମତ୍କାର ଖାଦ୍ୟ ପଦାର୍ଥ ଖାଇବାକୁ ମନା ! ରୁଚି ଏବଂ ଇଚ୍ଛା ଥିବାବେଳେ ମଧ୍ୟ ସେସବୁ ନଖାଇବା ପାଇଁ କଡ଼ା ନିର୍ଦ୍ଦେଶ । ବାସ୍ତବିକ ଆପଣମାନେହିଁ ଭାଗ୍ୟବାନ ।

ଶକ୍ତ କାରାଗାର କହିଲେ ଅତ୍ୟୁକ୍ତି ହେବନି । କାରଣ ରୋଗୀ ପଥ୍ୟ ହେଲା ମୋର ଖାଦ୍ୟ—କମଳା ରସହିଁ ହେଲା ସାର । ଦିନରେ ଦୁଇବାର କରି ଥର୍ମୋମିଟରର ସହିତ ସାକ୍ଷାତ । ହସପିଟାଲ ତରକାରିରେ ପରିବା ଖଣ୍ଡେ ପାଇବା ଭାଗ୍ୟର କଥା । ଖୁବ୍‌ବେ ଖଣ୍ଡେ ମୂଳା ।

ହଁ-ମୂଳାକୁ ଭଲପାଏ—କିନ୍ତୁ ମୋର ଭାଇ ଘୃଣା କରନ୍ତି—ଏହାର ଗନ୍ଧ ଅସହ୍ୟ ବୋଲି ସେ କହନ୍ତି । ତାଙ୍କର ବାସ୍ତବ ରୁଚି ନାହିଁ ।

ଅଗଷ୍ଟ ୭ ତାରିଖ—

ଅଖି ପାଖ ୯ ନମ୍ବର ଖଟରେ—ସେ ତ ଗୋଟାଏ ଅଷ୍ଟ୍ରଜ୍ଞି ଜୀବ—ଫୁଟବଲ ଖେଳାଳୀ ଧରି ମନେହୁଏ । ଗୋଡ଼ରେ ପଟି ବନ୍ଧା ହୋଇଛି କି ? ନର୍ସଟି ଅଡ଼ିକୁ ଡେରେଇଛି ଗୃହିଁ ଚାହିଁ କି । ( ନର୍ସଟି ମଧ୍ୟ ଖୁବ୍ ସୁନ୍ଦରୀ ) ୯ ନମ୍ବରକୁ ଦେଖିଲେ ମୋର ରାଗ ହୁଏ—ସେ ଯେ ନର୍ସ ଅଡ଼ିକୁ ଗୃହିଁଛି ସେଥିପାଇଁ ନୁହେଁ—କିନ୍ତୁ ହିଂସା ହୁଏ । କାରଣ ସେ ମୋ ଭଳି ଭଲ ଭଲ ଖାଦ୍ୟ ପଦାର୍ଥରୁ ବଞ୍ଚିତ ନୁହେଁ । ହସପିଟାଲର ଭଲ ଖାଇବାତ ଖାଉଛି—

ତା ବ୍ୟତୀତ ପ୍ରତିଦିନ ଘରୁ କିଛି ନା କିଛି ଆସୁଛି । ଏତେ ଭଲ ରସଗୋଲା ଖାଇ ଖାଇ ଶୀଘ୍ର ଲୁଗାରେ ପଡ଼ିଗଲା । କିନ୍ତୁ ମୋ ପାଟିରୁ ଶୀଘ୍ର ହୋଇ ଯିବନି—ପଡ଼ିଲା ଲୁଳ- ଏସବୁ ଭାଗ୍ୟର କଥା—କିଏ ବା କହିବ ?

ଅଗଷ୍ଟ ୧୬ ତାରିଖ—

ସବୁଦିନ ପରି ସ୍ତ୍ରୀ ଏବଂ ମା' ଦେଖିବା ପାଇଁ ଆସିଲେ—ଖାଲି ହାତରେ । ନୂଆ ଡାକ୍ତର, ନୂଆ ଚିକିତ୍ସା ଏଇ ବିଷୟରେହିଁ ଗୁଡ଼ାଏ କଥାବାର୍ତ୍ତା । ଡାକ୍ତରଙ୍କ ଚିକିତ୍ସାରେ ବେଶ୍ ପାରଦର୍ଶିତା ଅଛି—କିନ୍ତୁ ତାଙ୍କ ପ୍ରତି ଭାଇଙ୍କର ବ୍ୟବହାର ସେତେ ଭଲ ନୁହେଁ । ବାଧ୍ୟ ହୋଇ ସେ ଏଠି ରହି ହୋଇଛନ୍ତି ।

ଅଗଷ୍ଟ ୧୭ ତାରିଖ—

ଆଜି କିନ୍ତୁ ୯ ନମ୍ବରକୁ ପଦେ ଭଲ କରି ଶୁଣାଇବାକୁ ସୁଯୋଗ ପାଇଲି । ସେଇ ନର୍ସଟି ଅଡ଼ୁକୁ ହାତ ଦେଖାଇ କହୁଛି, "ମୁଁ ଯଦି ବାହାହୁଏ—ଡାକ୍ତରଙ୍କ ଏହାପରି ଝିଅଟିଏହିଁ ବାହା ହେବ ।" ମୁଁ ତ ଏହା ଶୁଣି ଅବାକ୍ । ପାଖକୁ ଯାଇ କହିଲି ? "ସେ କୁଳ ଟଙ୍କେ ଭଡ଼ାଟିଆ ବନ୍ଧୁ । ଭାଇ ମୋର ଅଲଟକୁ ଚାଲିଗଲେ—ନାହିଁ ତ ନର୍ସଟିଏ ବାହା ହୋଇ ପଡ଼ିଥାନ୍ତେ । ସ୍ତ୍ରୀର ହାତ ରନ୍ଧା କ'ଣ ସେ ଜୀବନରେ ପାଇଥାନ୍ତେ ? ଡାକ୍ତର ବର୍ତ୍ତମାନ ରନ୍ଧାରନ୍ଧାରେ ବେଶ୍—ଡେଟକ ଭାଇ ତାଙ୍କୁ ପସନ୍ଦ କରନ୍ତି—ଦିନ ଆସିବ—ସେ ମଧ୍ୟ ପ୍ରଶଂସା କରି ରହି ପାରିବେନି । ହଁ-ନର୍ସମାନେ ରୋଷେଇ କରି ଜାଣନ୍ତି ନାହିଁ ।" "କିଏ କହିଲା ଏ ବାଜେ କଥା—କଣ ଗୃହାନ୍ତି ଆପଣ—ଆଜି ପୋଟଳ ରସା—ଆଳୁ ଦମ୍—ମୁଁ ରାନ୍ଧିଲେ ମୁହଁରୁ ଛାଡ଼ିବ ନାହିଁ—" ରାଗରେ କହିଲା ସେହି ସୁନ୍ଦରୀ ନର୍ସଟି ।

ଅଗଷ୍ଟ ୧୮ ତାରିଖ—

ସନ୍ଧ୍ୟାବେଳେ ସ୍ତ୍ରୀ ଏବଂ ମା' ଆସିଲେ—ନାଟକୀୟ ଭଙ୍ଗୀରେ ରନ୍ଧା-ରନ୍ଧି ବିଷୟରେ କଥାବାର୍ତ୍ତା ହେଲେ—ଡାକ୍ତର କିପରି ରନ୍ଧାବନ୍ଧି ଯୋଗୁଁ ଭାଇଙ୍କର ପ୍ରଶଂସା ପାତ୍ର ହୋଇ ପାରିଲେ ତାହାହିଁ ସେମାନେ ବର୍ଣ୍ଣନ କରିବା ଆରମ୍ଭ କଲେ । ଭାଇ ଅଫିସ ଯିବାକୁ ତରତର—ଡାକ୍ତର ପହରା

କଥାକଥି କରୁଛନ୍ତି—ତା' ମଧ୍ୟରେ ଅଜାଣତରେ ଖଣ୍ଡେ ମୂଳା ମିଶି ଯାଇଛି। ସ୍ତ୍ରୀ ମୋର ରୋଷେଇ ଘରକୁ ଯାଇ ଦେଖେ ତ ସବୁ ଡାଲଡାରେ ରନ୍ଧାରନ୍ଧି କରୁଛନ୍ତି—ସେ ଏହା ଦେଖି ଅବାକ୍। କାରଣ ସେମାନେ ତାଙ୍କ ଘରେ କେବଳ ଭଜାଭଜି ପାଇଁ ହିଁ 'ଡାଲଡା' ବ୍ୟବହାର କରନ୍ତି। ଶାଶୁଙ୍କୁ ପଚାରି ସେ ତା'ର ସନ୍ଦେହ ଦୂର କଲା। ଏହି ସମୟରେ ମା ଆସି ବିରକ୍ତ ହେଲେ—କହିଲେ, "ତୁ କ'ଣ ଜାଣୁନ, ସ୍ୱାମୀ ତୋର ମୂଳା ଖାଏନି ?" ଏତେ ପରିବା ମଧ୍ୟରେ ଖଣ୍ଡେ ମୂଳା—କେହି ଜଣେ ବାରି ପାରିବ । ମୁଁ ଆସି ଖାଇବା ପାଇଁ ହାଜର। ସମସ୍ତେ ଡରରେ ଥରହର—କାରଣ ସେ ଚୁପ୍ ଚାପ୍—କିନ୍ତୁ ଫଳ ହେଲା ଓଲଟା—ଖୁସି ହୋଇ ମୁଁ କହିଲି, "ମୂଳା ଯେ ଏତେ ସୁନ୍ଦର ଲାଗେ ଏବଂ ଏତେ ଭଲ ଭାବରେ ରନ୍ଧାଯାଇ ପାରେ ମା' ଆଗରୁ ଜାଣିବା ଉଚିତ ଥିଲା।"

ମୁଁ ଏ କଥା ଶୁଣି ସାବାସ ନକହି ରହି ପାରିଲି ନା।

ମୋ ସ୍ତ୍ରୀ କହିଲା, "ମନେ ରଖନ୍ତୁ ଆଜ୍ଞା, ମୁଁ ସେସବୁ ଡାଲଡାରେ ରାନ୍ଧିଛି।"

ମା କଥାକୁ ଉଠାଇ କହିଲେ, "ସରଳା କହେ ଯେ, 'ଡାଲଡା'ରେ ଯାହା କିଛି ରନ୍ଧାଯାଏ ତାର ପ୍ରକୃତ ଗନ୍ଧ ଫୁଟିଉଠେ। ପ୍ରତ୍ୟେକ ପରିବାଟି ସହଜରେ ବାରିହୁଏ—ସେଇଥିପାଇଁ ତୁମର ତରକାରୀରେ ମୂଳା ପଡ଼ିଛି ବୋଲି ସହଜରେ ଜାଣି ପାରିଲୁ। ମୁଁ ଭାବୁଛି ସବୁ ପ୍ରକାର ରୋଷେଇରେ 'ଡାଲଡା' ବ୍ୟବହାର କରିବା ହିଁ ଭଲ। ଘରେ ତ ଅଛି—ପିଠା ପଣା ସବୁରେ ହିଁ ବ୍ୟବହାର କରିବା।"

ଏ ସବୁ ଶୁଣି ମୋ ପାଟିରୁ ଲାଳ ବୋହୁଥାଏ। ମା ଏବଂ ସ୍ତ୍ରୀ ପିଢ଼ା ଉପରେ—ଏତେ ବଡ଼ ହାତ ବ୍ୟାଗ୍‌ଟା ଦେଖି ପଚାରିଲି ତା ଭିତର କଣ—(ଖାଇବା ଜିନିଷ ଉଦ୍ଦେଶ୍ୟ ଅକଣ୍ୟ) ମା ବାହାର କରି ଦେଖାଇଲେ ଖଜୁରି ଗଛର ଛବିଥିବା ସବୁଜ ଏବଂ ହଳଦିଆ ଟିଣଟିଏ—'ଡାଲଡା' ଟିଣଟିଏ। ତା ଭିତରେ ଅନେକ କିଛି ଅଛି—ସୁସ୍ୱାଦୁ ଏବଂ ସୁମଧୁର ଖାଦ୍ୟ ପଦାର୍ଥ ତାହାରି ଦ୍ୱାରା ହିଁ ତିଆରି ହେବ—ଆଶା ଅଛି ନିକଟ ଭବିଷ୍ୟତରେ ସେ ସବୁ ମୋ ପାଟିରେ ବାଜିବ—ବସ୍ତୁତଃ ସେ ସବୁରେ କି ପରିତୃପ୍ତି। କିନ୍ତୁ ବର୍ତ୍ତମାନ ମୁଁ ସେ ସବୁକୁ ବଂଚେଇ। ଆପଣମାନେହିଁ ଅନୁମାନ।

DL 25 RY ହିନ୍ଦୁସ୍ଥାନ ଲିଭର ଲିଃ, ବମ୍ବେ

# ଫିଲ୍ମ ଡାଏରୀ

ଚଳଚ୍ଚିତ୍ର ଉପରେ ଅଧିକ ଶୁଳ୍କ ବସିଥିବା ଯୋଗୁଁ ଶିଳ୍ପ ଭିତରେ ଗୋଟାଏ ବଡ଼ ଚହଳ ପଡ଼ିଯାଇଥିବା କଥା ଆପଣମାନେ ଜାଣିଥିବେ । ତା' ସଙ୍ଗେ ସଙ୍ଗେ ସରକାରଙ୍କ ପକ୍ଷରୁ ଗୋଟିଏ ଫିଲ୍ମ ଫାଇନାନ୍ସ କରପୋରେସନ ଗଠନ କରାଯାଇଥିବାର ସମ୍ବାଦ ବି ପଢ଼ିଥିବେ । ମୋଟ ଉପରେ ଦେଖିବାକୁ ଗଲେ ଏବେ କେତେଦିନ ଭିତରେ ଚଳଚ୍ଚିତ୍ର ପ୍ରତି ସରକାର ତଥା ଜନସାଧାରଣଙ୍କ ଅଧିକ ଦୃଷ୍ଟି ପଡ଼ିଥିବା ଲକ୍ଷ୍ୟ କରାଯାଉଛି । ତେବେ ଏ ସମସ୍ତ ଚଳଚ୍ଚିତ୍ର ଶିଳ୍ପ ପକ୍ଷେ ହାନିକର ନା ଲାଭଦାୟକ ହୋଇଛି ?

ସେ.ଟିଏ ଦିଗରୁ ଦେଖିବାକୁ ଗଲେ—ଆଜିକାଲିର ଯୋଜନା ଯୁଗରେ ଚଳଚ୍ଚିତ୍ରଶିଳ୍ପ ମଧ୍ୟ ନିଜର ଉନ୍ନତି ପାଇଁ କିଛି ଆୟୋଜନ କରୁଛି ବୋଲି ମନେହୁଏ । ଯଦିଓ ଏହା ସର୍ବାଙ୍ଗ ସୁନ୍ଦର ସମୃଦ୍ଧ ଉନ୍ନତି ପାଇଁ କିଛି ଉପଯୋଗୀ ନୁହେଁ, ତଥାପି ବାଂଲାଗତ ଭିତରେ କେତୋଟି ପ୍ରତିଷ୍ଠାନ ଏ ଦିଗରେ ପ୍ରୟାସ କରୁଛନ୍ତି । ଚଳଚ୍ଚିତ୍ର ଶିଳ୍ପ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରିହେଲେ ଚଳେ—୧-ନିର୍ମାଣ, ୨-ପରିବେଷଣ, ୩-ପ୍ରଦର୍ଶନ ।

## ନିର୍ମାଣ କ୍ଷେତ୍ରରେ—

ବୈଷୟିକ ଦୃଷ୍ଟିରୁ ଉନ୍ନତ ଚଳଚ୍ଚିତ୍ର ପ୍ରସ୍ତୁତ ପାଇଁ—ଶାନ୍ତାରାମ ଓ ଗୁରୁଦତ୍ତ ଚେଷ୍ଟା ଚଳାଇଛନ୍ତି । ଅବଶ୍ୟ ଏ ଦୁହିଁଙ୍କ 'ନବରଙ୍ଗ' ଓ 'କାଗଜ କା ଫୁଲ୍' ଯଦିଓ ଆଶାପ୍ରଦ ଭାବରେ ଜନତାର ଆଦର ଲାଭ କରିନି—ତଥାପି ଉନ୍ନତ ଚିତ୍ର ନିର୍ମାଣ ଶୈଳୀର ପଥପ୍ରଦର୍ଶକ ହୋଇଛି ।

ସାଜସଜ୍ଜା, ଚଳଚ୍ଚିତ୍ରଣ ତଥା ରଙ୍ଗୀନଛବିର ବିକାଶ ଆମ ଦେଶରେ ଉଦ୍ଦେଶ୍ୟାବଧି ହୋଇନାହିଁ । ସଂଗଠିତ ଆର୍ଥିକ ବ୍ୟବସ୍ଥା ଅଭାବରୁ ଅଧିକାଂଶ ଭାରତୀୟ ଚଳଚ୍ଚିତ୍ରଶିଳ୍ପୀ ଯେ କୌଣସି ପ୍ରକାରର ଛବିଟି ବିକ୍ରିକରି ଦୁ ପଇସା ଲାଭ କରିବା ପ୍ରତି ହିଁ ଲକ୍ଷ୍ୟ ଦିଅନ୍ତି, ତେବେ ଶାନ୍ତାରାମ ବର୍ତ୍ତମାନ ବମ୍ବେର ସର୍ବୋତ୍ତମ ଷ୍ଟୁଡ଼ିଓର ମାଲିକ, ଆର୍ଥିକ ଦୃଷ୍ଟିରୁ ମଧ୍ୟ ସେ ସଂଗତିସଂପନ୍ନ । ତେଣୁ ନିଜର ସମସ୍ତ ବୁଦ୍ଧି ଖର୍ଚ୍ଚକରି ସେ ବର୍ତ୍ତମାନ ରଙ୍ଗୀନ ଛବି 'ଶକୁନ୍ତଳା'ର ସୁଟିଂ ନେଇ ବ୍ୟସ୍ତ । ଅନେକ ଅନେକ ଥରରୁ ଶକୁନ୍ତଳା କେବଳ ଭାରତ ତଥା ବିଦେଶରେ ଚହଳ ପକାଇବ, କିନ୍ତୁ ନାୟିକା ଭୂମିକାରେ [illegible] କର୍ଣ୍ଣୀୟ ଶାନ୍ତାରାମ କେତେଦୂର ସଫଳତା ଲାଭ କରିବେ ତାହା ସନ୍ଦେହଜନକ ।

ପରିଚେଷ୍ଟା ଫଳରେ ଦକ୍ଷିଣ ଭାରତର କେତେକ ସୁପ୍ରତିଷ୍ଠିତ ସଂସ୍ଥା କ୍ରମେ ଜନପ୍ରିୟତା ଲାଭ କରିଛନ୍ତି । ପ୍ରକୃତ ଦୃଷ୍ଟିରୁ ସେମାନେ ଭାରତରେ ଏକ ଅଭିନବ ପନ୍ଥା ଅବଲମ୍ବନ କରିଛନ୍ତି କହିଲେ ଚଳେ । 'ଚନ୍ଦ୍ରଲେଖା'ର ପ୍ରଦର୍ଶନ ସମୟରେ ଜେମିନି ପ୍ରତିଷ୍ଠାନ ଚହଳ ପକାଇ ଦେଇଥିବା କଥା ଅନେକମାନେ କେବଳ ଜାଣିଥିବେ । ବମ୍ବେରେ ଏସ୍ ମୁଖାର୍ଜୀ, ମେହବୁବ୍—ଏବଂ ଶାନ୍ତାରାମ ଏ ଦିଗରେ ଦେଶବ୍ୟାପୀ ଏକ ମିଳିତ ପ୍ରଚେଷ୍ଟା କରିବେ ବୋଲି ଶୁଣାଯାଏ । ଭାରତ ବାହାରେ ଭାରତୀୟ ଛବିର ପରିବେଷଣ ପାଇଁ ମଧ୍ୟ ବମ୍ବେର ଫୁଲଟନେଟ ସଂସ୍ଥା ଜୋରସୋରରେ କାମ କରି ଚାଲିଛନ୍ତି । ନିକଟରେ 'ମା-ବାପ' ଅପ୍ରେଲରେ ରଜତଜୟନ୍ତୀ କରିଥିବା ବାସ୍ତବିକ୍ ଏକ ସୁସଂବାଦ । ଏହା ଭାରତୀୟ ଛବିର ବିକାଶ ସାଧନରେ ଅନେକ ସାହାଯ୍ୟ କରିବ ବୋଲି ଆଶା କରାଯାଏ ।

ଆମ ଦେଶରେ ପ୍ରେକ୍ଷାଳୟଗୁଡ଼ିକର ସଂଖ୍ୟା ବର୍ତ୍ତମାନ ଖୁବ୍ କମ୍ କହିଲେ ଚଳେ । ନୂଆ ସିନେମାଗୃହ ନିର୍ମାଣ ପାଇଁ ଲାଇସେନ୍ସ ଦେବାରେ ସରକାର କୋହଳ ନୀତି ଅବଲମ୍ବନ କରନ୍ତୁ ବୋଲି ବାରମ୍ବାର ଦାବୀ ହୋଇ ଆସୁଛି । ସୁଖର କଥା—ଏ ଦିଗରେ ସରକାର

ବଗୁଲ ବହୁଛନ୍ତି ବୋଲି ବର୍ତ୍ତମାନ ଜଣାପଡ଼େ । ଫଳରେ ଭୁବନେଶ୍ୱର ଶଂକରର୍ଷିଙ୍କ ଚଳନ ଚାଲ ଭିତରେ ସିନେମା ଘର ଗୁଡ଼ିକର ସଂଖ୍ୟା ବଢ଼ିଚାଲିବ ଆଶା କରାଯାଏ ।



ରୂପକଳା ପିକ୍‌ଚର୍ସଙ୍କ 'ଶ୍ରୀମାନ ସତ୍ୟବାଦୀ'ରେ ସୁଧନ୍ୟା ଗଭୁଲ ।

ଏହାଛଡ଼ା ଲୋକଙ୍କ ଚଳଚ୍ଚିତ୍ର ରୁଚିର ମଧ୍ୟ ସଂସ୍କାର ଆବଶ୍ୟକ । ଆମ ଦେଶରେ ବାଜେ ଚିତ୍ରଗୁଡ଼ିଏ ଦେଖି ଦେଖି ଲୋକଙ୍କ ରୁଚି ମଧ୍ୟ ନିମ୍ନସ୍ତରକୁ ଖସି ଆସିଛି । ଲୋକଙ୍କୁ ଚଳଚ୍ଚିତ୍ର ବିଷୟରେ ସଠିକ ଧାରଣା ଦେବା ପାଇଁ ଚିତ୍ରମହୋତ୍ସବ ଆୟୋଜନ କରିବା ପ୍ରତି ଧ୍ୟାନ ଦିଆଯାଉଛି । ସେପ୍ଟେମ୍ବର ମାସରେ ଦିଲ୍ଲୀରେ ଏପରି ଏକ ମହୋତ୍ସବର ଭାରତ ସରକାର ଆୟୋଜନ କରୁଛନ୍ତି । ଏହି ମହୋତ୍ସବଗୁଡ଼ିକର ବହୁଳ ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ ।

## ଜନନୀ ନରଗୀସଙ୍କର ଚିତ୍ରଦୁନିଆରୁ ବିଦାୟ

୩୮ଟି ମଧୁବସନ୍ତକୁ ଅତିକ୍ରମ କରିବା ପରେ କୁମାରୀ ନରଗୀସ ତାଙ୍କଠାରୁ ବୟସରେ ସାନ ସୁନୀଲ ଦତ୍ତଙ୍କୁ ପତିରୂପେ ବରଣ କଲେ । ତା'ପରେ ଜନନୀ ହେବାକୁ ଡେରି ହେଲାନାହିଁ, କିନ୍ତୁ ତା'ବୋଲି ଦ୍ୱିତୀୟ ସନ୍ତାନକୁ ଏତେଶୀଘ୍ର ନିମନ୍ତ୍ରଣ ଜଣାଇବା ପାଇଁ ଭୟ କରୁଥିଲେ ! ସେ ପୁଣି ଅନ୍ତଃସତ୍ତ୍ୱା, ତେଣୁ ନରଗୀସ ପରେ ଚିତ୍ରରେ କାମ କରିବେ ବୋଲି ଯେଉଁ କଳ୍ପନା ଚାଲିଥିଲା, ତାହା ବର୍ତ୍ତମାନ ଫସର ଫାଟିଛି । —ନରଗୀସ ଚିତ୍ରଜଗତରୁ ବିଦାୟ ନେବେ ବୋଲି ଜଣାପଡ଼େ । ହିଁ ଭଲକଥା—କୁମାରୀ ଥିବାବେଳେ କଳାକୁ ପୂଜା କଲେ—ବର୍ତ୍ତମାନ ଜନନୀ ହେଲେ ପରେ ଘର ସମ୍ଭାଳିବେ ନହିଁ ତ କିଏ ବୁଝିବ !

## ନାମବଡ଼ା 'ମୋଗଲେ ଆଜାମ୍'

ଡଃ ଅହିଫ୍‌ଙ୍କୁ ଆଜିର ଚିତ୍ର ନିର୍ମାତା ଓ ଚିତ୍ରଦର୍ଶକ ରୂପେ ଯାହା କହନ୍ତୁ ପଛେ ଜଣେ ହୁସିଆର ଲୋକରୂପେ ମୁଁ ବହୁତ ପ୍ରଶଂସା କରିବ । ଟିକିଏ ଭଲନା ତଳେ ଅଜାଡ଼ୁ ଦଶବର୍ଷ ତଳେ ସେ 'ମୋଗଲେ ଆଜମ୍' ଚିତ୍ରର କାମ ଆରମ୍ଭ କରିଥିଲେ । ଚିତ୍ରର ନାୟକ ନାୟିକା ଦିଲୀପ ଓ ମଧୁବାଳା କ'ଣ ହୋଇ ନାହାନ୍ତି କିନା—ହୋଇଥିଲେ ଏହି ଦଶବର୍ଷ ଭିତରେ ଅନେକ ଜମ୍‌ରର ଗୃହସ୍ଥି ସନ୍ତାନର ପିତାମାତା ହୋଇ ସାରନ୍ତେଣି—କିନ୍ତୁ ଡ. ଅହିଫ୍ ସେମାନଙ୍କୁ ତରୁଣରେ ରଖିପାରିଛନ୍ତି —'ମୋଗଲେ ଆଜମ୍'ରେ ।

ମୋଗଲେ ଆଜାମରେ କୋଟିଏ ଟଙ୍କା ଖର୍ଚ୍ଚ ହୋଇଛି—ବିଜ୍ଞାପନରେ ୨୫ ଲକ୍ଷ ଖର୍ଚ୍ଚ ହୋଇଛି । ଏ ସମସ୍ତ ଅର୍ଥ ଯୋଗାଡ଼ କରିଛନ୍ତି କେ. ଆସିଫ୍—କିପରି କଲେ ପଚାରନ୍ତୁ ନାହିଁ—ସେ ଏକ ବିରାଟ ଇତିହାସ ।

କେ ଆସିଫ- ସାରା ଦେଶରୁ ସାମ୍ବାଦିକମାନଙ୍କୁ ଉଡ଼ାଜାହାଜ ଯୋଗେ-ବମ୍ବେକୁ ଆଣିଥିଲେ । ମୋଗଲେ ଆଜାମର 'ପ୍ରେସ ଶୋ'ରେ ଯୋଗଦେବା ପାଇଁ, ଅତିଥି ସତ୍କାରରେ ଆଡ଼ମ୍ବର କହିଲେ ନସରେ—ତେବେଲ ଏଥିପାଇଁ କୁଆଡ଼େ ଲକ୍ଷେ ଟଙ୍କା ବ୍ୟୟ ହୋଇଛି ।

ଅଗଷ୍ଟ ମାସ ୫ ତାରିଖରେ 'ମୋଗଲେ-ଆଜାମ' ଭାରତର ପ୍ରାୟ ସମସ୍ତ କେନ୍ଦ୍ର ସ୍ଥଳୀରେ ମୁକ୍ତିଲାଭ କରିଛି । ସପ୍ତାହେ ଦୁଇ ସପ୍ତାହ ପୂର୍ବରୁ ଆଡ଼ଭାନ୍ସ ବୁକିଂ ଆରମ୍ଭ ହୋଇ ପାରିଥିଲା । ବୁକିଂରେ ଯେପରି ଭିଡ଼ ହୁଏ—ଲୋକଙ୍କୁ ଆକୃଷ୍ଟ କରିବାଭଳି ସମ୍ଭାବ୍ୟ ପ୍ରକାଶ ପାଏ—ତାର ବନ୍ଦୋବସ୍ତ ମଧ୍ୟ କେ. ଆସିଫ କରିଥିଲେ ।

ଏହି ସବୁ ଖବର ଶୁଣି ଆପଣ ହୁଏତ ପଚାରିବେ—ଛବିଟି କିପରି ହୋଇଛି—ଥରେ ଦେଖିଲେ ଚଳନ୍ତା କି ? ଏହାର ଉତ୍ତରରେ ମୁଁ କେବଳ ଏତିକି କହିବି— "ଆଜ୍ଞା, ସେ'ଟା ଗୋଟାଏ ଦିଲ୍ଲୀ କା ଲଡ୍ଡୁ !

## ପ୍ରସ୍ତୁତ ପଥେ—

'ମୋଗଲେ ଆଜାମ' ପରି ଆଉ ଗୋଟାଏ ଚିତ୍ର ମଧ୍ୟ ଇତିହାସ ସୃଷ୍ଟି କରିଛି—ତାର ନାମ— 'ଅଂଗୁଲିମାଳା' । ଆଜକୁ ପ୍ରାୟ ପାଞ୍ଚ ଛଅ ବର୍ଷ ଧରି ଏହି ରଂଗିନ ଚିତ୍ରର ନିର୍ମାଣ କାମ ଚାଲିଛି । ଆଇ ଇନ୍‌ଫରମେସନ ସର୍ଭିସଙ୍କ ଏହି ଚିତ୍ରରେ ନିମ୍ମୀ, ଭାରତଭୂଷଣ ଓ ଅନୀତା ଗୁହ ମୁଖ୍ୟ ଭୂମିକାରେ କାମ କରୁଛନ୍ତି । ନିର୍ଦ୍ଦେଶକ ବିଜୟ ଭଟ୍ଟ । ସଂଗୀତ—ଅନିଲ ବିଶ୍ୱାସ । ଶୁଣାଯାଏ ଖୁବ୍ ଶୀଘ୍ର ଏହାର ଟେକ୍‌ନିକଲର ପ୍ରିଣ୍ଟ୍ ଲଣ୍ଡନରୁ ଆସି ପହଂଚିବ । ତା' ପରେ ମୁକ୍ତିର ଆୟୋଜନ କରାଯିବ ।

❋ ❋ ❋

ସଦାଶିବ ଜେ ରାଓ କବି ତାଙ୍କର ମରାଠୀ ଚିତ୍ର 'ବାହୁଲୀ ଗୁ କାଂଗଡ଼ୀ' ଯୋଗୁଁ ଦେଶ ବିଦେଶରେ ଖ୍ୟାତିଲାଭ କରିଛନ୍ତି । ଶୁଣାଯାଏ

ଏହି ଚିତ୍ରର ହିନ୍ଦି ସଂସ୍କରଣ ସେ ଶୀଘ୍ର ଆରମ୍ଭ କରୁଛନ୍ତି । ହିନ୍ଦି ଚିତ୍ରର ନାମ 'ଜସ ଜେ ଜେହୁଁ ମା' ରଖା ଯାଇଛି । ମୁଖ୍ୟ ଭୂମିକାରେ ମୀନାକୁମାରୀ ଅଭିନୟ କରିବେ ।

* * *

କେତେକ ଅନ୍ଧ ବିଶ୍ୱାସ ତ୍ୟାଗ କରିବା ପାଇଁ ମୁହୂର୍ତ୍ତରେ ଆଗମନ କରୁଛନ୍ତି—କିନ୍ତୁ ପ୍ରକୃତରେ କେଉଁ ପରିମାଣରେ ଅନ୍ଧ ବିଶ୍ୱାସ ସମସ୍ତଙ୍କୁ ଗ୍ରାସ କରିଛି । ଡ଼ଃ ନରେନ୍ଦ୍ର ଟେଲ—କହେନର ଗପ୍ପା ଭିତରେ ଜ୍ୟୋତିଷୀମାନଙ୍କର ଏହିପରି ଅସ୍ଥାନ ରହିନଥାନ୍ତା—ସେ ଯାହାହେଉ, ଚିତ୍ର ଦୁନିଆରେ ଅନ୍ଧ ବିଶ୍ୱାସର ମଜାଦାର ଛିଟିଏ ଅଛି । ବର୍ମ୍ମାତା-ମଧୁପତ ରାମୁ ଶାସ୍ତ୍ରୀ ତାଙ୍କର ନୂଆ ଚିତ୍ର 'ଶ୍ରୀମାନ ସତ୍ୟବାଦୀ'ରେ କେବଳ ଛଅଟି ଗୀତ ରଖିଥିଲେ । କିନ୍ତୁ ଶ୍ରୀମାନ ସାତ୍ୱା ଛଅ ନମ୍ବରକୁ ଭୟ କରନ୍ତି—ସେ'ଠା କୁଆଡ଼େ ଅମଙ୍ଗଳ-ସୂଚକ । ତେଣୁ ବାଧ୍ୟ ହୋଇ ଶ୍ରୀମାନ ସତ୍ୟବାଦୀରେ ଆଉ ଗୋଟାଏ ଗୀତ ଭର୍ତ୍ତି କରିବାକୁ ପଡ଼ିଲା ।

* * *

ଜନିର୍ଣ୍ଣ୍ୟାକର ଅଭିକାଳ ନିଜର କୁଟୁମ୍ବକୁ ଚିତ୍ରଜଗତରେ ପରିଚିତ କରାଇବା ଚେଷ୍ଟା ଚଳାଇଛନ୍ତି । ତାଙ୍କର ଭାଇ ଠନିର୍ଣ୍ଣ୍ୟ ଭର ଏକ ନୂଆ ଚିତ୍ର 'ଓ୍ୟାଣାଭ' ନିର୍ମାଣ କରୁଛନ୍ତି, ଯାହାର ନାୟକ ଭୂମିକାରେ ଓଛଃଭଇ ବାଜସ୍ତ କାମ କରିବେ ।

* * *

ବିଶ୍ୱକଳାମନ୍ଦିର ନାମକ ଏକ ନୂଆ ସଂସ୍ଥା କଟକରେ ମୁଣ୍ଡ ଟେକିଛି । ସେମାନଙ୍କ ପ୍ରଥମ ଚିତ୍ର ହେବ 'ଧରଣୀ ତୋ ଆକାଶ ସୁକାରେ', ସଂଗୀତ—କଲ୍ୟାଣଜୀ ଆନନ୍ଦଜୀ, ଭୂମିକାରେ—ନାଜ, ସୁରେଶକୁମାର ଓ ଭଗବାନ ।

## ବିଦେଶ ଖବର—

ଏକ ଶୋକ ସମ୍ବାଦ—ଆମେରିକାର ଅନ୍ୟତମ ପ୍ରମୁଖ ଚିତ୍ର ପ୍ରତିଷ୍ଠାନ 'ଟ୍ୱେଣ୍ଟିଏଥ୍ ସେଞ୍ଚୁରୀ ଫକ୍ସ୍'ର ପ୍ରଧାନ ପରିଚାଳକ ବଡ଼ି ଏଲିଟ୍ରଙ୍କ ଦେହାନ୍ତ ଏହି ବର୍ଷ ଜୁଲାଇ ମାସ ଚାରି ତାରିଖ ଦିନ ହୋଇଯାଇଛି ।



ସାହୁଲ ଥିଏଟରଙ୍କ 'ସ୍ୱପ୍ନ ରାଣୀ ଶ୍ରେତସ୍ୱ ଓ ରାଜା'ଠାର ନଗରବାଳା ଜ୍ୟୋତି

ସାଧାରଣ ଗଳ୍ପ ଲେଖକ ରୂପେ କର୍ମ-ଜୀବନ ଆରମ୍ଭ କରି ଶ୍ରୀମନ ଜାନ୍ତ କର୍ମନିପୁଣତା ବଳରେ ଏହି ଉଚ୍ଚ ସ୍ଥାନ ଲାଭ କରିଥିଲେ । ତାଙ୍କର ଅନେକ ଚିତ୍ର ଅସ୍କାର ପୁରସ୍କାର ଲାଭ କରିଥିଲା । ଶ୍ରୀଜାନ୍ତ ୧୯୦୯ ସାଲରେ ନ୍ୟୁୟର୍କରେ ଜନ୍ମଗ୍ରହଣ କରିଥିଲେ ।

❊ ❊ ❊

କୋଟି କୋଟି ଟଙ୍କା ବ୍ୟୟ କରି ଏମ୍ ଜି ଏମ୍ ବିଶ୍ୱବିଖ୍ୟାତ 'ବେନ୍ ହୁର'କୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି । ଏହି ଚିତ୍ରରେ ଦେଖା ଦେଇଥିବା ରଥ ଦୌଡ଼ ୧୫ ମିନିଟ ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେବ । ଏହି ଦୃଶ୍ୟ ସଜ୍ଜା ପାଇଁ ପୂରା ବର୍ଷେ ଲାଗିଥିଲା ଏବଂ ଚିତ୍ର ଗ୍ରହଣ ପାଇଁ ପ୍ରାୟ ତିନିମାସ ଲାଗିଥିଲା ।

❊ ❊ ❊

ଭାରତରେ ଯେଉଁମାନେ କହନ୍ତି—ଏତେ ବୁଢ଼ା ହେଲା ପରେ ଅଶୋକକୁମାର ବା ଶାନ୍ତାରାମ କାହିଁକି ନାୟକ ଭୂମିକାରେ ଅଭିନୟ କରୁଛନ୍ତି—ସେମାନଙ୍କର 'ନେଭେର-ସେ-ଡାଇ' ଚିତ୍ର ଦେଖିବା କଥା । ଏହି ଚିତ୍ରର ନାୟକ ସ୍ପେନ୍ସର ଟ୍ରେସି ୬୭ ବର୍ଷ ଟପିଗଲେଣି—ତଥାପି ପ୍ରଣୟକୁ ଏତେ ମଧୁର କରି ଚିତ୍ରରେ ରୂପ ଦେଇଛନ୍ତି ଯେ—ଯେ କେହି ମଧ୍ୟ ତାଙ୍କ ପ୍ରେମରେ ପଡ଼ିଯିବ । କେତେକ ଲୋକ ଏ କଥା-ନିଜେ ଦେଖି ତଥା ଅଭିନୟକୁ ନିପୁଣ କରିବା ପାଇଁ ପାଶ୍ଚାତ୍ୟର ଶିଳ୍ପୀମାନେ ଦୃଷ୍ଟି ଦିଅନ୍ତି—ଭାରତରେ କିନ୍ତୁ ସେତେକ ବିରଳ ରିତା ହେୱର୍ଥ ଓ ଲିଣ୍ଡା ଡାର୍ନେଲ୍, ବୋଧହୁଏ ସମବୟସୀ—କିନ୍ତୁ ରିତାଙ୍କୁ ଦେଖନ୍ତୁ—'ଷ୍ଟୋରି ଅନ୍ ପେଜ ୱାନ୍'ରେ ଯୁବକ ମନକୁ ଭୁଲାଇବା ପାଇଁ ସବୁ ସାମଗ୍ରୀ ତାଙ୍କର ରହିଛି । ଆଉ ଆମର ସୁଚିତ୍ରା—ତାଙ୍କର ଝିଅ ପରି ହେବ—ଅଥଚ ବିଦୁଷୀ ମାଆ ଭୂମିକାରେ ବୋଧହୁଏ ସେହିଭଳି ଢଙ୍ଗରେ ଦେଖାଦେବ ।

———

# ସପ୍ତଦଶ ଅଲିମ୍ପିକ କ୍ରୀଡ଼ା ପ୍ରତିଯୋଗିତା

ରୋମରେ ଅନୁଷ୍ଠିତ ହୋଇଥିବା ୧୮ ଦିନ ବ୍ୟାପୀ ସପ୍ତଦଶ ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା ଅତ୍ୟନ୍ତ ପୂର୍ଣ୍ଣ ସଫଳତାରେ ଗତ ୧୧ ତାରିଖ ସମାପ୍ତ ହୋଇଛି । ମାତ୍ର ୧୯୫୨ରେ ଯୋଗ ଦେଇଥିଲେ ମଧ୍ୟ ରୁଷିଆ ୪୩ଟି ସ୍ୱର୍ଣ୍ଣପଦକ ଲାଭ କରି ଶ୍ରେଷ୍ଠତ୍ୱ ଲାଭ କରିଛି । ତା ପଛକୁ ରହିଛି ଆମେରିକାର ସ୍ଥାନ । ୩୪ଟି ସ୍ୱର୍ଣ୍ଣ ପଦକ ପାଇଛି ଆମେରିକା ।

କ୍ରୀଡ଼ା ସମାପ୍ତି ପରେ ୧ ଲକ୍ଷ ଦର୍ଶକଙ୍କ ସମ୍ମୁଖରେ ଉଡ଼ନ୍ତୀୟମାନ ଅଲିମ୍ପିକ୍ ପତାକା ଧୀରେ ଧୀରେ ତଳକୁ ଖସି ଆସିଲା । ଷ୍ଟାଡିୟମ ଉପରେ ଦୀପ୍ତିମାନ ଅଲିମ୍ପିକ୍ ମଶାଲ ନିର୍ବାପିତ ହୋଇଗଲା । ୪ ବର୍ଷ ପରେ ପୁଣି ପରେ ତାହା ପ୍ରାଚ୍ୟ ନଗରୀ ଟୋକିଓରେ ବାରହୂର ଆକାଶରେ ପ୍ରଜ୍ଜ୍ୱଳିତ ହୋଇ ଉଠିବ ।

ଏହି ସପ୍ତଦଶ ଅଲିମ୍ପିକ ପ୍ରତିଯୋଗିତାରେ ଯୋଗ ଦେଇଥିବା ୮୫ଟି ଦେଶ ମଧ୍ୟରୁ ଆମେରିକା, ଇଟାଲି, ରୁଷିଆ, ଜର୍ମାନୀ, ଅଷ୍ଟ୍ରେଲିଆ, ତୁର୍କୀ ଆଦି ଦେଶ ନିଜର ଗୌରବର ପରମ୍ପରା ଅକ୍ଷୁଣ୍ଣ ରଖିଥିବା ସ୍ଥଳେ ଭାରତର ଗୌରବ ଭୂଲୁଣ୍ଠିତ ହେଲା । ଗୋଟିଏ ହେଲେ ସ୍ୱର୍ଣ୍ଣପଦକ ସେ ଲାଭ କରି ପାରିନାହିଁ । ଉପରୋକ୍ତ ବିଜୟୀ ଦେଶ ବ୍ୟତୀତ ଆଫ୍ରିକାର ଅନେକ ଦେଶ ଜାତୀୟ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନୂତନ ରେକର୍ଡ଼ ସୃଷ୍ଟି କରିଛନ୍ତି । କିନ୍ତୁ ୪୦ କୋଟି ଜନତାର ଦେଶ ଭାରତ ନୂଆ ରେକର୍ଡ ସୃଷ୍ଟି କରିବା ତ ଦୂରର କଥା, ବିଗତ ପ୍ରତିଯୋଗିତାରେ ପ୍ରତିବର୍ଷ ପାଇ ଆସୁଥିବା ସ୍ୱର୍ଣ୍ଣ ପଦକଟି ମଧ୍ୟ ହରାଇ ବସିଲା ।

ଅବଶ୍ୟ ଅଲିମ୍ପିକରେ ଯୋଗଦେବା ଯେ କୌଣସି ଦେଶ ପକ୍ଷରେ ଗୁରୁତ୍ୱର କଥା-ପୁରସ୍କାରଟା ସେଠାରେ ଗୌଣ । ଭାରତ କୌଣସି ସ୍ୱର୍ଣ୍ଣ-ପଦକର ଅଧିକାରୀ ନହେଲେ ମଧ୍ୟ କ୍ରୀଡ଼ା ନୈପୁଣ୍ୟରେ ତା'ର କୃତିତ୍ୱ ଉଲ୍ଲେଖଯୋଗ୍ୟ । ବିଶେଷ କରି ଆଥଲେଟ ମିଲ୍‌ଖା ସିଂହଙ୍କ ୪୦୦ ମିଟର ଦୌଡ଼ ଏକ ସ୍ମରଣୀୟ ଘଟଣା ।

ପରବର୍ତ୍ତୀ ଅଲିମ୍ପିକ ପ୍ରତିଯୋଗିତାରେ ଭାରତ ଯେପରି ବିଶ୍ୱ ରେକର୍ଡ ସୃଷ୍ଟି କରେ ଏଥିପାଇଁ ତାର ଆୟୋଜନ ହେବା ଉଚିତ ।

—❊—

## ଅଲିମ୍ପିକ ପଦକ ବିଜୟୀ ଦେଶ ସମୂହ

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ |
|---|---|---|---|
| ରୁଷିଆ | ୪୩ | ୨୯ | ୩୧ |
| ଆମେରିକା | ୩୪ | ୨୧ | ୧୬ |
| ଇଟାଲି | ୧୩ | ୧୦ | ୧୩ |
| ଜର୍ମାନୀ | ୧୨ | ୧୯ | ୧୧ |
| ଅଷ୍ଟ୍ରେଲିଆ | ୮ | ୮ | ୬ |
| ତୁର୍କି | ୭ | ୨ | ୦ |
| ହଙ୍ଗେରୀ | ୬ | ୮ | ୭ |
| ଜାପାନ | ୪ | ୭ | ୭ |
| ପୋଲାଣ୍ଡ | ୪ | ୬ | ୧୧ |
| ଚେକୋସ୍ଲୋଭାକିଆ | ୩ | ୨ | ୩ |
| ରୁମାନିଆ | ୩ | ୧ | ୬ |
| ବ୍ରିଟେନ | ୨ | ୬ | ୧୨ |
| ଡେନମାର୍କ | ୨ | ୩ | ୧ |
| ନିଉଜିଲାଣ୍ଡ | ୨ | ୦ | ୧ |
| ବୁଲଗେରିଆ | ୧ | ୩ | ୩ |
| ସୁଇଡେନ | ୧ | ୨ | ୩ |
| ଫିନଲାଣ୍ଡ | ୧ | ୨ | ୩ |
| ଅଷ୍ଟ୍ରିଆ | ୧ | ୧ | ୦ |
| ଯୁଗୋସ୍ଲାଭିଆ | ୧ | ୧ | ୦ |
| ପାକିସ୍ଥାନ | ୧ | ୦ | ୧ |
| ନରୱେ | ୧ | ୦ | ୧ |
| ଇଥିଓପିଆ | ୧ | ୦ | ୦ |
| ଗ୍ରୀସ୍ | ୧ | ୦ | ୦ |

—*—

Sri Bidyadhar Jena
4/235, Sector-17
Rourkela-3

ରହସ୍ୟ-ରୋମାଞ୍ଚ ଉପନ୍ୟାସର

ଏକ ବ୍ୟତିକ୍ରମ

# ଶଙ୍ଖବିଷ

ଭୂପେନ ଗୋସ୍ୱାମୀ

ରାଉରକେଲା

ଜନ-ସାହିତ୍ୟ ପ୍ରକାଶନୀ

ବଙ୍ଗାଳିସାହି, କଟକ—୧

ପୂଜା ସଂଖ୍ୟା

# ମୌସୁମୀ

—ଲେଖୁଛନ୍ତି—

ଅନନ୍ତ ପଟ୍ଟନାୟକ, ବେଣୁଧର ରାଉତ, ବିପିନ ବିହାରୀ ମହାନ୍ତି, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ମହାପାତ୍ର, ହରିହର ମିଶ୍ର, ଯୋଗେନ୍ଦ୍ର ପଟ୍ଟନାୟକ, ଶରତ୍ ମହାପାତ୍ର ।

ଅଫିସ: ବଙ୍ଗାଳୀସାହି, କଟକ-୧

ମୂଲ୍ୟ—ପଚାଶ ନୂଆ ପଇସା

ଏ-ଦୁଇଟି ପ୍ରଶ୍ନ ପଛରେ ଅଙ୍କ ମଧ୍ୟ ଅସୁଥିଲା ସେହିପରି
ନା ।

ସୁବୁଦ୍ଧିଙ୍କର ପ୍ରାଇଭେଟ୍ ଚେମ୍ବରର ପର୍ଦ୍ଦାଟିକୁ ଅପସାରଣ
ଝଙ୍କିମାତ୍ର ଦେଖିଲେ ଡାକ୍ତର ନାହାନ୍ତି ।

କଣ ଏତେ ବଡ ମନୁଷ୍ୟଟି ଆଉ ନାହାନ୍ତି ? ବିଶେଷତଃ
ଶନ୍ତ ପାଞ୍ଚ ମିନିଟ୍ ପୂର୍ବରୁ ସତର ନମ୍ବର କେବିନ୍‌ରେ ଥିବା
ଭାଗମାଇନ୍ ଦେଇ ମୁହଁରେ ଗୋଟିଏ ମୋଟା ଚୁରୁଟ
ର ଆଡ଼େ ଫେରୁଛନ୍ତି ବୋଲି । ତେଣୁ ଏହା ସ୍ୱୀକାର
ବ ଯେ ସେ ନଥିଲେ ସୁଦ୍ଧା ଅଛନ୍ତି ।

ଚେୟାରରେ ମୁଣ୍ଡଟିକୁ ରଖି ସ୍ଥିରଭାବେ ବସିଛନ୍ତି
କାହା କ । ସମ୍ମୁଖସ୍ଥ ଷ୍ଟେଟ ଟେବୁଲଟି ଉପରେ ଥିବା ଆସ୍-ଟ୍ରେ
କାହା ଟି ରହି ଏ ପର୍ଯ୍ୟନ୍ତ ଧୂମୋଦ୍‌ଗୀରଣ କରୁଛି । ବାଁ-ହାତଟି
ଅଟେଗଣ । ପଡ଼ିଛି ଟେଲିଫୋନ୍‌ଟି ଉପରେ । ହୁଏତ କାହାକୁ
ଜବତାର ଙ୍କିବାକୁ ଯାଇଥିଲେ । ସେକ୍ରେଟେରିଏଟ୍ ଟେବୁଲଟିରେ
ଅନୁପମ ଥିବା ଅନ୍ୟ ଗୋଟିଏ ଷ୍ଟେଟ ଟେବୁଲ ଉପରେ ପ୍ଲେଟଟିରେ
ଡାଲସଜ ରହିଥିଲା । ଦେଖିଲେ ମନେହୁଏ ଅଗରୁ
ସୁବ୍ରତ, ଡାକ୍ତ ସେ । ଷ୍ଟେଟ ଗୋଟିଏ ଗ୍ଲାସରେ ଅଧଗ୍ଲାସ ପାଣି ।
ସୁବୁଦ୍ଧି…ଏତେ
କିପରି ? ଛୋଟା କାଜସବୁ ଯାହା ଯେଉଁଠି ରହିବା କଥା ରହିଛି ।
ଡାକ୍ତ ଏଲ ହ୍ରାଣ ନାହିଁ ଡାକ୍ତର ଦବାକର ସୁବୁଦ୍ଧିଙ୍କର ଶରୀରରେ ।
ମ ପ୍ରତ ଦେଖିଲେ । ଗମ୍ଭୀରଭାବେ କହିଲେ ଅହି ସମ୍ମୁଖରେ ପଡ଼ିଥିବା
ନି ଷ୍ଟ୍ରେଚାରଟିରେ ।

କଦର୍ଥ କେତେବେଳେ ସ୍ତବ୍ଧ ମୁହୂର୍ତ୍ତି ଅତିବାହିତ ହେଲା । କଣ ଯେପରି
ଲାଛି ସୁବ୍ରତ ।

ଗ୍ରହଣ ଡାକ୍ତର ଅନୁପମ ସିଂହ ପ୍ରବେଶ କଲେ ଚେମ୍ବାରଟି ଭିତରେ ।
ଅର୍ଜନ ଟିକିଏ ଅଗରୁ ସୁବ୍ରତ ସାଙ୍ଗରେ କଥାବାର୍ତ୍ତା କରୁ କରୁ ଡାକ୍ତର
ଭୌ ଘିଙ୍କର ଚେମ୍ବାର ପାଖପଏ ଅସି ସୁବ୍ରତଙ୍କୁ ଛାଡ଼ିଦେଇ ସେଗୀ ଦେଖିବା
ରହି ପାଇଁ ନମ୍ବର କେବିନ୍‌କୁ ଯାଇଥିଲେ ଅନୁପମ ।

ଜନ

ପର୍ଦ୍ଦା ଅଡ଼େଇ ଅନୁପମ କହିଲା—ସାର୍, ୧୦ଅ ନମ୍ବର କେବିନ୍‌ରେ…

— ସେ ଆଉ ଶୁଣି ପାରିବେ ନାହିଁ ଅନୁପମ…କହିଲା ସୁବ୍ରତ ।

ଅନୁପମ ବୋକାଙ୍କ ପରି କେତେଟା ମୁହୂର୍ତ୍ତ ସୁବ୍ରତ ଆଡ଼କୁ ଚାହିଁଲା । ଧୀରେ ଧୀରେ ବୋକା-ଦୃଷ୍ଟି ତା'ର କ୍ରମେ ସ୍ୱାଭାବିକ ହୋଇ ଆସିଲା । ତତ୍‌ପର ଗତିରେ ଚେୟାରଟି ପାଖକୁ ଯାଇ ଅସହାୟ ଭାବେ ପଡ଼ିଥିବା ହାତଟିକୁ ଧରି ପରୀକ୍ଷା କରିବାକୁ ଲାଗିଲା ।

— କଣ ଦେଖିଲ ?…ସୁବ୍ରତ ପ୍ରଶ୍ନକଲା ।

— ମୃତ…

— କେତେବେଳ ହବ, କିଛି ଅନୁମାନ କରି ପାରୁଛ ?

— ପ୍ରାୟ ଦଶମିନଟ୍ ହେବ ।

— ହୁଁ । ଅନ୍ୟ ଡାକ୍ତରମାନଙ୍କୁ ଡାକ । ଥାନାକୁ ଫୋନ୍‌ରେ ଖବରକଥା ଜଣାଇ ଦିଅ…କଥାଗୁଡ଼ିକ ବହୁତ ଦୂରରୁ ଭାସି ଆସିଲା ପରି ମନେହେଲା ।

ଅନୁପମ [illegible] ଥାନାକୁ ଫୋନ୍ କରିବାକୁ ଲାଗିଲା ।

ପନ୍ଦର ମିନଟ୍ ଭିତରେ ଜିପରେ ଆସି ପହଞ୍ଚିଲେ ଥାନାର ଭାରପ୍ରାପ୍ତ ଅଫିସର ବିକାଶ ଚୌଧୁରୀ । ସୁବ୍ରତର ଅତି ପରିଚିତ ଏହି ଅଫିସର ଜଣକ । ପ୍ରକୃତ କର୍ମୀ । ଯୋଗ୍ୟତମ ପୁଲିସ-ଅଫିସର ବୋଲି ସୁବ୍ରତ ନିଜେ ସ୍ୱୀକାର କରେ । [illegible]-କନେଷ୍ଟବଲରୁ ନିଜର ଦକ୍ଷତାରେ ଏତେଦୂର ଆଗେଇଛନ୍ତି ସେ । ଗୋଟାଏ ସ୍ମଗ୍‌ଲିଂ କେସ୍‌ରେ ବିକାଶ ବାବୁଙ୍କ ସହିତ ପରିଚୟ ଘଟିଥିଲା ତା'ର ।

ଘର ଭିତରେ ପ୍ରବେଶ କରି ସୁବ୍ରତକୁ ଦେଖି ବିକାଶବାବୁ କହିଲେ— ଆପଣଙ୍କୁ ଯେ ଏଠାରେ ଦେଖିପାରିବି ଏହା ମୁଁ ଆଶା କରି ନ ଥିଲି ସୁବ୍ରତ ବାବୁ ! କଣ ଦେଖିଲେ କହନ୍ତୁ ?…

ସୁବ୍ରତ କହିଲା—ଅବଶ୍ୟ ଆଗେ ମୁଁ ଡାକ୍ତର ସୁବୁଦ୍ଧିଙ୍କୁ ମୃତାବସ୍ଥାରେ ଦେଖିଛି । ଆପଣ ଆପଣଙ୍କର କାର୍ଯ୍ୟ ଆରମ୍ଭ କରନ୍ତୁ ମିଃ ଚୌଧୁରୀ…

ମୃତ ଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦେବାଲାଗି ବନ୍ଦୋବସ୍ତ କଲେ ବିକାଶବାବୁ ।

ଅଲଗା ଗୋଟିଏ କୋଠରୀରେ ବସି ସୁବ୍ରତ ଓ ବିକାଶ ପ୍ରତ୍ୟେକର ଜମାନବନ୍ଦୀ ଲେଖିବାକୁ ଲାଗିଲେ ।

ଆରୋଗ୍ୟନିକେତନର ସହକାରୀ କର୍ମକର୍ତ୍ତା ଅନୁପମ ସିଂହର ଜମାନବନ୍ଦୀ ଆଗେ ନିଆଗଲା । ଅନୁପମ କହିଲା—ସୁବ୍ରତବାବୁଙ୍କ ଆସିବା ପନ୍ଦରମିନିଟ୍ ଆଗରୁ ଡାକ୍ତର ସୁବୁଦ୍ଧି ସତର ନମ୍ବର ବେଡ୍‌ରେ ରୋଗୀକୁ କୋରାମାଇନ୍ ଇନ୍‌ଜେକ୍ଟ କରୁଥିଲେ, ଅନୁପମ ମଧ୍ୟ ତାଙ୍କୁ ସାହାଯ୍ୟ କରୁଥିଲା । ଡାକ୍ତର ସୁବୁଦ୍ଧି ବେସିନ୍‌ରେ ହାତ ଧୋଉଥିବା ଦେଖି ସେ ଚାଲିଆସିଥିଲା ଅନ୍ୟ ରୋଗୀପାଖକୁ । ଡାକ୍ତର ସୁବୁଦ୍ଧିଙ୍କୁ ସେ ଆଉ ଦେଖିନାହିଁ ।

ଅନ୍ୟଜଣେ ଚକ୍ଷୁସ୍ତକ ଡାକ୍ତର ପ୍ରବୋଧ ଅଧିକାରୀ ଆସି ଠିଆହେଲେ । ସେ ଆସିଥିଲେ ମିଠାବେଳେ ଅନୁପମ ଫିଲୁ ଅଫ୍ କରିବା ଲାଗି । "ବିପଦ କଥା" ଆରୋଗ୍ୟ ନିକେତନର ଫାଟକ ପାଖରେ ଦାରୱାନ ପାଖରୁ ସବୁକଥା ଶୁଣି ସେ ସିଧା ସିଧା ଏଠାରେ ଆସି ପହଞ୍ଚିଛନ୍ତି । ସୁତରାଂ ତାଙ୍କର ଜମାନବନ୍ଦୀ ହତାଶବ୍ୟଞ୍ଜକ ।

ଆସିଲେ ନର୍ସମାନେ ।

ମେଟ୍ରନ୍ ସୂର୍ଯ୍ୟକୁମାରୀ କହିଲା—ସ୍ୱାଭାବିକଭାବେ ସବୁ କାମ ଚାଲୁଥିଲା । ତେବେ ଆଜି ସକାଳୁ ଡାକ୍ତର ସୁବୁଦ୍ଧି ଟିକିଏ ଗମ୍ଭୀର ଥିଲାପରି ଜଣା ଯାଉଥିଲେ । କାଲି ଗୋଟିଏ ରୋଗୀର ବ୍ରେନ୍ ଡାକ୍ତର ସୁବୁଦ୍ଧି ନିଜେ ଅପରେସନ୍ କରିଥିଲେ । ଆଜି ସୂର୍ଯ୍ୟକୁମାରୀଙ୍କୁ ସେହି ରୋଗୀର ଚାର୍ଟ ଆଣିବାକୁ କହିଥିଲେ ଓ ଚାର୍ଟ ଦେଖି ଯଥାଯଥ ମନ୍ତବ୍ୟ ମଧ୍ୟ ପ୍ରକାଶ କରିଥିଲେ । ଏତିକିବେଳେ ଜଣେ ଲୋକ ଡାଲସଜ ମୁଣ୍ଡେଇ ରାସ୍ତାରେ ଡକ ଡାକି ଯାଉଥିଲା, ଡାକ୍ତର ସୁବୁଦ୍ଧି ତାଙ୍କର ଭୃତ୍ୟକୁ ତାଙ୍କ ଡାଲସଜ କିଣିବା ଲାଗି କହିଥିଲେ । ତାପରେ ଆଉ ଡାକ୍ତରଙ୍କ ସହିତ ତାର ଦେଖା ହୋଇନାହିଁ ।

କିନ୍ତୁ ଏହାପରେ ନର୍ସ ସରୋଜିନୀ ସହିତ ଡାକ୍ତର ସୁବୁଦ୍ଧିଙ୍କର ଦେଖା ହୋଇଥିଲା । ସରୋଜିନୀ ଆଠଟାବେଳେ କବିତାକୁ ଅଫ୍ କରିବାଲାଗି ଆସିଥିଲେ । ଅଫିସ ରୁମ୍ ରେ ହାଜିରା-ଖାତା ନ ପାଇ ଦରୱାନ୍ ହୀରା ସିଂକୁ ହାଜିରା-ଖାତା କଥା ପଚାରିଥିଲେ ।

ସାଷ୍ଟାଙ୍ଗ ପ୍ରଣାମ କରି ହୀରା ସିଂ ଜଣାଇଲା ଯେ କବିତା ଦେବୀ ଖାତା ଧରି ବଡ଼ ସାହେବଙ୍କ ପାଖକୁ ଯାଇଛି ।

ସରୋଜିନୀ ଦେଖିଲେ ଡାକ୍ତର ସୁବୁଦ୍ଧିଙ୍କର ଟେବୁଲ ଉପରେ ଖାତାଟି ଖୋଲା ଅବସ୍ଥାରେ ଅଛି । ଡାକ୍ତର ଚେୟାରରେ ବସି ଆଖି ବୁଜି ଚୁରୁଟ୍ ଟାଣୁଛନ୍ତି । କବିତା ଆଲମାରୀରୁ ଗୋଟିଏ ଫାଇଲ ବାହାର କରି ଡାକ୍ତରଙ୍କର ଟେବୁଲ ପାଖକୁ ଆସି କହିଲା—ଫାଇଲ୍ ଟି ପାଇଛି ସାର୍...

ସେହିପରି ଆଖିବୁଜି ଚୁରୁଟ୍ ଟାଣୁଥିବା ଅବସ୍ଥାରେ ଡାକ୍ତର କହିଲେ, ଫାଇଲ୍ ଟିକୁ ରଖିଦେଇ ତୁମେ ଯାଅ...

କବିତା ଫାଇଲଟିକୁ ଟେବୁଲ ଉପରେ ରଖିଦେଇ ଚେମ୍ବରରୁ ବାହାରି ଆସିଲା । ସରୋଜିନୀ ହାଜିରା-ଖାତାରେ ଦସ୍ତଖତ ଦେଇ ଡିଉଟି କରିବାକୁ ଚାଲି ଆସିଲେ ।

ନର୍ସ ସୁଶୀଳାର ଜବାନବନ୍ଦୀରେ ସମସ୍ତେ ହତାଶ ହେଲେ ।

ଶ୍ୟାମଳୀର ସାକ୍ଷ୍ୟରୁ ବିଶେଷ କିଛି ସଂଗ୍ରହ ହୋଇ ପାରିଲା ନାହିଁ ।

ଦରୱାନ୍ ହୀରା ସିଂ ଡରି ଡରି ହୋଇ ଅନେକ କିଛି କହିଗଲା—

ସକାଳ ସାଢ଼େ ଆଠଟା ବେଳେ ଡାକ୍ତର ସୁବୁଦ୍ଧି ସବୁଦିନପରି ଯେତେବେଳେ ୱାର୍ଡଗୁଡ଼ିକ ପରିଦର୍ଶନ କରୁଥିଲେ, ନୂଆ ହୋଇ ଆସିଥିବା ରୋଗୀ ମାଧବବାବୁଙ୍କ ସହିତ ତାଙ୍କର ଖୁବ୍ ତର୍କ ଚାଲିଥିଲା । ମାଧବବାବୁ ଉତ୍ତେଜିତ ହୋଇ ବଡ଼-ସାହେବଙ୍କୁ ଗାଳି ଦେଉଥିଲେ । ଦୁଇଜଣ ୱାର୍ଡବୟ ଆସି ମାଧବବାବୁଙ୍କୁ ଅନ୍ୟ ଗୋଟିଏ ୱାର୍ଡକୁ ନେଇଗଲେ ।

ମାଧବବାବୁଙ୍କ ସମ୍ବନ୍ଧରେ ଯାହା ଶୁଣାଗଲା ତାହା ହେଉଛି ସେ ଜଣେ ଧନୀ ପରିବାରର ସନ୍ତାନ । ସାଙ୍ଘାତିକ ରୋଗରେ ପଡ଼ି ଚିକିତ୍ସା ଲାଗି

ଏଠାକୁ ଆସିଛନ୍ତି । ଅନୁପମ ସେତେବେଳେ ତାଙ୍କୁ ମର୍ଫିଆ ଦେବାକୁ ଯାଇଥିଲା ।

ପୁଲିସ ଅଫିସର ବିକାଶ ଚୌଧୁରୀ ପଚାରିଲେ, ମାଧବବାବୁଙ୍କୁ ଏପରି ଅବସ୍ଥାରେ କିଛି ପଚରା ଯାଇ ପାରେ କି ନା ।

ଅନୁପମ ଉତ୍ତର ଦେଲା—ନା, ସମ୍ଭବ ନୁହେଁ । ତାଙ୍କୁ ବିରକ୍ତ କରିବା ଆଉ ଠିକ ନୁହେଁ । ମର୍ଫିଆ ଦିଆ ହୋଇଥିବା ହେତୁ ସେ ବର୍ତ୍ତମାନ ତନ୍ଦ୍ରା ଅନୁଭବ କରୁଛନ୍ତି···ଡାକ୍ତର ହିସାବରେ ଅନୁପମ ନିଜର ମତାମତ ପ୍ରକାଶ କଲା ।

ଏହାପରେ ଡାକ୍ତର ସୁବୁଦ୍ଧିଙ୍କର ପାଚକ ଭୃତ୍ୟ ଯଦୁ ଆସି ଜମାନବନ୍ଦୀ ଦେଲା ।

— ତୁମର ନାମ···ପଚାରିଲେ ବିକାଶ ଚୌଧୁରୀ ।

— ଯଦୁନାଥ ସାହୁ ।

— ତୁମେ କେତେଦିନ ହେଲା ଡାକ୍ତରବାବୁଙ୍କ ପାଖରେ ଅଛ ?

— କାର୍ତ୍ତିକ ପୁରିବାକୁ ଆଉ ତେଇଶଟା ଦିନ ବାକି ଅଛି ।

— ତାହାହେଲେ ତୁମର ବାବୁ ଏଠାକୁ ଆସିବା ପରେ ତୁମେ ଆସିଛ ।

— ଆଜ୍ଞା ହଁ । ଏହା ଆଗରୁ ମୁଁ ଦାସ-ସାହେବଙ୍କ ପାଖରେ ଥିଲି । ସେ ଅସୁସ୍ଥତା କରିବାପରେ ମୁଁ ଦେଶକୁ ଚାଲି ଯାଇଥିଲି ।

ବିକାଶ ଚୌଧୁରୀ ସୁବ୍ରତ ଆଡେ ଚାହିଁ ପ୍ରଶ୍ନକଲେ—ଦାସ-ସାହେବ କିଏ ସୁବ୍ରତ ବାବୁ ?

ସୁବ୍ରତ ଯଦୁର ଗୋଡ଼ ଦୁଇଟିକୁ ଲକ୍ଷ୍ୟ କରୁଥିଲା । ବିକାଶର ପ୍ରଶ୍ନରେ ଫେରିଚାହିଁ କହିଲା—ଦାସ-ସାହେବ ହେଉଛନ୍ତି ଏହି ଆରୋଗ୍ୟ ନିକେତନର ପ୍ରତିଷ୍ଠାତା ବିପିନବିହାରୀ ଦାସ ।

— ବୁଝିଛି ।···ହଠାତ୍ ତୁମେ ଘରକୁ ଚାଲିଗଲ କାହିଁକି ମନେ ଅଛି ତୁମର ?

— ବ ବର୍ଷ ତଳର କଥା ଆଉ ମନେ ନ ଥିବ, ବାରେଗାପଡ଼ା ମୋର ସ୍ତ୍ରୀ ଭୟଙ୍କର ବେମାରରେ ପଡ଼ିଥିଲା ସେତେବେଳେ··· ! ବାଙ୍କ

— ଯିବାବେଳେ ତୁମର ଦରମାତକ ସବୁ ନେଇ ଯାଇଥିଲ ?

— ସେତେବେଳେ ପୁଲିସ ଆସି ଯାହା ହଇରାଣ କଲେ ଦରମା ନେବାକୁ ଆଉ ବେଳ ଥିଲା କେତେବେଳେ ?

— ତାହାହେଲେ ଗଲ କେମିତି ? ଗାଡିଭଡ଼ା ଦେଲ କେଉଁଠୁ ? ଆଉ କଣ ବିନା ଟିକେଟ୍‌ରେ ଯାଇଥିଲ ?

ଯଦୁ ଭୟପାଇ କହିଲା—ନା ବାବୁ, ବିନା ଟିକେଟରେ ମୁଁ ଅଙ୍ଗପାଏ ଗାଡ଼ିରେ ଚଢ଼ିନାହିଁ ।

— ଗାଡି ଭଡ଼ା ତାହାହେଲେ କେଉଁଠୁ ଯୋଗାଡ଼ କଲ ?

ମୁଁ…ଯଦୁ ଢୋକ ଗିଳିଲା ।

— ଚଞ୍ଚଳ କୁହ…ଧମକ ଦେଇ କହିଲେ ବିକାଶ ଚୌଧୁରୀ ।

— ସତ କହୁଛି ବାବୁ, କେଉଁଠୁ ହେଲେ ଚୋରି କରିନାହିଁ । ଜଣେ ଗାଁ ଲୋକ ପାଖରୁ ଧାରକରି ଦଶଟଙ୍କା ନେଇଥିଲି ।

ସୁବ୍ରତ ନୀରବରେ ସେମାନଙ୍କର କଥାବାର୍ତ୍ତା ଶୁଣୁଥିଲା । ଯଦୁର କଥା ଶେଷ ହେବା ସଙ୍ଗେ ସଙ୍ଗେ ସେ କହିଲା—କୌଣସି କଥା ଲୁଚାଅନା ଯଦୁ, ତାହାହେଲେ ବଡ଼ ମୁସ୍କିଲରେ ପଡ଼ିବ । ସତକଥା କୁହ…

ଦୁଇ-ତିନି ଥର ଢୋକ ଗିଳି ଯଦୁ ଅସହାୟଭାବରେ ଦୁଆର ଆଡ଼େ ଚାହିଁଲା ।

— ପହରୀ…ବାହାରେ ଅପେକ୍ଷା କରୁଥିବା କନେଷ୍ଟବଲଟିକୁ ଡାକିଲା ସୁବ୍ରତ ।

କନେଷ୍ଟବଲ୍ ପ୍ରବେଶ କରି ଅଭିବାଦନ କରି ଆଦେଶର ଅପେକ୍ଷାରେ ଛିଡ଼ାହେଲା ।

ସୁବ୍ରତ କହିଲା—ଶୁଣ, ଏହି ଘରର କୋଉଠିଏ ଚଳ ଭିତରେ ଯେପରି ନ ଆସନ୍ତି…

ଆଦେଶ ପାଇ ସାମରିକ ପ୍ରଥାରେ ଅଭିବାଦନ ଜଣାଇ ପ୍ରସ୍ଥାନ କଲା ମାଁ୍ୟଲଟି ।

ଜଣେ ଏଥର କୁହ ଯଦୁ, ତୁମ କଥା କେହି ଶୁଣି ପାରିବେ ନାହିଁ…

ଯଦୁ ନିର୍ଭୀକ ସ୍ୱରରେ କହିଲା—ଅଧିକାରୀ ସାହେବ ମୋତେ ଚାଳିଶ ଟଙ୍କା ଦେଇଥିଲେ, ହଜୁର ! ଦାସ-ସାହେବଙ୍କର ଘରର ଚାବିଟି ଫୁଲସର କାମରେ ସାହାଯ୍ୟ କରିପାରେ ବୋଲି ମୋ ପାଖରୁ ଚାବିକାଠିଟିକୁ ନେଇ ଯାଇଥିଲେ ।

—ଅଧିକାରୀ-ସାହେବ ମାନେ ଡାକ୍ତର ପ୍ରବୋଧ ଅଧିକାରୀ, ନୁହେଁ... ପଚାରିଲେ ଶଶାଙ୍କ ଚୌଧୁରୀ ।

—ଆଜ୍ଞା ହଁ, ତାହାକୁ କିଛି କହିବାକୁ ମନା କରିଥିଲେ ହଜୁର...

—ନା, କାହାକୁ କହିବ ନାହିଁ । ଅଚ୍ଛା, ତୁମେ ଯାଅ—ଡାକ୍ତର ଅନୁପମ ବାବୁଙ୍କୁ ଟିକିଏ ପଠାଇଦିଅ ।

ଯଦୁ ନମସ୍କାରାନ୍ତେ ପ୍ରସ୍ଥାନ କରୁଥିଲା, ସୁବ୍ରତ ପଛରୁ ଡାକିଲେ ତାକୁ ।

—ଆଉ ଗୋଟିଏ କଥା କହିଯାଅ ଯଦୁ...

ସଭୟରେ ଫେରିଚାହିଁ ଆଗେଇ ଆସିଲା ସେ ।

—ଡାକ୍ତର ବାବୁ ସକାଳ ବେଳା କେତେବେଳେ ଖାଆନ୍ତି ?

—ନ'ଟା ଭିତରେ ତାଙ୍କର ଖିଆ ପିଆ ଶେଷହୁଏ ।

—ଆଜି ସକାଳେ କଣ ଖାଇବାକୁ ଦେଇଥିଲ ?

—ନଅଟା ଆଗରୁ ସେତ କିଛି ଖାଆନ୍ତି ନାହିଁ ।

—ତୁମେ ସକାଳେ ବଜାରକୁ ଯାଇଥିଲ ତାହିଁକି ?

—ରଘୁନାଥ ବାବୁ ସକାଳେ ମୋତେ କହିଲେ, ସାହେବ ଆଜି ମାଛ ଖାଇବେ । ନଡ଼ିକୂଳକୁ ଯାଇ ଟାଟକା ମାଛ କିଣି ଆଣ । ପଇସା ନେଇ ମୁଁ ନଡ଼ିକୂଳକୁ ଆସିଲି । ମାଛନେଇ ଫେରୁ ଫେରୁ ସାଢ଼େ ଆଠଟା ବାଜିଗଲା—ଆସି ଶୁଣେ ଇଆଡ଼େ ଏ'ଘଟଣା ଘଟିଛି ।

ରଘୁନାଥ ବାବୁ କିଏ ?...ଭ୍ରୂ ଦୁଇଟି କୁଞ୍ଚିତ ହୋଇ ଆସିଲା ଶଶାଙ୍କ ଚୌଧୁରୀଙ୍କର ।

—ଆଜ୍ଞା, ସେ ଆଜିକୁ ପନ୍ଦର ଦିନ ହେବ ଆସିଛନ୍ତି । ଲେଖା-ପଢ଼ା ଢେର୍ ଭଲ ଜାଣନ୍ତି, ବାବୁ ! ଚାକିରୀ ବାକିରୀ ପାଉନଥିଲେ । ସାହେବଙ୍କ

ପାଖରେ ଅସି ଭଦ୍ର କଷ୍ଟା କଲବୁ ତାଙ୍କର କାଗଜ-ପତ୍ର ସଜାଡ଼ି ରଖିବା ପଇଁ ତାଙ୍କୁ ରଖିଲେ । ପିଲାଟି ଖୁବ୍ ଭଲ ।

—ତୁମେ ଯଦି ଚାହାଁନ୍ତେଲେ ରଘୁନାଥକୁ ପଠାଇ ଦିଅ···

—ସାଙ୍ଗେ ସାଙ୍ଗେ ଡାକିଦେଉଛି, ହଜୁର

ଯଦୁ ଚାଲିଯିବାପରେ ସୁବ୍ରତ ଓ ବିକାଶ ଚୌଧୁରୀ ଉଭୟେ ଦୁଇଟି ସିଗାରେଟ୍ ଧରାଇଲେ ।

ସିଗାରେଟର ଧୂଆଁ ଛାଡ଼ି ବିକାଶ କହିଲେ—ଆପଣତ ଏହି ଆରୋଗ୍ୟ ନିକେତନ ସହିତ ଅନେକ ଦିନରୁ ସଂପୃକ୍ତ ହୋଇଅଛନ୍ତି । ଅବଶ୍ୟ ମୁଁ ମଧ୍ୟ ଥରେ ଦୁଇଥର ଏଠିକି ଆସିଛି, କିନ୍ତୁ ଭିତରର ସବୁକଥା ଭଲଭାବେ ଜାଣିବାର ସୌଭାଗ୍ୟ ଲାଭ କରିନାହିଁ । ଆପଣ ଡାକ୍ତର ଅଧିକାରୀଙ୍କ ସମ୍ବନ୍ଧରେ କିଛି ଜାଣିଛନ୍ତିକି, ସୁବ୍ରତ ବାବୁ ।

ସିଗାରେଟଟିରେ ମୃଦୁ ଟାଣ ଦେଇ ସୁବ୍ରତ କହିଲେ—ଅଳ୍ପ ଯାହାକିଛି ଜାଣେ ତାହା ଶୁଣି ଯଦି ଆପଣଙ୍କର କୌଣସି କାର୍ଯ୍ୟରେ ଆସେ, ଶୁଣନ୍ତୁ । ବିପିନ ଦାସଙ୍କର ମୃତ୍ୟୁର ବର୍ଷକ ପରେ ଡକ୍ଟର ଅଧିକାରୀ ଏଠାକୁ ଆସିଛନ୍ତି । ହାର୍ଟ ଓ ଲଂସ୍ ସଂକ୍ରାନ୍ତୀୟ ରୋଗରେ ଡାକ୍ତର ଅଧିକାରୀ ପୂର୍ଣ୍ଣ ପାରଦର୍ଶିତା ଲାଭ କରିଛନ୍ତି । ଖୁବ୍ ଭଲ ହାତ, କୌଣସି ଅପରେଶନ୍‌ରେ ସେ ଅକୃତକାର୍ଯ୍ୟ ହୋଇ ନାହାନ୍ତି ।

—ଏପରି କୌଣସି ପ୍ରମାଣ ପାଇଛନ୍ତି, ନା ଲୋକମୁହଁରୁ···

—ଶୁଣିଛି ଓ ପ୍ରମାଣ ମଧ୍ୟ ପାଇଛି । ଆପଣ ଜାଣନ୍ତି, ଯେଉଁମାନେ ମା' ହେବାକୁ ବସିଥାନ୍ତି, ସେମାନେ ପ୍ରାୟ ସବୁବେଳେ ସବୁକାର୍ଯ୍ୟରେ ଭୟ କରନ୍ତି । ଉତ୍କଣ୍ଠା ଯେତେବେଳେ ଅତ୍ୟଧିକ ଭାବେ ସେମାନଙ୍କୁ ଗ୍ରାସ କରେ ସେତେବେଳେ ତାହା ମାରାତ୍ମକ ଆକାର ଧାରଣ କରେ । ମନସ୍ତତ୍ତ୍ୱର ପରିଭାଷାରେ ଏହି ଭୟକୁ କୁହାଯାଏ ଫୋବିଆ । ଜଣେ ବାରିଷ୍ଟରଙ୍କର ତରୁଣୀ ପତ୍ନୀ ଫୋବିଆରେ ସାଂଘାତିକ ଭାବେ ଆକ୍ରାନ୍ତ ହୋଇ ଏହି ଆରୋଗ୍ୟ-ନିକେତନକୁ ଆସିଥିଲେ । ସ୍ୱାଭାବିକ ଭାବରେ ଚିକିତ୍ସାରେ କୌଣସି ଉପକାର ନପାଇ ଡାକ୍ତର ସୁରୁଚି ଅତିଶୟ ଚିନ୍ତିତ ହୋଇ ପଡ଼ିଲେ ।

ଅନୁପମ ତରୁଣ, ସେ ଅପରେଶନ କରିବା ଲାଗି ସାହସ କଲା ନାହିଁ । ସେତେବେଳେ ଡାକ୍ତର ଅଧିକାରୀ ଅପରେସନ କରିଥିଲେ ।…କହିଲା ସୁବ୍ରତ ।

—I See. ତାହାହେଲେ ଡାକ୍ତର ସୁବୁଦ୍ଧି ଡାକ୍ତର ପ୍ରବୋଧ ଅଧିକାରୀଙ୍କୁ ଖୁବ୍ ଭଲପାଉଥିଲେ ବୋଲି ମନେକରାଯାଇପାରେ ।…

ଆପଣ ଠିକ୍ ଅନୁମାନ କରିଛନ୍ତି ମିଃ ଚୌଧୁରୀ ! ଅନୁପମକୁ ଡାକ୍ତର ସୁବୁଦ୍ଧି ନିଜର ସନ୍ତାନ ତୁଲ୍ୟ ସ୍ନେହ କରନ୍ତି । କିନ୍ତୁ ଏହି ଅପରେସନଟିରେ କୃତକାର୍ଯ୍ୟ ହେବାପରେ ଡାକ୍ତର ସୁବୁଦ୍ଧି ଅନୁପମ ଓ ଅଧିକାରୀଙ୍କୁ ତାଙ୍କ ଅନ୍ତେ ଏହି ଆରୋଗ୍ୟ-ନିକେତନର ଏଜେଣ୍ଟ-ଡିରେକ୍ଟର କରିବେ ବୋଲି ୱିଲ୍ ରେ ଲେଖି ଯାଇଛନ୍ତି । ବର୍ତ୍ତମାନ ତାହାହେଲେ ଡାକ୍ତର ଅଧିକାରୀ ଓ ଅନୁପମ ହେଉଛନ୍ତି ଏହି ପ୍ରତିଷ୍ଠାନଟିର କର୍ଣ୍ଣଧାର ।

ବିକାଶ ଚୌଧୁରୀ ମନେ ମନେ କଣ ଚିନ୍ତା କରିବାକୁ ଲାଗିଲେ । ଉଭୟେ ନୀରବ । କେତେଟା ସ୍ତବ୍ଧ ମୁହୂର୍ତ୍ତ ଅତିବାହିତ ହେବାପରେ ପୁନର୍ବାର ବିକାଶ ଚୌଧୁରୀ କହିଲେ—କିନ୍ତୁ ସମସ୍ତଙ୍କ ଅଲକ୍ଷିତରେ ଯଦୁକୁ ଠେଲିଦେଇ ତାକୁ ଘରକୁ ପଠାଇଦେବା ପଛରେ କି କୌଣସି ଉଦ୍ଦେଶ୍ୟ ନଥିଲା ବୋଲି ଆପଣ ମନେକରନ୍ତି, ସୁବ୍ରତ ବାବୁ !—

କେତେଟା ମୁହୂର୍ତ୍ତ ଅପଲକ ଦୃଷ୍ଟିରେ ବିକାଶଙ୍କ ଆଡ଼େ ଚାହିଁଲା ସୁବ୍ରତ । ତା ପରେ ଧୀରେ ଧୀରେ କହିଲା—ମୋର ମଧ୍ୟ ଟିକିଏ ସନ୍ଦେହ ହୁଏ ଏହି ବିଷୟରେ ।

ଉତ୍ତେଜିତ ହେଲେ ବିକାଶ ଚୌଧୁରୀ । କହିଲେ—ତାହାହେଲେ ଆମର ଆଗେ ଜାଣିବା ଉଚିତ ଡାକ୍ତର ଦିବାକର ସୁବୁଦ୍ଧି ମୃତ୍ୟୁ ପୂର୍ବରୁ ଡାକ୍ତର ଅଧିକାରୀଙ୍କ ପ୍ରତି କିପରି ମନୋଭାବ ପୋଷଣ କରୁଥିଲେ । ମାନେ ଡାକ୍ତର ସୁବୁଦ୍ଧିଙ୍କର ପୂର୍ବ ବିଶ୍ୱାସ ତାଙ୍କ ପ୍ରତି ଅକ୍ଷୁର୍ଣ୍ଣ ଥିଲା କି ନାହିଁ ?…

ଏଗାର

ସୁବ୍ରତ ମନେ ମନେ ଚିନ୍ତା କରିବାକୁ ଲାଗିଲା । ବିକାଶ ଏହି ନୀରବତା ଦେଖି, ସୁବ୍ରତର ହାତଟିକୁ ନିଜର ହାତଦ୍ୱାରା ଚାପି ଧରି ଅଧୀର କଣ୍ଠରେ କହିଲେ—ପ୍ଲିଜ୍, ସୁବ୍ରତବାବୁ—ଆପଣ ମୋତେ ସାହାଯ୍ୟ କରନ୍ତୁ···

—ସାହାଯ୍ୟ କରିବାକୁ ମୁଁ ପ୍ରସ୍ତୁତ ମିଃ ଚୌଧୁରୀ ! କିନ୍ତୁ ଆପଣଙ୍କର ଏହି ପ୍ରଶ୍ନର ଉତ୍ତର ମୋର ଅଜ୍ଞାତ । ତେବେ ଅନୁପମ ଆପଣଙ୍କୁ ସାହାଯ୍ୟ କରିପାରେ ।

—ମୋତେ ସାହାଯ୍ୟ କରିବେ ମାନେ, ଆପଣ କଣ ତାହାହେଲେ ଏ ବିଷୟରେ ନୀରବ ରହିବାକୁ ଚାହାନ୍ତି ?···କରୁଣ କଣ୍ଠରେ କହିଲେ ବିକାଶବାବୁ ।

—କେବେ ନୁହେଁ, ମିଃ ଚୌଧୁରୀ ! ମୁଁ ଆପଣଙ୍କର ପାଖେ ପାଖେ ଅଛି ।

—ଯାହାହେଉ ମୋତେ ନିଶ୍ଚିନ୍ତ କଲେ, ସୁବ୍ରତବାବୁ ! ଅଚ୍ଛା, ଆପଣଙ୍କର ବନ୍ଧୁ ଜୟନ୍ତବାବୁ କେବେ ଆସିବେ ?

ସିଗାରେଟ୍‌ଟି ଶେଷ ହୋଇ ଯାଇଥିଲା । ଅବଶିଷ୍ଟାଂଶଟିକୁ ଯୋତା ତଳରେ ଘଷି ଦେଇ ସୁବ୍ରତ କହିଲା—ତାଙ୍କ ଆଶା ରଖିବେ ନାହିଁ, ବିକାଶବାବୁ ! କାଲି ତାଙ୍କର ଚିଠି ପାଇଛି, ଫେରୁ ଫେରୁ ଦୁଇମାସ ।

ପୁନର୍ବାର ନୀରବତା ବ୍ୟାପିଗଲା—ସେ ଏକ ଦୀର୍ଘ ମୁହୂର୍ତ୍ତ । କାହାର ମୁହଁରେ ଭାଷା ନାହିଁ । କଥା ଯେପରି ସେମାନଙ୍କର ଶେଷ ହୋଇଯାଇଛି । ଅନୁପମର ପଛେ ପଛେ ଭୃତ୍ୟ ଆସି ଟ୍ରେ-କପ୍ ଟେବୁଲ ଉପରେ ରଖିବାରୁ ସେମାନଙ୍କର ଚେତନା ଯେପରି ଫେରିଆସିଲା ।

ତିନିହେଁ ଚା-ପାନ ଲାଗି କପ୍ ଉଠାଇ ଓଷ୍ଠରେ ସ୍ପର୍ଶ କଲେ ।

—ଦୁଇ-ତିନିଥର ସ୍ପର୍ଶ କରିବାପରେ ବିକାଶବାବୁ କହିଲେ—ଅନୁପମବାବୁ ! ଆପଣ ଏହି ପ୍ରତିଷ୍ଠାନର ଜଣେ ଡିରେକ୍ଟର, ନୁହେଁ···

ଚା' ଢୋକଟିକୁ ଗିଳିଦେଇ ଅନୁପମ କହିଲା—ହଁ, ତେବେ ଡାକ୍ତର ଅଧିକାରୀ ମଧ୍ୟ ଅଛନ୍ତି ।

—ଏହି ପ୍ରତିଷ୍ଠାନଟିକୁ ଚଳାଇବାର ଅଧିକାର କିଏ ଆପଣମାନଙ୍କୁ ଦେଇଥିଲେ···ପୁନର୍ବାର ପ୍ରଶ୍ନ କଲେ ବିକାଶ ଚୌଧୁରୀ ।

—ଡାକ୍ତର ସୁବୁଦ୍ଧି···ମାନେ ଡାକ୍ତର ଦିବାକର ସୁବୁଦ୍ଧି···କହିଲା ଅନୁପମ ।

ତାଙ୍କ ସହିତ ଆପଣଙ୍କର କୌଣସି ଘନିଷ୍ଠ ସମ୍ବନ୍ଧ ଥିଲା କି ?

ଅନୁପମ ମୁହଁ ତଳକୁ କଲା । ବାଁ ହାତର ତର୍ଜନୀରେ ଟେବୁଲ୍‌ଟିକୁ ମୃଦୁ ଆଘାତ କରି ଅଙ୍ଗୁଳିଟିକୁ ପାଟିରେ ଆଣି ଉତ୍ତର କରି କହିଲା—ତାଙ୍କ ସହିତ ମୋର କୌଣସି ସମ୍ବନ୍ଧ ନାହିଁ । ଦିନେ ଗୋଟିଏ ରୋଗୀ ବିଷୟରେ ପରାମର୍ଶ ନେବାକୁ ଆସିଥିଲି । କଥାବାର୍ତ୍ତା ହେଉ ହେଉ ଡାକ୍ତର ଦିବାକର ସୁବୁଦ୍ଧିଙ୍କ ସହିତ ଆଳାପ ବେଶ୍ ଜମି ଯାଇଥିଲା । ଆର୍ଥିକ ଅବସ୍ଥା ମୋର କୌଣସି ଦିନ ସ୍ୱଚ୍ଛଳ ନଥିଲା । ଡାକ୍ତର ସୁବୁଦ୍ଧି କ୍ରମେ କ୍ରମେ ମୋର ସବୁକଥା ଜାଣି ପାରିଲେ ଓ ତାଙ୍କରି ଅନୁରୋଧରେ ମୁଁ ଆସି ଏଠାରେ ଚାକିରି ଗ୍ରହଣ କଲି ।

—I See···ଆଉ ଡାକ୍ତର ପ୍ରବୋଧ ଅଧିକାରୀ···ତାଙ୍କୁ କାହିଁକି ଉଟେରଙ୍କରି ଦେଲ···

ବିକାଶ ଚୌଧୁରୀଙ୍କର କଥା ଶେଷ ହୋଇନାହିଁ । ଭୃତ୍ୟ ଯଦୁ ଊର୍ଦ୍ଧ୍ୱଶ୍ୱାସରେ ଦୌଡ଼ି ଦୌଡ଼ି ଆସି କହିଲା—ଦାରୋଗା ବାବୁ—

—ଭ୍ରୂ ଦୁଇଟି କୁଞ୍ଚିତ ହୋଇ ଆସିଲା ବିକାଶ ବାବୁଙ୍କର, କହିଲେ—କଣ ହେଲା···

—ରଘୁନାଥବାବୁ ନାହାନ୍ତି ଆଜ୍ଞା···

—ନାହାନ୍ତି ମାନେ ?··· ଉତ୍ତେଜିତ ବିକାଶ ଚୌଧୁରୀ ଚେୟାର ଛାଡ଼ି ଉଠି ଠିଆ ହେଲେ ।

ଟୋକ ଗିଳି ଯଦୁ କହିଲା—ଆଜ୍ଞା ହଁ, ସେ ନାହାନ୍ତି···ଲୁଗାପଟା, ବିଛଣାପତ୍ର ସବୁ ଅଛି । ଖାଲି ମୁଣିଟିକୁ ସାଙ୍ଗରେ ନେଇ କୁଆଡ଼େ ଚାଲି ଯାଇଛନ୍ତି ।

ସୁବ୍ରତ ଶାନ୍ତ କଣ୍ଠରେ କହିଲା ମୁଣି ଧରି ରଘୁନାଥବାବୁ ଯେ ବାହାରକୁ ଚାଲି ଯାଇଛନ୍ତି ତୁମେ କେମିତି ଜାଣିଲ ?···

ତେର

—ଖଣ୍ଡିଏ ଖାଲି ରେକ୍ସା ଯାଉଥିଲା, ଅଜ୍ଞା···ହୀରା ସିଂ ଫାଟକ ପାଖରେ ଥାଇ ଦେଖିଲା, ସେ ରେକ୍ସାଟିକୁ ଅଟକାଇ ମୁଣି କାନ୍ଧରେ ପକାଇ ରେକ୍ସାରେ ଯାଇ ବସିଲେ।

ବଳାଂଶ ଚୌଧୁରୀଙ୍କ ପରି ଶାନ୍ତ ବ୍ୟକ୍ତି ମଧ୍ୟ ଏହିକଥା ଶୁଣି ଚିଡ଼ରେ ଜଳି ଉଠିଲେ। ସୁବ୍ରତ ଅଡ଼େ ଚାହିଁ ଇଂରେଜୀରେ କହିଲେ—ମୁଁ ହୀରା ସିଂ ଓ ଏହି ଲୋକଟାକୁ ବର୍ତ୍ତମାନ ଗ୍ରେପ୍ତାର କରୁଛି···

ସୁବ୍ରତ ମଧ୍ୟ ଶାନ୍ତ କଣ୍ଠରେ ଇଂରେଜୀରେ ପ୍ରତ୍ୟୁତ୍ତର ଦେଲା—ଲୋକହସା କାମ କରିବେ ନାହିଁ, ମିଃ ଚୌଧୁରୀ। ମନେ ରଖିବେ ଏହା ହତ୍ୟାକାଣ୍ଡ। ତେଣୁ ଶାନ୍ତ ସ୍ଥିର ମସ୍ତିଷ୍କରେ ସବୁ କିଛି ବିଚାର କରି ଦେଖିବାକୁ ହେବ।

ବଳାଂଶ ଚୌଧୁରୀ ସୁବ୍ରତ ଅଡ଼େ କିଛି ସମୟ ଯାଏ ଅପଲକ ଦୃଷ୍ଟିରେ ଚାହିଁ ମୁଣ୍ଡର ବଗ ଚୁଲଟାକୁ ଟିକେ ହାତରେ ଚିପି ଧରି ଚେୟାରରେ ବସୁ ବସୁ କହିଲେ—ମୁଁ ଆଉ କିଛି କରି ପାରୁନାହିଁ, ସୁବ୍ରତବାବୁ।

ଅଗତ୍ୟା ଶାନ୍ତ କଣ୍ଠରେ ସୁବ୍ରତ କହିଲା—ଅଚ୍ଛା ଯଦୁ ତୁମେ ଯାଅ···

ଯଦୁର ଶରୀରରେ ପ୍ରାଣର ସଞ୍ଚାର ହେଲା। ସୁବ୍ରତ ମୁହଁରୁ ଶୁଣିବା ମାତ୍ରେ ସେ ସାଙ୍ଗେ ସାଙ୍ଗେ ଗୃହତ୍ୟାଗ କଲା।

ଯଦୁ ଯିବାପରେ ବଳାଂଶ ଅଡ଼େ ଚାହିଁ ସୁବ୍ରତ କହିଲା—ବର୍ତ୍ତମାନ ନର୍ସମାନଙ୍କର ଜମାନବନ୍ଦୀଗୁଡ଼ିକ ନେଇ ଟିକିଏ ଆଲୋଚନା କରିପାରି ମିଃ ଚୌଧୁରୀ। ···ତାପରେ ଅନୁପମ ଅଡ଼େ ଚାହିଁ କହିଲା—ତୁମର କୌଣସି ଆପତ୍ତି ନାହିଁ ତ ଅନୁପମ !···

—ଆପତ୍ତି କଲେ କଣ ତୁମେ ଶୁଣିବ ? ···ହସି ହସି କହିଲା ଅନୁପମ।

—ତୁମେ ମୋତେ ଭୁଲ୍ ବୁଝନା, ଅନୁପମ ! ତୁମେ ଜଣେ ଡାକ୍ତର, ଅଧିକନ୍ତୁ ମଧ୍ୟ ଏହି ପ୍ରତିଷ୍ଠାନଟି ତୁମର—ସେଇଥିପାଇଁ ମୁଁ ତୁମର ଓ ପ୍ରତିଷ୍ଠାନର ମଙ୍ଗଳ ପାଇଁ ଏକଥା କହୁଛି। ତେବେ ତୁମର ଯଦି କିଛି କାମ ଥାଏ ତୁମେ ଯାଇପାର···କହିଲା ସୁବ୍ରତ।

ନା, ମୋର କିଛି କାମ ନାହିଁ,—ବର୍ତ୍ତମାନ ଡାକ୍ତର ଅଧିକାରୀଙ୍କର ଉକ୍ତି...

ବେଶ..

ସୁବ୍ରତ ଉଠି ଠିଆହେଲା । ନିକଟସ୍ଥ ଟେବୁଲଟି ଉପରେ ଥିବା ଜନ୍ମସମ୍ବନ୍ଧୀ ଫାଇଲଟିକୁ ଆଣି ପୁନର୍ବାର ଚେୟାରଟିରେ ଆସି ବସିଲା ।

ଫାଇଲ ଉପରେ ଦୃଷ୍ଟି ବୁଲାଇ ଆଣି ଅନୁପମ ଆଡ଼େ ଚାହିଁ ସୁବ୍ରତ ପୁନର୍ବାର ପ୍ରଶ୍ନକଲା—ଗଲା ସିଫ୍ଟରେ ମେଟ୍ରନ୍ ସୂର୍ଯ୍ୟକୁମାରୀଙ୍କ ଡ୍ୟୁଟି ଥିଲା, ନା?

—ହଁ ।

—ଆଚ୍ଛା, ତୁମର ଏଠାରେ କେତେଜଣ ମେଟ୍ରନ ଅଛନ୍ତି ?

—ପ୍ରତ୍ୟେକ ସିଫ୍ଟରେ ପାଞ୍ଚଜଣ ମେଟ୍ରନ୍ ।

—ସେମାନଙ୍କର ନାମ କୁହନ୍ତୁ !...ସିଗାରେଟକୁ ଓଠରେ ଚାପି ଜ୍ୱଳନ୍ତ ଦିଆସିଲି କାଠିଟିକୁ ସେମାନଙ୍କ ଅଡ଼କୁ ଆଗେଇଦେଲା ସୁବ୍ରତ ।

ସୂର୍ଯ୍ୟକୁମାରୀ, ଲତିକା ଦାସ, କାବେରୀ ସିଂହ, ମାଧବୀ ପଟ୍ଟନାୟକ ଓ ରେଣୁକା ସାହୁ ।

ଏ ସିଫ୍ଟରେ କିଏ ଅଛନ୍ତି ?...ବିକାଶ ଚୌଧୁରୀ ପ୍ରଶ୍ନକଲେ ।

—ଲତିକା ଦାସଙ୍କର । ସେ ବର୍ତ୍ତମାନ ଡ୍ୟୁଟିରେ ଅଛନ୍ତି... ଅନୁପମ ଉତ୍ତର ଦେଲା ।

—ସୂର୍ଯ୍ୟକୁମାରୀଙ୍କର ପୂର୍ବରୁ କାହାର ସିଫ୍ଟ ଥିଲା ?

—ମାଧବୀ ଦେବୀଙ୍କର ।

—ସୂର୍ଯ୍ୟକୁମାରୀ କଣ ଚାଲିଗଲେଣି...ସୁବ୍ରତ ପଚାରିଲା ।

—ନା, ତୁମର ବିନାନୁମତିରେ ତାଙ୍କୁ ଛାଡ଼ିପାରେନା । ସୁବ୍ରତ ତାଙ୍କୁ ସେଇଠାରେ ଅପେକ୍ଷା କରିବାକୁ କହି ତାଙ୍କ ପାଇଁ ସାମାନ୍ୟ ଜଳଯୋଗର ବ୍ୟବସ୍ଥା କରନ୍ତୁ ।

—ଏଥର ନର୍ସମାନଙ୍କର ନାମ କୁହ...

କବିତା ବର୍ତ୍ତମାନ ଅନ୍ ଡ୍ୟୁଟିରେ । ଗଲା ସିଫ୍ଟରେ ଯେଉଁମାନେ ଥିଲେ, ଅର୍ଥାତ୍ ଶ୍ୟାମଳୀ, ସୁଶୀଳା—ସେମାନଙ୍କ ପାଇଁ ମଧ୍ୟ ଜଳଯୋଗର

ପନ୍ଦର

ବ୍ୟବସ୍ଥା କରି ସୂର୍ଯ୍ୟକୁମାରୀଙ୍କ ସହିତ ଅଟକାଇ ରଖିଛି, ଯଦି କହନ୍ତି ସେମାନଙ୍କୁ ଡାକି ଦେବି···

ବିକାଶ ଚୌଧୁରୀ କହିଲେ—ସେମାନଙ୍କୁ ଡାକିବା ଦରକାର ନାହିଁ ଅନୁପମ ବାବୁ ! ଆମ୍ଭେମାନେ ପୁଲିସର ଲୋକ, ଶିକାରୀ ବିରାଡ଼ିର ନଖ ଦେଖିଲେ ଚିହ୍ନିପାରୁ ।

—ଆଜି ନର୍ସ କିଏ କିଏ ଅଛନ୍ତି ?···

—ବର୍ତ୍ତମାନ ଅଛନ୍ତି ବୀଥି ଦାସ, ଉମା ନାୟକ ଓ ଅଲକା ସାହୁ । ଆଉ ଆର ସିଫ୍ଟ୍‌ରେ ଆସିବେ—

ବାଧାଦେଇ ବିକାଶ ଚୌଧୁରୀ କହିଲେ, ଯେଉଁମାନେ ଅଛନ୍ତି, ସେମାନେ ତାଙ୍କ କାମ କରନ୍ତୁ—ତାଙ୍କୁ ବାଧାଦେବା କୌଣସି ଦରକାର ନାହିଁ । ଆଉ କାହାରିକୁ ବିରକ୍ତ କରିବାକୁ ଆମେ ଚାହୁଁନା—ଆପଣଙ୍କର ସ୍ପେଷ୍ଟମର କାର୍ଯ୍ୟରେ ଯଥେଷ୍ଟ ବ୍ୟାଘାତ ଆସୁଛି ନିଶ୍ଚୟ ।

ଟେବୁଲ ଉପରୁ ହ୍ୟାଟଟିକୁ ଉଠାଇ ମୁଣ୍ଡରେ ଦେଲେ ବିକାଶ ବାବୁ, ସମସ୍ତେ ଉଠି ଠିଆହେଲେ ।

ଅନୁପମ ଧୀର କଣ୍ଠରେ ପ୍ରକାଶ କଲା—ତୁମେ କଣ ଷ୍ଟାଫ୍ ଭିତରୁ କାହାରିକୁ ସନ୍ଦେହ କରୁଛ, ସୁବ୍ରତ ।

—ତୁମେ ବୁଝିପାରୁନା, ଅନୁପମ—ଏହି ରହସ୍ୟମୟ ହତ୍ୟାକାଣ୍ଡର ଅନ୍ତରାଳରେ ତୁମର ଷ୍ଟାଫ୍ ମଧ୍ୟରୁ କେହି ନା କେହି ନିଶ୍ଚୟ ଅଛନ୍ତି···

—କିନ୍ତୁ···

—ତୁମର ଆରୋଗ୍ୟ-ନିକେତନର କୌଣସି ଛଳ ନକରି ବିକାଶ-ବାବୁ ପ୍ରକୃତ ଅପରାଧୀକୁ ନିଶ୍ଚୟ ଆବିଷ୍କାର କରିବେ ।

ସବ୍‌ଇନ୍‌ସପେକ୍ଟର ସୌମିତ୍ର ବାବୁ ପ୍ରବେଶ କରି ବିକାଶ ବାବୁଙ୍କୁ ଅଭିବାଦନ କଲେ । ତାଙ୍କ ଉପରେ ଡାକ୍ତର ଦିବାକର ସୁବୁଦ୍ଧିଙ୍କର କ୍ୱାଟର୍ ସର୍ଚ୍ଚ କରିବା ଭାର ନ୍ୟସ୍ତ ଥିଲା ।

—କିଛି ପାଇଲେ···ପ୍ରଶ୍ନକଲେ ବିକାଶ ବାବୁ ।

—ନା, ସାର୍...ସନ୍ଦେହ କଲାଭଳି କୌଣସି ଜିନିଷ ଅବସ୍ଥିତ ହୋଇପାରିନାହିଁ । ଡାକ୍ତର ସୁବୁଦ୍ଧିଙ୍କର ଶୟନ କକ୍ଷର ଗୋଟିଏ କୋଣରେ କେତେଗୁଡ଼ିଏ ପୋଡ଼ା କାଗଜ ଉପରେ କିଏ ଯେପରି ପାଣି ଢାଳି ଦେଇଥିବାର ଦେଖିଲି ।

—ପୋଡ଼ା କାଗଜ ଉପରେ ପାଣି ଢଳା ହୋଇଛି ବୋଲି ଆପଣ କିପରି ବୁଝିଲେ ?...ପଚାରିଲା ସୁବ୍ରତ ।

ସୌମିତ୍ର ବାବୁ ତୀକ୍ଷ୍ଣ ଦୃଷ୍ଟିରେ ଗୃହିଁଲେ ସୁବ୍ରତକୁ ।

ପ୍ରକାଶ ଚୌଧୁରୀ ତାହା ବୁଝିପାରି କହିଲେ—ଏଇ ହେଉଛନ୍ତି ସୁବ୍ରତ ଦାଶ, ପ୍ରାଇଭେଟ୍ ଡିଟେକ୍‌ଟିଭ୍...

ସୁବ୍ରତ ହସି ହସି କହିଲା—ତାଙ୍କ କଥା ବିଶ୍ୱାସ କରିବେ ନାହିଁ ସୌମିତ୍ର ବାବୁ ! ମୁଁ ପ୍ରକୃତ ଗୋଇନ୍ଦା ନୁହେଁ । ମୋର ବନ୍ଧୁ ଜୟନ୍ତ ପାଣିଙ୍କୁ ଗୋଇନ୍ଦା ବୋଲି କୁହାଯାଇପାରେ । ମୁଁ...ସେ କଥା ଥାଉ, ...ମୁଁ ଯେଉଁ ପ୍ରଶ୍ନ କରିଛି ସେ ପ୍ରଶ୍ନର ଉତ୍ତର ଦିଅନ୍ତୁ...

—ମୁଁ ପରୀକ୍ଷା କରି ଦେଖିଲି କେତେଗୁଡ଼ିଏ କାଗଜ କେହି ପୋଡ଼ାଇ ସେଥିରେ ପାଣି ଢାଳି ଦେଇଛି । କାଳେ ଆମେ କୌଣସି କାଗଜ ଲେଖା ଚିଠିଗୁଡ଼ିକର ଭାଷା ଉଦ୍ଧାର କରିପାରୁ ଏହି ଆଶଙ୍କାରେ କାଗଜ-ପୋଡ଼ା ପାଉଁଶ ଉପରେ କେହି ପାଣି ଢାଳି ଦେଇଛନ୍ତି...କହିଲେ ସୌମିତ୍ରବାବୁ ।

ସୁବ୍ରତ ସପ୍ରଶଂସ ଦୃଷ୍ଟିରେ ଗୃହିଁଲା ସୌମିତ୍ରଙ୍କୁ । ସେହି ଦୃଷ୍ଟିର ଅର୍ଥ ବୁଝିପାରି ସୌମିତ୍ର ବାବୁ ମୃଦୁ ହସିଟିଏ ହସିଦେଲେ, ତା'ପରେ କହିଲେ—ଆଉ ଗୋଟିଏ ଜିନିଷ ତାଙ୍କର ବେଡ୍-କଭର ତଳୁ ପାଇଛି, ସାର୍ !—

—ଦେଖେ...

ପକେଟରେ ହାତ ଭର୍ତ୍ତି କରୁ କରୁ ସୌମିତ୍ର ବାବୁ କହିଲେ—ଗୋଟିଏ ସ୍ତ୍ରୀ ଲୋକର ଫଟୋ ।

ଫଟୋଟି ଉପରେ ନିକ୍ଷିପ୍ତ ହେଲା ଦୁଇଯୋଡ଼ା ଆଖିର ଦୃଷ୍ଟି ।

ସଞ୍ଚର

ସୁନ୍ଦରୀ, ବିଗତ ଯୌବନା କୌଣସି ଗୋଟିଏ ନାରୀର ପ୍ରତିମୂର୍ତ୍ତି । ଭ୍ରୁ ଦୁଇଟି ପତଳା, ନାସିକାଟି ସାମାନ୍ୟ ଚେପ୍ଟା, ସରୁ ଚିବୁକ ଓ ଓଷ୍ଠ ଦୁଇଟି ମଧ୍ୟ ଭଲ ଦେଖିବାକୁ ।

ବିକାଶ ଚୌଧୁରୀ ସୁବ୍ରତ ଆଡ଼େ ଲକ୍ଷ୍ୟକରି କହିଲେ—ଆପଣ ଏଙ୍କୁ କେବେ ଦେଖିଛନ୍ତି, ସୁବ୍ରତବାବୁ !

—ନା···ସଂକ୍ଷିପ୍ତ ଉତ୍ତର ଦେଲା ସୁବ୍ରତ ।

—ଟିକିଏ ଭାବିବାକୁ ଚେଷ୍ଟା କରନ୍ତୁ, ସୁବ୍ରତବାବୁ ! ଏହି ଆରୋଗ୍ୟ ନିକେତନଟି ସମ୍ଭବତ ଆପଣଙ୍କ ବିଶେଷ ପରିଚିତ । କେହି ଆଗକାର ନର୍ସ ରମ୍ଭା ମେଟ୍ରନ···

—ମୁଁ ଯେତେବେଳେ ନାଁ ବୋଲି କୁହେ, ସେତେବେଳେ ସବୁକିଛି ଭାବିଚିନ୍ତି କୁହେ, ବିକାଶ ବାବୁ !···ଗମ୍ଭୀର କଣ୍ଠରେ କହିଲା ସୁବ୍ରତ ।

—ଆପଣ କଣ ଚିହ୍ନିପାରୁ ନାହାନ୍ତି, ଅନୁପମବାବୁ···

—ନା ! ତେବେ ମୁହଁ ଆଖି ଦେଖି ମନେହୁଏ କେଉଁଠାରେ ଯେପରି ଦେଖିଛି । କିନ୍ତୁ—

ହସ ଫୁଟିଉଠିଲା ବିକାଶ ଚୌଧୁରୀଙ୍କର ଅଧର ପ୍ରାନ୍ତରେ । କହିଲେ—ବର୍ତ୍ତମାନ ଠିକ୍ ମନେ ପଡୁନାହିଁ ଏଇକଥା କହୁଛନ୍ତି ତ ? ବେଶ୍, ଭଲଭାବେ ଚିନ୍ତାକରି ଦେଖନ୍ତୁ—ମନେ ପଡ଼ିଲେ କହିବେ···

ପୁଲିଶ ପହରା ରଖି ବିକାଶ ଚୌଧୁରୀ ଓ ସୌମିତ୍ରବାବୁ ପ୍ରସ୍ଥାନ କଲେ ।

—ତୁମେ ମୋତେ କବିତା ଓ ମାଧବୀ ଦେବୀଙ୍କର ଠିକଣା ଦୁଇଟି ଦିଅ, ଅନୁପମ···ସୁବ୍ରତ କହିଲେ ।

ଚମକି ପଡିଲା ଅନୁପମ । କହିଲା—କାହିଁକି ତୁମେ ସେମାନଙ୍କର ଠିକଣା ଚାହୁଁଛ ?···

କାଷ୍ଠ-ହସ ହସି ସୁବ୍ରତ କହିଲା—ମାଧବୀ ଦେବୀଙ୍କ ଝିଅ ଓ କବିତା ଦେବୀଙ୍କର ଉଦୟ ତୁମର ଆରୋଗ୍ୟ-ନିକେତନ ପକ୍ଷରେ ଦାରୁଣ ଅଶୁଭ ଲକ୍ଷଣ, ଅନୁପମ···

—ନା, ସୁବ୍ରତ···କବିତାକୁ ସନ୍ଦେହ କରନା ତୁମେ···ସେ ବଗୃହଁ—

—ଖୁବ୍ ଭଲ ଓ ସାଧାରଣ, ନୁହେଁ ?···

ଅନ୍ୟମନସ୍କଭାବେ ମୁଣ୍ଡ ହଲାଇଲା ଅନୁପମ । କହିଲା—ଯେତେଦୂର ଜାଣେ ସେ ଖୁବ୍ ନିରୀହ ଓ ଶାନ୍ତ···

—ତୁମେ ଯେପରି ଭାବେ ଚିହ୍ନିଚ ବନ୍ଧୁ, ମୁଁ ତାହା ଅବିଶ୍ୱାସ କରୁନାହିଁ ।

ସନ୍ଦିଗ୍ଧ ଦୃଷ୍ଟି ନିକ୍ଷେପ କରି ଅନୁପମ କହିଲା—ତାହାହେଲେ ତୁମର ଏପରି ପ୍ରଶ୍ନର ଅର୍ଥ ?

—ମୁଁ ଜାଣେ ତୁମେ କବିତାକୁ ଭଲପାଅ···ହସି ହସି କହିଲା ସୁବ୍ରତ ।

ମୁଣ୍ଡ ତଳକୁ ପୋତି ଦିଆହେଲା ଅନୁପମ । ତାପରେ ପକେଟରୁ ଖଣ୍ଡିଏ କାଗଜ ବାହାରକରି ଠିକଣା ଦୁଇଟି ଫାଉଣ୍ଟେନ୍‌ରେ ଲେଖିଦେଇ ବଢ଼ାଇଦେଲା ସୁବ୍ରତ ହାତକୁ । କହିଲା—ତୁମ କଥା ଶୁଣି ବଡ଼ ଭୟ ହେଉଛି ମନରେ, ସୁବ୍ରତ । କଣ ତୁମେ କରିବାକୁ ଯାଉଛ ତାହା ତୁମେଇ କେବଳ ଜାଣ···

ହସିଲା ସୁବ୍ରତ । କହିଲା—ସାବଧାନ, ତୁମେ ଭୟ କରୁଛ ବୋଲି କବିତା ଯେପରି ଜାଣିନପାରେ । ଜାଣିଲେ ସେ କି ତୁମକୁ ପୁରୁଷ ବୋଲି ମନେକରିବ ?

ତୁମେ ପରିହାସ କରନା, ସୁ—ବିକାଶବାବୁ ମଧ୍ୟ ନର୍ସ ମେଟ୍ରନ-ମାନଙ୍କର ଠିକଣା ଲେଖି ନେଇ ଯାଇଛନ୍ତି ।

ନୀରବତା ବ୍ୟାପି ଆସିଲା ! ଉଭୟେ ନିସ୍ତବ୍ଧ ।

ସେହି ନୀରବତା ଭଙ୍ଗ କରି ସୁବ୍ରତ ପୁନର୍ବାର ପ୍ରଶ୍ନକଲା—କବିତାର ପୁଣି ଡ୍ୟୁଟି କେତେବେଳେ ?

—ଥାର୍ଡ ସିଫ୍ଟରେ । ମାନେ, ସନ୍ଧ୍ୟା ୬ଟା ଠାରୁ···କହିଲା ଅନୁପମ

ଇଟେଇଷ୍ଟି

—ତୁମେ ମନସ୍ତତ୍ତ୍ୱର ଛାତ୍ର । ଏହି କଥା ମନେରଖ, କବିତା ପ୍ରକୃତରେ ଅପରାଧୀ ହୋଇଥାଏ—ତାହାହେଲେ ଥାର୍ଡ-ସିଫ୍ଟ ଭାଙ୍ଗିବ, ତା'ପର ସିଫ୍ଟରେ ସୁଦ୍ଧା ସେ ଆଉ ଆରୋଗ୍ୟ-ନିକେତନର ଦୁଆର ମୁହଁ ମାଡ଼ିବ ନାହିଁ ।

ସୁବ୍ରତ କଥାରେ ସ୍ତମ୍ଭିତ ହୋଇ ଅନୁପମ—ତୁମେ ଠିକ୍ ଓଲଟା କଥା କହୁଛ ସୁବ୍ରତ...

—ବିଶ୍ୱାସ କରିବାକୁ ବିବେକ ବାଧା ଦେଉଛି, ନା ? ବେଶ୍ ତୁମର ଯେପରି ବିଶ୍ୱାସ ହୁଏ, ମୁଁ ସେଥିପାଇଁ ସାହାଯ୍ୟ କରୁଛି । କୁହତ, ଡାକ୍ତର ସୁରୁଚିଙ୍କୁ କିଏ ଶେଷରେ ଜୀବିତ ଅବସ୍ଥାରେ ଦେଖିଥିଲା ?

—ବାଥୁ ଦାସ ଓ କବିତା ।

—ଆଉ ମୃତ ଅବସ୍ଥାରେ ସର୍ବ ପ୍ରଥମେ କିଏ ଦେଖିଥିଲା ?

—ତୁମେ । ତୁମେ ଡାକ୍ତର ସୁରୁଚିଙ୍କୁ ମୃତାବସ୍ଥାରେ ସର୍ବପ୍ରଥମ ଦେଖିଛ ସୁବ୍ରତ ।

ହସିଲା ସୁବ୍ରତ । ଭୁଲ୍—ତୁମେ ଭୁଲ ଧାରଣା ପୋଷଣ କରୁଛ ଅନୁପମ ।

—ତୁମର ଏ କଥାର ଅର୍ଥ ?—ବିସ୍ମୟରେ ଅନୁପମର ଚକ୍ଷୁଦୁଇଟା ବେଶ୍ ବଡ଼ ବଡ଼ ଦେଖାଗଲା ।

—ଡାକ୍ତର ସୁରୁଚିଙ୍କର ମୃତଦେହ ସମସ୍ତଙ୍କ ଆଗରୁ ଦେଖିଛି କବିତା ।

—କିପରି ଜାଣିଲ ? ସୁବ୍ରତର କଥାକୁ ଅବିଶ୍ୱାସ କରିବାକୁ ଚାହେଁ ଅନୁପମ ।

ଦୁଷ୍ଟାମିର ହସ ଖେଳିଗଲା ସୁବ୍ରତର ଅଧର କୋଣରେ । କହିଲା —ସେ କଥା କହିବି ନାହିଁ ବନ୍ଧୁ । କବିତା ଆସିଲେ ତାକୁ ପଚାରିବ, ସେ ନିଶ୍ଚୟ ସବୁକଥା କହିବ ତୁମକୁ । ବାସ୍ତବତଃ, ତୁମେ ପଚାରିଲେ ସେ କେବେହେଁ କୌଣସି କଥା ତୁମ ଆଗରେ ଲୁଚାଇବ ନାହିଁ ।

—କିନ୍ତୁ···ଆଉ କିଛି କହିପାରିଲାନାହିଁ ଅନୁପମ । ସୁବ୍ରତ ମୁହଁରୁ ଏସବୁ ଶୁଣି ସେ ଯେପରି ମୂକ ହୋଇଯାଇଛି ।

ନା, ଏସବୁ ଆଲୋଚନା ଆଜି ଆଉ ନୁହେଁ ।···ତୁମେ ଘରକୁ ଯିବତ ?

—ହଁ ଯିବି । ଦୁଇଘଣ୍ଟା ହେଲା ମୋର ଡିଉଟି ଶେଷ ହୋଇଛି । ମା' ସିଆଡ଼େ ବ୍ୟସ୍ତ ହେଉଥିବେ···ସାନଭଉଣୀ ରୁକ୍ମଣୀ ଡେରି ଦେଖିଲେ ଧମକାଇବାକୁ ବସିବ ।···କହି ହସିଲା ଅନୁପମ ।

—ତାହାହେଲେ ରୁକ୍ମଣୀ ପାଖରୁ ଧମକ ଶୁଣିବା ଦରକାର ନାହିଁ, ଭଟ । ଏଣେ ବିକାଶବାବୁଙ୍କ ଟେଲିଗ୍ରାମରେ ତୁମେ ଷଡ଼ବିଷଡ଼ ହୋଇଯାଇଛ··· ହସି ହସି କହିଲା ସୁବ୍ରତ ।

ମୋ ସାଙ୍ଗରେ ତୁମେ ବି ଚାଲ ଆମ ଘରକୁ···

—ଏଇ ଦି-ପହରଟାରେ ? କାହା ଖାଇବାରେ ସୁଖ ଭାଗ ବସେଇବ ?

—କାହିଁକି, ରୁକ୍ମଣୀର ।···ପ୍ରଥମ ହସିଲା ଅନୁପମ ।

ସୁବ୍ରତର ମୁହଁ ଫିକା ହୋଇ ଆସୁଥିଲା, କୌଣସି ପ୍ରକାରେ ନିଜକୁ ସଂଯତ କରିନେଇ କହିଲା—ଆଚ୍ଛା ଚାଲ···

ଉଭୟେ ଆସି ଗାଡ଼ିରେ ବସିଲେ । ବଂଶୀଧରଙ୍କର ପ୍ଲାଇ-ମାଉଥ୍ ଖଣ୍ଡିକ ଉଲ୍‌କା ବେଗରେ ଛୁଟିଲା ।

ନିମନ୍ତ୍ରଣ ରକ୍ଷାକରି ନିଜ ଘରକୁ ଫେରିଆସିଲା ସୁବ୍ରତ । ମା' ଅସି ଡେରି ଦେଖି ମୃଦୁ ଭର୍ତ୍ସନା ଦେଲେ । ବନ୍ଧୁର ନିମନ୍ତ୍ରଣ ଉପେକ୍ଷା କରି ନପାରି ସେ ଆହାର ପର୍ବ ଶେଷକରି ଆସିଛି ବୋଲି କହି ନିଜର ଶଯ୍ୟନ କକ୍ଷରେ ପ୍ରବେଶକରି ବିଶ୍ରାମ ଲାଭାର୍ଥେ ଶଯ୍ୟା ଗ୍ରହଣ କଲା । ଅତୀତର ଘଟଣାଟିକୁ ଭଲଭାବେ ବିଶ୍ଳେଷଣ କରୁ କରୁ ସେ ଫେରିଆସିଲା ୧୫ ବର୍ଷ ପଛକୁ । ଅତୀତର ଗୋଟିଏ ସ୍ୱର୍ଣ୍ଣୋଜ୍ଜ୍ୱଳ ଅଧ୍ୟାୟ । ଅଧ୍ୟାୟଟି ଆରମ୍ଭ ହୋଇଛି ତା'ର ପାଖରୁ···

ଏକୋଇଶି

ସୁବ୍ରତ ଦାଶ !

ଅଦ୍ଭୁତ ଧରଣର ପିଲା ଏହି ସୁବ୍ରତ ଦାଶ ।

ସାଇକୋଲଜିରେ ଏମ୍-ଏସ ସି ପାଶ୍ କରି ବନ୍ଧୁ ଜୟନ୍ତ ପାଢ଼ି ସହିତ ଗୋଏନ୍ଦା ଜୀବନ ଯାପନ କରୁଛି । ଏହି ଜୀବନ ଯାପନ ପଛରେ ସୁବ୍ରତର ବିଶେଷ ଗୋଟିଏ କାରଣ ମଧ୍ୟ ଥିଲା ।

ଅର୍ଥାତ୍ ପରୋପକାରୀତା, ଦୟା ଓ ଦାକ୍ଷିଣ୍ୟରେ ହୃଦୟ ତାର ପୂର୍ଣ୍ଣ ଥିଲା ।

ସୁବ୍ରତର ଯେତେବେଳେ ତେରବର୍ଷ ବୟସ ହଠାତ୍ ଦିନେ ଦୁରନ୍ତ କଲେରା ରୋଗରେ ମାତ୍ର ଦେଢ଼ଘଣ୍ଟା ଭିତରେ ଆଗ ପଛ ହୋଇ ମା' ଓ ବାବା ଉଭୟେ ସ୍ୱର୍ଗାରୋହଣ କଲେ ।

ମୃତ୍ୟୁର ଦୁଇଘଣ୍ଟା ପୂର୍ବରୁ ପିତା ତାଙ୍କର ଉଦୟନପୁରରେ ଥିବା ଜଣେ ବାଲ୍ୟବନ୍ଧୁଙ୍କ କଥା ସୁବ୍ରତକୁ କହି ଯାଇଥିଲେ ।

କହିଥିଲେ—ସୁବ୍ରତ ! ସଂସାର ଛାଡ଼ିବା ପୂର୍ବରୁ ତୋତେ କାହାର ହାତରେ ସମର୍ପି ଦେଇ ପାରିଲି ନାହିଁ । ତୋର ଭବିଷ୍ୟତ ଲାଗି ମୁଁ କୌଣସି ସୁବ୍ୟବସ୍ଥା କରି ପାରିଲି ନାହିଁ । ତେବେ ଉଦୟନପୁରରେ ମୋର ଜଣେ ବନ୍ଧୁ ଏଡ୍‌ଭୋକେଟ୍ ଅବନୀ ତ୍ରିପାଠୀ ଅଛନ୍ତି, ତାଙ୍କୁ ଯାଇ ଅବସ୍ଥା କଥା ଜଣାଇଲେ ସେ ନିଶ୍ଚୟ ତୋର ସବୁ ସୁବିଧା କରିଦେବେ···

ସେଦିନ ଉଦୟନପୁରରେ ବିଖ୍ୟାତ ଏଡ୍‌ଭୋକେଟ୍ ଅବନୀ ତ୍ରିପାଠୀଙ୍କ ସୁବିଶାଳ ଅଟ୍ଟାଳିକାର ଫାଟକ ଦେଇ ପ୍ରବେଶ କରି ତାଙ୍କର ଡ୍ରଇଂ-ରୁମ୍‌ରେ ପ୍ରବେଶ କଲା ସେ । ପ୍ରକାଣ୍ଡ ସେକ୍ରେଟେରୀଏଟ୍ ଟେବୁଲ ପାଖରେ ବସି ଅବନୀ ବାବୁ ନଥିପତ୍ର ଦେଖୁଥିଲେ । ରୁକ୍ଷ କେଶଗୁଚ୍ଛ, ମଳିନ ମୁଖ ସୁବ୍ରତକୁ ଦେଖି ପ୍ରଶ୍ନ କଲେ—କିଏ ତୁମେ ?— କଣ ଚାହିଁ···

— ମୁଁ ଅହାରପଦା ଗ୍ରାମରୁ ଆସିଛି । ସ୍ୱର୍ଗୀୟ ଜନାର୍ଦ୍ଦନ ଦାଶଙ୍କର ପୁଅ ମୁଁ । ···

— କାହାର ?— କାହାର ପୁଅ ତୁମେ ?··· ଉତ୍ତେଜନାରେ ଉଠି ଠିଆହେଲେ ଅବନୀବାବୁ ।

ବାଇଶି

— ମୁଁ ଜନାର୍ଦ୍ଦନ ଦାଶଙ୍କର ପୁଅ···

ପରିଚୟ ପାଇ ଦୁଇହାତ ବଢ଼ାଇ ନିଜ ପାଖକୁ ସୁବ୍ରତକୁ ଟାଣି ଆଣିଲେ ଅବନୀବାବୁ ।

— ଜନାର୍ଦ୍ଦନ ମୋର କେବଳ ବନ୍ଧୁ ନଥିଲେ, ସେ ମୋର ଭାଇ ଥିଲେ । ସାମାନ୍ୟ କାରଣରୁ ସେ ମୋତେ ଭୁଲ ବୁଝି ଥିଲେ ମୁଁ ଜାଣେ । ଯାହା ହେଉ ସେ ଯେ ଶେଷ ମୁହୂର୍ତ୍ତି ପର୍ଯ୍ୟନ୍ତ ମୋତେ ମନେ ରଖିଥିଲେ··· କିନ୍ତୁ ତୁମେ ଏଠି କାହା ପାଖରେ ଅଛ ? ତୁମର ଜିନିଷପତ୍ର କେଉଁଠି ?

— ଜିନିଷପତ୍ର ସବୁ ଆହାରପଦାରେ ରଖି ଆସିଛି··· ଆସିଛି କେବଳ ଆପଣଙ୍କ ସାଙ୍ଗରେ ଦେଖା କରିବାକୁ···କହିଥିଲା ସୁବ୍ରତ ।

— ସେଇଠି ସବୁ ଥାଉ, ତୁମକୁ ଆଉ ଆହାରପଦା ଫେରି ଯିବାକୁ ହେବ ନାହିଁ । ଆଜିଠୁ ଏଇଠି ରୁହ ତୁମେ···

—କିନ୍ତୁ···

— ମୁଁ କିଛି ଶୁଣିବି ନାହିଁ···ଆଜିଠୁ ଏ ଘର ତୁମର—

ସୁବ୍ରତ ଆଉ ଗ୍ରାମକୁ ଫେରିଗଲା ନାହିଁ ।

ବିଖ୍ୟାତ ଧନୀ ଏଡ୍‌ଭୋକେଟ୍ ଅବନୀ ନିଶାଠୀଙ୍କ ଘରେ ସେ ରହିଗଲା ସେହିଦିନଠାରୁ···

ଏତେ ବଡ଼ ଅଟ୍ଟାଳିକାଟିରେ କିନ୍ତୁ ଦାସ-ଦାସୀଙ୍କର ସଂଖ୍ୟା ବେଶି । ଅବନୀବାବୁଙ୍କର ସ୍ତ୍ରୀ ସୁରମା ଦେବୀ ବିକୃତ-ମସ୍ତିଷ୍କ, କୌଣସି ସନ୍ତାନ ବି ମଧ୍ୟ ନାହାନ୍ତି ।

କନବର୍ଷ ତଳେ ଏକମାତ୍ର ପାଞ୍ଚ ବର୍ଷର କନ୍ୟାରତ୍ନକୁ ହରାଇବା ଦିନୁ ମୁଣ୍ଡର ଗୋଳମାଳ ଆରମ୍ଭ ହୋଇଛି ତାଙ୍କର । କେତେବେଳେ ଚିତ୍କାର କରି

ଦେଇଗି

କାନ୍ଦନ୍ତି, ଅକାରଣରେ ହସନ୍ତି, ନାନାଦି ଗୋଳମାଳ ଆରମ୍ଭ କରନ୍ତି କେତେବେଳେ ।

ବିକୃତ-ମସ୍ତିଷ୍କ ସୁରମା !

ପ୍ରଭୂତ ଅର୍ଥବ୍ୟୟ, ବିଭିନ୍ନ ଧରଣର ଚିକିତ୍ସା କରାଇ ସୁଦ୍ଧା କୌଣସି ଫଳ ହୋଇନାହିଁ ।

ଅବନୀବାବୁଙ୍କର ସହ୍ୟ ଶକ୍ତି ଅସୀମ । ବନ୍ଧୁ-ଭଗ୍ନୀ ସ୍ନେହ ଓ ପ୍ରୀତି ଦାନରେ ଗତ ତିନିବର୍ଷ ହେଲା ସେ ଏହି ଉନ୍ମାଦିନୀ ସ୍ତ୍ରୀକୁ ନେଇ ସଂସାର ନିର୍ବାହ କରୁଛନ୍ତି ।

ଆଇନ ବ୍ୟବସାୟରେ ଅବନୀବାବୁଙ୍କର ପ୍ରଚୁର ଅର୍ଥାଗମ ହୁଏ, କିନ୍ତୁ କାହାପାଇଁ ଏହି ଅର୍ଥ ଉପାର୍ଜନ । ସଂସାର ଭିତରେ ଏକମାତ୍ର ସ୍ତ୍ରୀ ଛଡ଼ା କିଏ ବା ଆଉ ତାଙ୍କର ଆପଣାର ହୋଇଅଛି । ସ୍ତ୍ରୀଙ୍କର ମସ୍ତିଷ୍କ ବିକୃତ ହେବା ପରେ ବନ୍ଧୁବାନ୍ଧବମାନେ କହିଥିଲେ, ଏହିତ ତୁମର ସୁଖ କରିବା ବେଳ— ତୁମେ ଅନ୍ୟ ବିବାହ ଲାଗି ବନ୍ଦୋବସ୍ତ କର ।...

ଅବନୀବାବୁ ମୃଦୁହସି ସେମାନଙ୍କୁ ଉତ୍ତରରେ କହିଥିଲେ—ବିବାହ ଦ୍ୱାରା ଜୀବନରେ ମୁଁ ସୁଖ ପାଇବି ନାହିଁ । ଏହା ମୁଁ ଜାଣେ । ସେ ଭାଗ୍ୟ ମୋର ଆଦୌ ନାହିଁ । ତାହା ନହେଲେ, ଏପରି ଶିକ୍ଷିତା, ରୂପବତୀ ଓ ପ୍ରେମମୟୀ ସ୍ତ୍ରୀର ମୁଣ୍ଡ ହଠାତ୍ ଗୋଳମାଳ ହୁଅନ୍ତା କାହିଁକି ? ଦୁର୍ଭାଗ୍ୟକୁ ଘୋଡ଼ାଇବାକୁ ଇଚ୍ଛା କଲେ ସୁଦ୍ଧା ଘୋଡ଼ାଇ ହୋଇ ରହେ ନାହିଁ । ତା' ଛଡ଼ା ମୁଁ ପୁରୁଷ, ଭାଗ୍ୟ ନିକଟରେ ପରାଜୟ ସ୍ୱୀକାର କରିବି କାହିଁକି ?—

ବନ୍ଧୁମାନେ ସମସ୍ୱରରେ କହିଲେ—ଏସବୁ ତର୍କର କଥା, ଅବନୀ...

— ନା, ଭାଇମାନେ ! ଅଗ୍ନି, ନାରାୟଣ ସାକ୍ଷୀ ରଖି ଦିନେ ଯାହାକୁ ଜୀବନ-ସଙ୍ଗିନୀ ରୂପେ ଗ୍ରହଣ କରିଛି, ଆଜି ତାର ଏହି ଦୁର୍ଦ୍ଦିନରେ ତାକୁ ତ୍ୟାଗ କଲେ, ମନୁଷ୍ୟର ବୁକୁ ଭିତରେ ଯେଉଁ ଭଗବାନ ଅଧିଷ୍ଠିତ ଅଛନ୍ତି ସେ କେବେ ଏତେବଡ଼ ଅନ୍ୟାୟକୁ କ୍ଷମା ଦେବେ ନାହିଁ । ମୁଁ ପୁରୁଷ, ସେଥିପାଇଁ ସୁରମାକୁ ତ୍ୟାଗ କରି ଆଉ ଥରେ ବିବାହ ହୋଇପାରେ, କିନ୍ତୁ

ଚବଣୀ

ସୁରମାର ମସ୍ତିଷ୍କ ବିକୃତ ନହୋଇ ଯଦି ମୋର ହୋଇଥାନ୍ତା, ତୁମ୍ଭେମାନେ କଣ ସୁରମାକୁ ଦ୍ୱିତୀୟ ସ୍ୱାମୀ ଗ୍ରହଣ କରିବା ଲାଗି ପରାମର୍ଶ ଦିଅନ୍ତ ?

ସେମାନେ କିନ୍ତୁ ସହଜରେ ଛାଡ଼ିବା ପାତ୍ର ନୁହନ୍ତି—କହିଥିଲେ—ସମାଜରେ ନାରୀ ଓ ପୁରୁଷର ଅଧିକାରର ସୀମା ସମାନ ନୁହେଁ ।

—ନା ଭାଇ, ଏତେବଡ଼ ଅନ୍ୟାୟ ମୁଁ କରିପାରିବି ନାହିଁ…

ପ୍ରାସାଦୋପମ ଅଟ୍ଟାଳିକାର ସମ୍ପୂର୍ଣ୍ଣ ଦୁଇ ମହଲାଟିରେ ଏକାକିନୀ ବିଚରଣ କରନ୍ତି ଉନ୍ମାଦିନୀ ସୁରମା ଦେବୀ । କେତେବେଳେ କାନ୍ଦନ୍ତି, ହସନ୍ତି, ଗୀତ ଗାଆନ୍ତି ଓ ଚିତ୍କାର କରନ୍ତି ।

କେବଳ ଦାସୀ ବୁଲି-ମା' ଓ ଅବନୀବାବୁଙ୍କ ବ୍ୟତୀତ ଅନ୍ୟ କାହାରିକୁ ସହ୍ୟ କରି ପାରନ୍ତି ନାହିଁ ସୁରମାଦେବୀ ।

ବୁଲି ମା' ବେଶି ସମୟପାଏ ସୁରମାଦେବୀଙ୍କ ପାଖେ ପାଖେ ଥାଏ ।

ଏଘରକୁ ଆସିବା ଦିନଠାରୁ ସୁବ୍ରତ ଉନ୍ମାଦିନୀ ସୁରମାଙ୍କୁ କେବେ-ହେଲେ ସ୍ୱଚକ୍ଷୁରେ ଦେଖିନାହିଁ, କେବଳ ତାଙ୍କ କଥା ଶୁଣିଆସୁଛି ସିନା । ସିଡ଼ିଦେଇ ଉପରକୁ ଉଠିବାର ଏକମାତ୍ର ଅଧିକାର ବୁଲି ମା'ର । ସିଡ଼ିର ଠିକ ପାଦଦେଶ ସଂଲଗ୍ନ ଗୋଟିଏ କକ୍ଷରେ ଥାଏ ସୁବ୍ରତ । ଦିନେ ଦିନେ ଘରେ ଥିବାବେଳେ ସେ ମଧ୍ୟ ଶୁଣିପାରେ ସୁରମାର କ୍ରନ୍ଦନ, ଚିତ୍କାର, ହସ ଓ ଗୀତ । କିଶୋର ମନରେ ତାର ଅଦ୍ଭୁତ କୌତୁହଳ ବେଳେବେଳେ ଜାଗିଉଠେ ଏହି ନାରୀଟିକୁ ଦେଖିବା ଲାଗି ।

ସ୍କୁଲରେ ସେ ନାମ ଲେଖାଇଛି । ଗୃହ-ଶିକ୍ଷକ ମଧ୍ୟ ଅଛନ୍ତି ତାକୁ ପଢ଼ାଇବାଲାଗି । ସୁବାଧିକ ଆଦର ଓ ଯତ୍ନରେ ପ୍ରତିପାଳିତ ହୋଇଥାଏ ସୁବ୍ରତ ଅବନୀବାବୁଙ୍କ ଘରେ ।

ପ୍ରାୟ ଏହା ଭିତରେ ପାଞ୍ଚମାସ ଗତ ହୋଇଯାଇଛି । ସେଦିନ କଣ ଗୋଟିଏ ଛୁଟିଥାଏ । ସୁବ୍ରତ ଥାଏ ଘରେ—ଦି'ପହରବେଳେ ଗୋଟିଏ

ଚେଷ୍ଟି



ଉତ୍କଳ ସଂଘ ଲାଇବ୍ରେରୀ
ନଂ.........

ଆକସ୍ମିକ ଘଟଣାର ମଧ୍ୟଦେଇ ସୁବ୍ରତ ଆସି ଠିଆହେଲା ସୁରମାଦେବୀଙ୍କର ସାମନାରେ ।

ଘରଟି ଭିତରେ ଶଯ୍ୟା ଉପରେ ପଡ଼ି ଖଣ୍ଡିଏ ବହି ଧରି ସେ ପଢ଼ୁଥିଲା । ହଠାତ୍ ଉପର ଘରୁ କୌଣସି କାଚ ଜିନିଷ ତଳେ ପଡ଼ି ଭାଙ୍ଗିଲେ ଯେପରି ଶବ୍ଦ ହୁଏ ସେହିପରି ଝଣ-ଝଣ ଶବ୍ଦ ଓ ତୀକ୍ଷ୍ଣ ଚିତ୍କାର "ଗଲା—ସବୁ ଗଲା" ଶୁଣି କାନଦୁଇଟା ତାର ସତେଜ ହୋଇଉଠିଲା ।

ଚମକି ପଡ଼ିଲା ସୁବ୍ରତ ।

ପୁଣି ଥରେ ଶୁଣାଗଲା କାଚ ଭଙ୍ଗାର ଶବ୍ଦ—ଝଣ୍...ଝଣ୍...ଝଣ୍...

ଶୁଣାଗଲା ସେହି ତୀକ୍ଷ୍ଣ ଚିତ୍କାର—ଯାଉ—ସବୁ ଯାଉ...

ଉପର ଘରେ ତାଣ୍ଡବ-ନୃତ୍ୟ ଯେପରି ଆରମ୍ଭ ହେଲା ।

ସୁବ୍ରତ ନିଜକୁ ଆଉ ସଂଯତ କରି ନପାରି ଘର ଭିତରୁ ବାହାରି ଆସିଲା । ସିଡ଼ି ଉପରେ ଦାସ ଦାସୀମାନେ ଭିଡ଼କରି ଛିଡ଼ା ହୋଇଛନ୍ତି । ସମସ୍ତଙ୍କର ମୁହଁରେ ଆତଙ୍କର ଚିହ୍ନ ଫୁଟି ଉଠିଛି । ସୁବ୍ରତ ଭୃତ୍ୟ ରଘୁଆକୁ ପ୍ରଶ୍ନ କଲା—କଣ ତାଙ୍କର ହେଲା ରଘୁ ! କାହିଁକି ସେ ଏମିତି ହୋଇଛନ୍ତି ?...

ରଘୁ ଉତ୍ତର ଦେଲା—ଆଜିକାଲି ଦି'ପହରଟାରେ ସେ ବରାବର ଏମିତି ହେଉଛନ୍ତି...ଦିନୁଦିନ ମୁଣ୍ଡ ତାଙ୍କର ଖରାପ ହୋଇଆସୁଛି ।

—ତୁମେମାନେ କେହି ଉପରକୁ ଯାଇ ତାଙ୍କୁ ବୁଝାସୁଝା କରୁନାହଁ କାହିଁକି ?—କହିଲା ସୁବ୍ରତ ।

—ଏତେବେଳେ କିଏ ତାଙ୍କ ପାଖକୁ ଯିବ, ବାବୁ ! ପାଗଳା କୁକୁର ଓ ଅଚଣା ମହିଷି ପାଖକୁ କିଏ କଣ ଯାଇପାରେ ? ତାଙ୍କ ଦଶା ସେଇଆ । ବୁଲୁ-ମା' ଛଡ଼ା ତାଙ୍କ ପାଖକୁ ଆଉ କେହି ଯାଇ ପାରିବେ ନାହିଁ...କହିଲା ଆଉ ଜଣେ ଦାସୀ ।

—ବୁଲୁ ମା' ଗଲେ କେଉଁଆଡ଼େ ?—

—ଅଧଘଣ୍ଟା ହେବ ତାଙ୍କୁ ଖୁଆଇ ପିଆଇ କିଏ ଜଣେ ତାର ବନ୍ଧୁ ଅସିଛନ୍ତି ବୋଲି ଦେଖା କରିବା ପାଇଁ ଘରକୁ ଯାଇଛି ।

ଫେର ଚନ୍ଦ୍ର ସମାନ ଜଳରେ ଝମ୍ପ ଦେଲେ ପଡ଼ିବା ଶବ୍ଦ ଓ ଚିତ୍କାର ଶୁଣାଯାଉଥାଏ ।

କିଶୋର ସୁବ୍ରତ କିଛିକ୍ଷଣ ମନେ ମନେ କଣ ଚିନ୍ତାକରି ଦୃଢ଼ ପଦକ୍ଷେପରେ ଉପରକୁ ଉଠିବାକୁ ଲାଗିଲା । ଆଉ ସୁବ୍ରତକୁ ଉପରକୁ ଉଠିବା ଦେଖି ଆତଙ୍କିତ କଣ୍ଠରେ ରଘୁ କହିଲା—କୁଆଡ଼େ ଯାଉଛ ବାବୁ ।

—ଉପରକୁ

ନା-ନା, ଉପରକୁ ଯାଅନା ବାବୁ—ସେ ଭୂତ ଲାଗିଛନ୍ତି, ହୁଏତ ତୁମକୁ ଖଣ୍ଡିଆ-ଖାବରା କରିଦେବେ । ସେ'ତ ଆଉ ମଣିଷ ହୋଇ ନାହାନ୍ତି, ରାକ୍ଷସୀ ।

ରଘୁର କାତର ପ୍ରାର୍ଥନାରେ କର୍ଣ୍ଣପାତ ନକରି ତରତର ହୋଇ ଉପରକୁ ଉଠିବାକୁ ଲାଗିଲା ସୁବ୍ରତ । ମନ ଭିତରେ ଯେପରି ଅଦ୍ଭୁତ ଗୋଟିଏ ସଂକଳ୍ପ ଅନୁଭବ କରିବାକୁ ଲାଗିଲା କିଶୋର ବାଳକ ।

ତୀକ୍ଷ୍ଣ, ରୁଢ଼ ଚିତ୍କାରର ଧ୍ୱନି ଯେପରି କର୍ଣ୍ଣ-ପଟହକୁ ବିଦୀର୍ଣ୍ଣ କରି ଦେଉଥାଏ ।

ଦାସଦାସୀମାନେ ସିଡ଼ି ତଳରେ ଛିଡ଼ାହୋଇ ବିସ୍ମୟ-ବିସ୍ଫାରିତ ନେତ୍ରରେ ଦୁଃସାହସିକ କିଶୋର ବାଳକର ଗମନ ପଥକୁ ଲକ୍ଷ୍ୟ କରୁଥାନ୍ତି ।

ଦ୍ୱାର ଠେଲି ସୁବ୍ରତ ଘର ଭିତରେ ଅସି ଠିଆହୋଇ ମୃଦୁ କୋମଳ ସ୍ୱରରେ ଡାକିଲା—ମା'...

କାଂସା ନିର୍ମିତ ଗୋଟିଏ ଗ୍ଲାସ ଧରି କାଚ ଆଲମାରୀ ଉପରେ ଆଘାତ କରିବାକୁ ଉଦ୍ୟତ ହୋଇଥିଲେ ସୁରମା ଦେବୀ । ସୁବ୍ରତର ଡାକ ଶୁଣି ତାଙ୍କର ବୁକୁ ଭିତରେ ଯେପରି ବିଦ୍ୟୁତର ତରଙ୍ଗ ଆସି ଆଘାତ କଲାପରି ମନେହେଲା ।

ଉଦ୍ୟତ ଗ୍ଲାସଟି ହାତରେ ରହିଗଲା, ଫେରି ଚାହିଁଲେ ସୁବ୍ରତ ଆଡ଼େ...

ସହେଇଷ୍ଟି

ତାଙ୍କ ବିସ୍ମିତ ଦୃଷ୍ଟିରେ ଗୃହଥାଏ ସୁବ୍ରତ—ଅପୂର୍ବ ସୁନ୍ଦରୀ ଜଣେ ନାରୀ, କିନ୍ତୁ ଏତେ ସୌନ୍ଦର୍ଯ୍ୟ ଯେପରି ପାଉଁଶ ତଳେ ଆତ୍ମଗୋପନ କରି ସମଗ୍ର ଶରୀରଟିକୁ କାନ୍ତିହୀନ କରି ଦେଇଛି । ଦୀର୍ଘ କେଶରାଶି ଅବିନ୍ୟସ୍ତ ଭାବେ ଖସି ପଡ଼ିଛି ବକ୍ଷ ଓ ପୃଷ୍ଠ ଦେଶରେ ।

ଭଙ୍ଗା କାଚର ଅଘାତରେ ହାତର ଗୋଟିଏ ଅଙ୍ଗୁଳି କଟି ଯାଇଥାଏ ବୋଧହୁଏ । ରକ୍ତରେ ଅଙ୍ଗୁଳିଟି ଓ ଶାଢ଼ୀର କେତେକାଂଶ ଲାଲ ଦେଖା ଯାଉଛି । ଅଖିର ଦୃଷ୍ଟି ଅସ୍ୱାଭାବିକ ଗୋଟାଏ କ୍ରୂର ଜିଘାଂସାରେ ଶାଣିତ ଛୁରୀର ଅଗ୍ରଭାଗ ପରି ଚକ୍‌ଚକ୍ ଦେଖା ଯାଉଥାଏ ।

ସୁବ୍ରତ ପୁନର୍ବାର ଡାକିଲା—ମା’…

ପୁନର୍ବାର ସେହି ବିଦ୍ୟୁତର ଶିହରଣ ଖେଳିଗଲା ସୁରମାଦେବୀଙ୍କର ବୁକୁରେ ।

ଗୋଟିଏ ମାତ୍ର ଅକ୍ଷର, ଗୋଟିଏ ଶବ୍ଦ ଯେପରି ଅନ୍ତରର ଅନ୍ତସ୍ଥଳରେ ଥିବା ନିବିଡ଼ ସ୍ନେହ ମମତା, ଦୁଃଖ, ଅଶ୍ରୁ, ବେଦନା, ଆନନ୍ଦ ଓ ଉଲ୍ଲାସରେ ହିଲ୍ଲୋଳିତ ଓ ମର୍ମରିତ ହୋଇ ଉଠିଲା ।

ମା ! — ମା ! …

ସମଗ୍ର ଶବ୍ଦ-ସିନ୍ଧୁ ମନ୍ଥନ କରି ଏହି ଗୋଟିଏ ମାତ୍ର ଶବ୍ଦ । ବିଶ୍ୱର ସବୁ ଆନନ୍ଦ-ବେଦନା-ସ୍ନେହ-ମାୟା-କରୁଣା-ଜଡ଼ିତ ଡାକଟି ପାଗଳିନୀ ସୁରମାର ହୃଦୟକୁ ଯେପରି ବାତ୍ୟା-ତାଡ଼ିତ ସମୁଦ୍ରର ବକ୍ଷ ପରି ଉଦ୍‌ବେଳିତ ଓ ଚଞ୍ଚଳ କରିଦେଲା ମୁହୂର୍ତ୍ତିକ ଭିତରେ ।

ମା ! ମା ।

ବହୁକାଳ—ବହୁକାଳ ହେଲା ସେ ଏହି ଡାକଟିକୁ ଶୁଣି ନାହାନ୍ତି । ବହୁଦିନ ହେଲା ଗୋଟିଏ ଅନ୍ତରର ଡାକଟି ଏ ଘରର କେହି ଉଚ୍ଚାରଣ କରି ନାହାନ୍ତି । ବହୁଦିନର ରୁଦ୍ଧ କବାଟ ବାତାୟନ ଗୁଡ଼ିକ ଯେପରି ମୁହୂର୍ତ୍ତିକ ଭିତରେ ଖୋଲିଗଲା—ଉଦ୍ଦାମ ଚଞ୍ଚଳ ବସନ୍ତ ବାୟୁ ମର୍ମରିତ ହିଲ୍ଲୋଳିତ କରି ଦେଉଁଅଛି ଆଜି କେଜାଣି ।

ପାଗଳିନୀ ସୁରମା ପାଷାଣୀ ପ୍ରତିମାରେ ପରିଣତ ହୋଇଛନ୍ତି ଯେପରି ଏହି ଅଭାବନୀୟ ପରିସ୍ଥିତିରେ ପଡ଼ି ।

ଅପରିସୀମ ଗୋଟାଏ କାମନାର କ୍ଷୁଧାତୁର ସୁବ୍ରତର ସର୍ବାଙ୍ଗକୁ ଲେହନ କରୁଛନ୍ତି ଯେପରି ସେ ସ୍ଥିର ଚକ୍ଷୁର ଦୃଷ୍ଟିରେ ।

ସୁବ୍ରତ ଆଉ ଟିକିଏ ଆଗେଇ ଆସିଲା, ତଳେ ଅସଂଖ୍ୟ ଭଙ୍ଗା କାଚ ପଡ଼ିଛି—ଆଘାତର ଆଶଙ୍କା ନକରି ପାଷାଣବତ୍ ଦଣ୍ଡାୟମାନ ସୁରମା-ଦେବୀଙ୍କର ନିକଟସ୍ଥ ହେବାକୁ ଲାଗିଲା ଧୀର ପଦ ବିକ୍ଷେପରେ ।

ସୁରମା ଦେବୀଙ୍କର ଚକ୍ଷୁ-ତାରକା ଦୁଇଟିରେ ଅତୃପ୍ତ ସନ୍ତାନ-କ୍ଷୁଧାର ହୋମାଗ୍ନି ଯେପରି ଲେଲିହ ହୋଇ ଉଠିଛି, ସେହି ଅଗ୍ନିଶିଖା ଯେପରି ସର୍ବଭୁକ୍, ମାତୃ କଣ୍ଠର ଶକ୍ତ ପଞ୍ଜରା ଭିତରେ ବନ୍ଦୀକରି ଅକ୍ଟୋପାଶ ପରି ଅଷ୍ଟବାହୁ ବେଷ୍ଟନରେ ଶୋଷଣ କରିବ ସମଗ୍ର ଦେହଟିକୁ ।

— ମା ! ମା !...

ସୁରମା ଦେବୀଙ୍କର ହାତର ମୁଷ୍ଟି ଶିଥିଳ ହୋଇ ଆସିଲା, ଝଣ ଝଣ ଶବ୍ଦ କରି ହାତରେ ଧରିଥିବା କାଂସାଗ୍ଲାସଟି ଭୂତଳେ ପଡ଼ିଗଲା ।

ଆଉ ଟିକିଏ ଆଗେଇ ଆସିଲା ସୁବ୍ରତ । କୃଶତନୁ, ସ୍ୱର୍ଣ୍ଣ ଚମ୍ପାପରି ଦେହର ବର୍ଣ୍ଣ, କୋମଳ ନବନୀତ ଶରୀରର ଅମିୟ କାନ୍ତି, ମୁଣ୍ଡରେ ପର୍ଯ୍ୟାପ୍ତ କୁଞ୍ଚିତ କେଶଗୁଚ୍ଛ, ଢଳ ଢଳ ଚକ୍ଷୁ ଦୁଇଟି—ହତଭମ୍ବ ପାଗଳିନୀ ସୁରମା ଦେବୀ ସୁବ୍ରତ ଆଡ଼େ ଅପଲକ ନୟନରେ ଚାହିଁଥାନ୍ତି ଦୁଇଚକ୍ଷୁର ପୂର୍ଣ୍ଣଗ୍ରାସ ମେଲାଇ ।

ପାଦରେ ଭଙ୍ଗା କାଚ ଫୁଟି ଝରଝର ରକ୍ତଧାର ବୋହି ଚାଲିଛି । ସେଥିପ୍ରତି ଖିଆଲ ନାହିଁ ସୁବ୍ରତର—କ୍ଷୁଧିତ ସର୍ପର ଦୃଷ୍ଟିରେ ପଡ଼ି ହରିଣ ଶାବକ ଯେପରି ଆପେ ଆପେ ଟାଣି ହୋଇଯାଏ, ସେହିପରିଭାବେ ସେ ଆଗେଇ ଚାଲିଛି କି ଏକ ଆକର୍ଷଣୀୟ ପ୍ରଭାବରେ । ନିଜର ଅଜ୍ଞାତରେ ଗୋଡ଼ ଦୁଇଟି ଆଗେଇ ଆସୁଛି ।

ଅଣଚରଣି

ସହସା ବୁକଟି ହାତର ବନ୍ଧନ ଭିତରେ ପଡ଼ି ଗତହସ୍ତା ହୋଇ ଚମକି ଛିଡ଼ା ହୋଇ ଗଲା ସେ ।

ଅଜଗର ସର୍ପ ବେଷ୍ଟନୀ ଭଳି ନିର୍ମମ କଠିନ ବେଷ୍ଟନୀ ଓ ପେଷଣରେ ନିଶ୍ୱାସ ଯେପରି ଅଟକି ଗଲାପରି ସୁବ୍ରତର ମନେ ହେଉଥାଏ—ମୁଣ୍ଡ ଘୂରି ସର୍ବାଙ୍ଗ ଯେପରି ଝିମ୍ ଝିମ୍ ହୋଇ ଆସୁଥାଏ । କ୍ରମେ ସୁରମାର ନିବିଡ଼ ବାହୁ-ବନ୍ଧନ ଭିତରେ ସେ ନିସ୍ତେଜ ହୋଇପଡ଼ିଲା ।

ସାଗର ମନ୍ଥନରୁ ଉଠି ଆସିଲେ ଦୁର୍ବାଷାଙ୍କ ଶାପରେ ନିମଜ୍ଜିତା ବିଷ୍ଣୁ-ଲକ୍ଷ୍ମୀ, ହାତରେ ତାଙ୍କର ପରିପୂର୍ଣ୍ଣ ସୁଧାଭାଣ୍ଡ ।

ଗୌତମ ଅଭିଶପ୍ତା ପାଷାଣୀ ଅହଲ୍ୟା ବିଷ୍ଣୁ ପାଦପଦ୍ମ ସ୍ପର୍ଶରେ ବହୁକାଳ ପରେ ଯେପରି ନିଦ୍ରାଭେଙ୍ଗି ଜାଗରିତା ହେଲେ ।

ପାଗଳିନୀ ସୁରମାର ନିଦ୍ରା ଭାଙ୍ଗିଛି, ଅତୃପ୍ତ କାମନା-ସିନ୍ଧୁ ମନ୍ଥନ ଶେଷରେ ପାଇଛନ୍ତି ସେ ସୁବ୍ରତକୁ ।

ଧୀରେ ଧୀରେ ଜ୍ଞାନ ଫେରିଆସୁଛି, ଅପୂର୍ବ ପୁଲକ ଶିହରଣ ଦେହର ପ୍ରତି ରକ୍ତବିନ୍ଦୁରେ ଖେଳେଇ ହୋଇ ଆସୁଛି କ୍ରମେ କ୍ରମେ ।

ଆନନ୍ଦଘନ ଅପୂର୍ବକାନ୍ତି···ଦେହ ଓ ମନ ଉଭୟେ ମତୁଆଲା ହୋଇ ଉଠେ···ଅପୂର୍ବ ପୁଲକେ ଉଚ୍ଛ୍ୱାସ—ଅପୂର୍ବ ଆନନ୍ଦାନୁଭୂତି !

ସପ୍ତ ଦେହସିନ୍ଧୁ ଯେପରି ସୁବ୍ରତକୁ ନିଜ ବକ୍ଷ ଉପରେ ରଖି ଝୁଲାଇବାକୁ ଲାଗିଛି ଅପୂର୍ବ ତାଳରେ । ବୁକୁ ଉପରେ ପକାଇ ସୁରମା ସୁବ୍ରତର [illegible] ସ୍ନେହସ୍ପର୍ଶ ବୁଲାଉ ବୁଲାଉ କହୁଥାନ୍ତି—ପୁଅ, ପୁଅ ମୋର···

—ମା ! ମା !···

ସୁବ୍ରତର ଚକ୍ଷୁ ଆପେ ଆପେ ମୁଦ ହୋଇ ଆସେ ।

ଦୀର୍ଘ ତିନିବର୍ଷର ତପସ୍ୟା, ନାନାଦି ପ୍ରଚେଷ୍ଟା ଯାହା କରିପାରିନାହିଁ ସେ ଅଘଟନ ଘଟିଗଲା ସେଦିନ ଦଶହରାବେଳେ ଗୋଟିଏ ମାତ୍ର ସ୍ପର୍ଶରେ ।

ପାଗଳିନୀ ସୁରମା, ପାଷାଣୀ ସୁରମା ଯେପରି ନବ ପ୍ରାଣରେ ପଲ୍ଲବିତ ହେଲା । ସମ୍ପୂର୍ଣ୍ଣଭାବେ ସୁସ୍ଥ ହେଲେ ସେ ।

ସୁବ୍ରତ ଉପର ଘରେ ଆସି ରହିଲା, ଠିକ୍ ସୁରମାର ପାର୍ଶ୍ୱ କକ୍ଷରେ ।

ସୁବ୍ରତକୁ ଦେଖି ସେ ଯେପରି ହୃତ ସନ୍ତାନକୁ ତାଙ୍କର ଫେରି-ପାଇଛନ୍ତି·· ସୁରମା ଫେରି ପାଇଛନ୍ତି ସନ୍ତାନ ।

ଫେରି ପାଇଛି ସୁବ୍ରତ ତାର ମା'କୁ···

ସ୍ୱସ୍ତିର ନିଃଶ୍ୱାସ ଛାଡ଼ିଲେ ଅବନୀବାବୁ ।

ମାତା ଓ ପୁତ୍ରର ଦିନଗୁଡ଼ିକ ହସ-ଅଶ୍ରୁ—ଆନନ୍ଦରେ ଅତିବାହିତ ହେବାକୁ ଲାଗିଲା । ସୁରମାଙ୍କର ଅତୃପ୍ତ ସନ୍ତାନ-ସ୍ପୃହା ସୁବ୍ରତକୁ ନିଜର ବକ୍ଷସୁଧା ଦାନ କରି ନିର୍ଝରିଣୀରେ ସିକ୍ତ କରି ରଖେ ଯେପରି । ଏତେଦିନ ପରେ ବନ୍ଦିନୀ ଜନନୀର ସମସ୍ତ ବନ୍ଧନକୁ ମୁକ୍ତ ଲାଭ କରିଛି ।

ମାତୃତ୍ୱର ସ୍ନେହ ରସରେ ବଢ଼ି ହେବାକୁ ଲାଗିଲା ସୁବ୍ରତ । ପରେ ମଧ୍ୟ ସୁରମାଙ୍କର ଅନ୍ୟ କୌଣସି ସନ୍ତାନାଦି ହେଲା ନାହିଁ । ସୁବ୍ରତ ହେଲା ତାଙ୍କର ଏକମାତ୍ର ସନ୍ତାନ ।

ସୁବ୍ରତ ତାଙ୍କର ନିଜର ସନ୍ତାନ ନୁହେଁ ଏହା ସୁରମାଦେବୀ ଭୁଲି ଯାଇଥିଲେ । ସୁବ୍ରତ ମଧ୍ୟ ଭୁଲି ଯାଇଥିଲା ସୁରମାଦେବୀ ତାର ନିଜ ଗର୍ଭଧାରିଣୀ ନୁହଁନ୍ତି ବୋଲି—ଏହିପରି ଭାବେ ମାତା ଓ ପୁତ୍ରର ପନ୍ଦର ବର୍ଷର ଇତିହାସ ମହାକାଳର ଦୁର୍ଗମ ପଥକୁ ଅତିକ୍ରମ କରିବାକୁ ଲାଗିଲା ।

ଅବନୀବାବୁ ବୃଦ୍ଧ ହୋଇ ପଡ଼ିଛନ୍ତି । ଆଇନ-ବ୍ୟବସାୟ ମଧ୍ୟ ଛାଡିଦେଇଛନ୍ତି । ସୁରମାଦେବୀଙ୍କ କେଶରାଜି ରୂପା ପରି ଚକ୍ ଚକ୍ ଦେଖାଯାଉଅଛି । ଏମ୍. ଏସ୍-ସି ପାଶ୍ କରିବା ପରେ ସେ ଏହି ଗୋଇନ୍ଦା ଜୀବନ ବାଛି ନେଇଛି । ଅବନୀବାବୁ ଓ ସୁରମାଦେବୀ ତାକୁ ବୃତ୍ତିଟି କରିବାକୁ ଆଗରୁ ବାରମ୍ବାର ନିଷେଧ କରିଥିଲେ,

ଏକତରଛି

କିନ୍ତୁ ଗୋଟିଏ ଖିଆଲର ବଶବର୍ତ୍ତୀ ହୋଇ ସେ ଏହି ବ୍ୟକ୍ତିଟିକୁ ବାଛିନେଲା ।

ଅବଶ୍ୟ ଏହି ଖିଆଲର ଅନ୍ତରାଳରେ ହାତ ଥିଲା ଜୟନ୍ତ ପାଣ୍ଡର ।

ଜୟନ୍ତ ପାଣ୍ଡ !

ଆଶ୍ଚର୍ଯ୍ୟଭାବେ ସୁବ୍ରତ ସହିତ ତା'ର ପରିଚୟ ଘଟିଲା ।

ଦିନେ ନାଇଟ୍ ସୋ' ସିନେମା ଦେଖି ଫେରୁଛି ସୁବ୍ରତ । ରାତି ଅନେକ ହୋଇଯାଇଛି ; ମହାନଗରୀ ସେତେବେଳେ କୋଳାହଳ ଶୂନ୍ୟ —ଜନ ମାନବ ଦେଖାଯାଏ ନାହିଁ ଆଦୌ, କେବଳ ବିଜୁଳି ଖୁଣ୍ଟର ବତୀ ଗୁଡ଼ିକ ଏକ ଚକ୍ଷୁ କାକ ପରି ରାସ୍ତାରେ ଠିଆ ହୋଇଥାନ୍ତି । ରେକ୍ସା ନପାଇ ଚାଲିଚାଲି ଆସୁଛି ସୁବ୍ରତ, ହଠାତ୍ ସେ ଦେଖିପାରିଲା ଜଣେ ଲୋକ ଦ୍ରୁତ ଗତିରେ ଦୌଡ଼ିଆସି ରାସ୍ତାର ଗୋଟିଏ ପାଖରେ ଥିବା ଝାଁଉଗଛପୂର୍ଣ୍ଣ ଅନ୍ଧକାରାବୃତ ଗୋଟିଏ ପାଚେରୀକୁ ଡେଇଁ ଭିତରେ ଆସି ପଡ଼ିଲା ଓ ପଲକ ଭିତରେ ଆଉ ଜଣେ ଦୀର୍ଘାକୃତ ସୁଠ-ସରହିତ ବ୍ୟକ୍ତି ତା'ର ଗମନ ପଥକୁ ଅନୁସରଣ କଲା ।

ଏସବୁ ଦେଖି ସୁବ୍ରତ ବୋକାଙ୍କ ପରି ଛିଡ଼ାହୋଇ ରହିଲା । କଣ କରିବା ଉଚିତ ତାହା ସେ ଠିକ୍ କରିପାରିଲା ନାହିଁ । ହଠାତ୍ ପିସ୍ତଲର ଶବ୍ଦ ଓ କରୁଣ ଗୋଟିଏ ଚିତ୍କାରରେ ଚେତନା ତାର ଫେରିଆସିଲା— ମୁହୂର୍ତ୍ତେ ମାତ୍ର ବିଳମ୍ବ ନକରି ପାଚେରୀ ଡେଇଁ ସେ ଭିତରେ ପ୍ରବେଶ କରି ଦେଖିଲା ପ୍ରଥମ ବ୍ୟକ୍ତି ଗୋଡ଼ର ଯନ୍ତ୍ରଣାରେ ବ୍ୟାକୁଳ ହୋଇ ଉଠୁଛି ଓ ଦ୍ୱିତୀୟ ବ୍ୟକ୍ତିର ହାତରେ ପିସ୍ତଲରୁ ଧୂମ୍ରରାଶି ସେ ପର୍ଯ୍ୟନ୍ତ ନିଃଶେଷ ହୋଇନାହିଁ ।

ଘଟଣାଟିକୁ ବୁଝିନେଇ ଦ୍ୱିତୀୟ ବ୍ୟକ୍ତି ଆଡ଼େ ଚାହିଁ ସୁବ୍ରତ ସ୍ପଷ୍ଟ ବୁଝିପାରିଲା ସେହି ବ୍ୟକ୍ତି ଅଭିଜାତବଂଶୀୟ—ନିଶ୍ଚୟ କୌଣସି ରହସ୍ୟର ଭେଦପାଇଁ ପ୍ରଥମ ବ୍ୟକ୍ତିକୁ ଅନୁସରଣ କରିଥିଲା ।

କହଣି

ସୁବ୍ରତର ବିସ୍ମୟାକୁଳ ଭାବ ଲକ୍ଷ୍ୟ କରି ସେହି ବ୍ୟକ୍ତି ଶାନ୍ତ ସଂଯତ କଣ୍ଠରେ କହିଲେ—ଆପଣ ବୋଧହୁଏ ସିନେମା ଦେଖି ଏଇବାଟେ ଫେରୁଥିଲେ ? ବୋଧହୁଏ କେଉଁଠି ଆପଣଙ୍କୁ ଦେଖିଛି···ହଁ ଆଜ୍ଞା ଭେଙ୍କଟ ଅବଣୀବାବୁଙ୍କ ଘରେ ବୋଧହୁଏ···

— ଆପଣଙ୍କର ଅନୁମାନ ଠିକ୍···କହିଲେ ସୁବ୍ରତ···ତାପରେ ଯନ୍ତ୍ରଣା-କାତର ପ୍ରଥମ ବ୍ୟକ୍ତି ଆଡ଼େ ଚାହିଁ କହିଲେ—ଲୋକଟା ବୋଧହୁଏ ପକେଟମାର୍ ?

— ନା, ପକେଟମାର ହେଲେ ମୁଁ ଏତେ କଷ୍ଟ ସ୍ୱୀକାର କରନ୍ତି ନାହିଁ, ଲୋକଟା ଗୋଟାଏ ଖୁନୀ ଆସାମୀ··· ଅନେକ ଦିନରୁ ମୁଁ ତା ପଛରେ ଲାଗିଛି···କହୁ କହୁ ପକେଟରୁ ଖଣ୍ଡିଏ ଦୌଡ଼ି ବାହାର କରି ଆହତବ୍ୟକ୍ତିକୁ ବାନ୍ଧିବାକୁ ଲାଗିଲେ ସେ ।

— ଆପଣ ତାହାହେଲେ ପୁଲିଶର ଲୋକ···

— ଠିକ୍ ତା’ ନୁହେଁ । ତେବେ ଖୁନୀ ଡକାୟତମାନଙ୍କ ଉପରେ ମୋର ଦୃଷ୍ଟି ଥାଏ । ରହସ୍ୟର ଗନ୍ଧ ପାଇଲେ ଶକୁନ ପରି ଉଡ଼ିଆସେ··· ହସି ହସି କହିଲେ ଦ୍ୱିତୀୟ ବ୍ୟକ୍ତି ।

— ଆପଣ ତାହାହେଲେ ଗୋଇନ୍ଦା ?

— ହଁ, ବେତନଭୋଗୀ ନୁହେଁ, ପ୍ରାଇଭେଟ୍ ।

କାର୍ଯ୍ୟ ଶେଷ ହୋଇଥିଲା । କହିଲେ—ଆପଣ ଟିକିଏ ସାହାଯ୍ୟ କରିବେ ମୋତେ ! ଏଇ ଲୋକଟାକୁ ଏଇଠି ଟିକିଏ ଜଗିଥାନ୍ତୁ, ମୁଁ ଘର ଭିତରଟା ଟିକିଏ ବୁଲି ଦେଖିଆସେ ଆଉ କେହି ଦଳର ଲୋକ ଭିତରେ ଅଛନ୍ତି କି ନାହିଁ···କିଛି ଭୟ କରିବେ ନାହିଁ, ଏ ଲୋକଟା ଆପଣଙ୍କର କୌଣସି କ୍ଷତି କରିବ ନାହିଁ ।

— ନା, ମୁଁ ଡରେ ନାହିଁ—ଏସବୁ ବିଷୟରେ ମୁଁ ଖୁବ୍ ଉତ୍ସାହ ପାଏ···

ସେହି ବ୍ୟକ୍ତି ହସି ହସି ଚାଲିଗଲେ । ସୁବ୍ରତ ଠିଆ ହୋଇଥାଏ ସେଇଠି । କିଛି ସମୟ ପରେ ଫେରି ଆସି କହିଲେ—ନା, କେହି ନାହାନ୍ତି ।

ତେଣିକି

ଆପଣ ଦୟାକରି ଆଉ ଦୁଇ ମିନଟ୍ ଛିଡ଼ା ହୁଅନ୍ତୁ, କାରଣ ମୁଁ ଟିକଏ ଦୂରରେ ରହି ଆସିଛି —ଏହି ଲୋକଟାକୁ ଥାନାରେ ପହଞ୍ଚାଇ ଦେଇ ମୁଁ ଆପଣଙ୍କୁ ଘରେ ଛାଡ଼ିଦେଇ ଆସିବି…କିନ୍ତୁ, ଆଗେ ଗେଟ୍ କେଉଁଠି ଅଛି ତାହା ଦେଖିବାକୁ ହେବ ।

ଏହିଠାରୁ ପରିଚୟ ଆରମ୍ଭ ! ସୁବ୍ରତର କଥାବାର୍ତ୍ତା, ସାହସ ଓ ଅସୀମ କ୍ଷମତାର ପରିଚୟରେ ମୁଗ୍ଧ ହୋଇ ଜୟନ୍ତ ତାକୁ ସହକାରୀଭାବେ ଗ୍ରହଣ କରିଛି ଓ ଜୟନ୍ତ ସାହଚର୍ଯ୍ୟରେ ଆସି ନିଜର ଦକ୍ଷତା ପ୍ରକାଶ କରିଛି ନାଗରିକମାନଙ୍କ ଆଗରେ । ଆରୋଗ୍ୟ ନିକେତନ ସହିତ ସଂପୃକ୍ତ ସେ ଜୟନ୍ତର ମାଧ୍ୟମରେ ।

ଦିନେ ସେ ସୁରମାଦେବୀଙ୍କୁ କହିଥିଲା, କାହିଁକି ମୁଁ ଗୋଇନ୍ଦା-ଜୀବନ ବାଛି ନେଇଛି ଜାଣ ମା'—ମୁଁ ମୋର ସାନ ଭଉଣୀଟିକୁ ଯେଉଁ-ଦିନ ହେଲେ ଖୋଜି ବାହାର କରିବି ।

ହସି ହସି କହିଥିଲେ ସୁରମା ଦେବୀ, ଏସବୁ ପାଗଳର ଖିଆଲ୍ । କେତେ କେଉଁ ଅତୀତର ଅନ୍ଧକାରରେ ଯାହା ହଜି ଯାଇଛି ତା' ପଛରେ ଗୋଡ଼ାଇବା ବାତୁଳତା ନୁହେଁ କି ?

— ତୁମେ ଯାହା କୁହ ମା', ହଜି ଯାଇନାହିଁ ସେ । ମୋର ମନେ ହେଉଛି ସେ କେବେ ନିଶ୍ଚିହ୍ନ ହୋଇନାହିଁ । ମହାନଗରୀର ଅଗଣିତ ଜନାରଣ୍ୟ ଭିତରେ କେଉଁଠି ହେଲେ ସେ ନିଶ୍ଚୟ ଅଛି ।

ସହସା କେମିତି ଅନ୍ୟମନସ୍କା ହୋଇ ପଡ଼ିଲେ ସୁରମା ଦେବୀ । ଦୃଷ୍ଟିପଥରେ ଜ୍ୱଳି ଉଠେ ଦୁଇଟି ଆଲୋକ ବର୍ତ୍ତିକା ।

ସ୍ମୃତିର ଅନ୍ଧକାର ସାଗର ବକ୍ଷକୁ ମନ୍ଥନ କରି ସେହି ବର୍ତ୍ତିକା ଦୁଇଟି କଣ ଉପରେ ଖୋଜିବାକୁ ଲାଗିଛି ।

ଦୀର୍ଘ ଊଣେଇଶ ବର୍ଷର ସ୍ମୃତିର ଜମାଟ ଅନ୍ଧକାର ବୁକୁରେ କ୍ଷୀଣ, ଅତି କ୍ଷୀଣ ଢଳ ଢଳ ଖଣ୍ଡିଏ ମୁଖଛବି ଅତର୍କିତଭାବେ ଦେଖାଦେଇ ପୁଣି କେଉଁଠି ମିଳାଇ ଯାଏ ପଲକ ଭିତରେ ।

ଚଉତରଶି

ବେଦନଭରା ଦୀର୍ଘଶ୍ୱାସ ବୁକୁଟିକୁ ଥରାଇ ଦିଏ, ସେ ଶିହରି ଉଠନ୍ତି, ସସ୍ନେହରେ ସୁବ୍ରତର ମୁଣ୍ଡ ଉପରେ ହାତଟିକୁ ରଖି କହନ୍ତି—ନା ବାବା, ମୁଁ ଆଉ କାହାରିକୁ ଚାହେଁନା । ତୁ ମୋର ସବୁ । ତୁ ମୋର ଏକ ମାତ୍ର ସନ୍ତାନ ।

— ମନେରଖ ମା, କେବେ ଯଦି ତାକୁ ଖୋଜି ମୁଁ ବାହାର କରେ, ତା' ଉପରେ ସେପରି କୌଣସି ଦାବୀ କୌଣସି ଦିନ ତୁମେ ବିସ୍ତାର ନକର—ହସି ହସି କହିଲା ସୁବ୍ରତ ।

ସୁରମା ନୀରବ ହେଲେ ।

ଅନୁପମ ଘରୁ ଖାଇଆସି ବିଛଣାଟିରେ ପଡି ଅତୀତର କଥାଗୁଡ଼ାକ ଗୋଟି ଗୋଟି ହୋଇ ମନେ ପଡିଲା ସୁବ୍ରତର ଗଭୀର ଦୀର୍ଘଶ୍ୱାସ ବାହାରି ଆସିଲା ଅନ୍ତର ପ୍ରଦେଶରୁ ।

ଘଣ୍ଟା ବାଜିବା ସଙ୍ଗେ ସଙ୍ଗେ ସେ ଶଯ୍ୟାତ୍ୟାଗି ଉଠିବସିଲା । ମୁହଁ ହାତ ଧୋଇ ପୋଷାକ ଇତ୍ୟାଦି ପରିଧାନ କରି ସେ ବାହାରିଲା ବାହାରକୁ । ଅନ୍ୟମନସ୍କଭାବେ ଚାଲି ଚାଲି କେତେବେଳେ ଯେ ମହାନ ସାର ଗୋଟିଏ ଗଳି ଭିତରେ ଆସି ପହଞ୍ଚିଛି ସେ ଖିଆଲ ତାର ନାହିଁ । ହଠାତ୍ ନୂଆ-ଚୂନ କାମ କରା ଗେଟ ଗୋଟିଏ କୋଠା ଘରର ଦୁଆର ମୁହଁ ଉପରେ ଝୁଲୁଥିବା ନେମ୍‌ପ୍ଲେଟ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ସେ ଚମକି ପଡ଼ିଲା ।

ନେମ୍ ପ୍ଲେଟ୍ ଉପରେ ଲେଖା—ଲତିକା ଦାସ—ମେଟ୍ରନ...

ମୁହୂର୍ତ୍ତେ ମାତ୍ର ଭାବିଲା ସୁବ୍ରତ ! ତା'ପରେ କଲିଂବେଲ୍‌ର ସୁଇଚ୍ ଉପରେ ଅଙ୍ଗୁଳି ସ୍ପର୍ଶ କଲା ।

କଲିଂ ବେଲ୍‌ର ଟିଁ-ଟିଁ ଶବ୍ଦ ସ୍ପଷ୍ଟ ଶୁଣିପାରିଲା ସୁବ୍ରତ । ତେର ଚଉଦ ବର୍ଷର ଝିଅଟି ଆସି ଦୁଆରଖୋଲି ତା' ଆଡ଼େ ବିସ୍ମୟ ଦୃଷ୍ଟି ନିକ୍ଷେପ କରି କହିଲା—କାହାକୁ ଖୋଜୁଛନ୍ତି ?

—ମିସ୍ ଲତିକା ଦେବୀଙ୍କୁ । ସେ କଣ ଘରେ ଅଛନ୍ତି ?

ଉର୍ଦ୍ଧ୍ୱଦୃଷ୍ଟି

ସୁବ୍ରତ ଲକ୍ଷ୍ୟକରି ଦେଖିଲେ ଝିଅଟିର ଆଖିରେ ମୁଖରେ ଭୟ ଚିହ୍ନ ପ୍ରକଟି ଉଠିଛି । ଛୋଟ ଗୋଟିଏ ଢୋକ ଗିଳି ସେ କହିଲା—ଆପଣ ବସନ୍ତୁ ମୁଁ ତାଙ୍କୁ ଡାକି ଦେଉଛି···

ପକେଟରେ ହାତ ଗଳାଇ ସୁବ୍ରତ ସିଗାରେଟ କେସ୍ ଟିକୁ ଖୋଜିବାକୁ ଲାଗିଲେ, ଆଉ ମନେ ମନେ ଭାବିଲେ ତାହାଙ୍କ ଝିଅଟି ତା କଥା ଶୁଣି ଭୟଭୀତା ହେଲାପରି ମନେହେଲା ।

ନାଃ—ସୁବ୍ରତକୁ ଦେଖି ଭୟ ପାଇବା ତ କଥା ନୁହେଁ । ଲତିକା ଦେବୀ ପ୍ରାଇଭେଟ୍ କଲେଜରେ ମଧ୍ୟ ପାଏ ଏହା ସେ ଭଲକରି ଜାଣେ । ଏହି କାରଣରୁ ତାଙ୍କ ଘରକୁ ଅପରିଚିତର ଆଗମନ ତ ଆଶ୍ଚର୍ଯ୍ୟକ ନୁହେଁ ।

ସେ ତ କୌଣସି ଉଦ୍ଦେଶ୍ୟ ନେଇ ଆସିନାହିଁ । ଯେତେଦୂର ମନେହୁଏ, ଅଳ୍ପ ଏ ଯେଉଁ ଅପ୍ରୀତିକର ଘଟଣା ଘଟିଯାଇଛି ସେଥିରେ ଲତିକା-ଦେବୀଙ୍କର ତ କୌଣସି ହାତ ନାହିଁ । କବିତା ସମ୍ବନ୍ଧରେ ସେ କିଛି ଜାଣିବାକୁ ଚାହେଁ ଲତିକାଦେବୀ ପାଖରୁ— ଯଦି କିଛି ଆଲୋକପାତ ହୁଏ ଏହି ରହସ୍ୟ ଉପରେ···ତେବେ କଣ ପାଇଁ ଝିଅଟି ଭୟ ପାଇଲା ତାକୁ ଦେଖି···

ଦ୍ୱାପ୍ରାନଟିକୁ ଦେହରେ ଜଳାନ୍ତ ଗଳାଇ ମୁହଁରେ ବିରକ୍ତି ଭାବ ଫୁଟାଇ ଲତିକା ଆସି ଠିଆହେଲା ସୁବ୍ରତର ସାମନାରେ । ମୁହୂର୍ତ୍ତେ ଛିଡ଼ା ହୋଇ ମୁହୂର୍ତ୍ତେ ଅପଲକ ଦୃଷ୍ଟିରେ ସୁବ୍ରତ ଆଡ଼େ ଚାହିଁ ଲତିକା କହିଲା—ମିଃ ଦାସ, ଆପଣ ?

—ହଁ, ଟିକିଏ ବିରକ୍ତ କରିବାକୁ ଆସିଲି···

ଅପ୍ରସ୍ତୁତ ବୋଧକଲା ଲତିକା । ଭଦ୍ରତାକରି କହିଲା—ନା-ନା, ବିରକ୍ତ ହେବି କାହିଁକି ? ତେବେ ଏହା ଠିକ୍ ଯେ ଆପଣ ବିନା କାରଣରେ ଏଠାକୁ ଆସିନାହାନ୍ତି···

ମୃଦୁ ହସିଲେ ସୁବ୍ରତ । କହିଲେ—ତାହାହେଲେ ମୁଁ ମନେ କରିପାରେ, ବିନା କାରଣରେ ମଧ୍ୟ କେହି କେହି ଆସନ୍ତି । ଯଦି ସେମାନଙ୍କର ନିଗୁଢ଼କ—

ହୁକପି

—ଜାଣି ପାରିଲେ ଖୁସି ହେବେ, ଏଇତ ?

—ଠିକ୍ କହୁଛନ୍ତି ।···ଶାନ୍ତ ନିର୍ବିକାର କଣ୍ଠରେ କହିଲା ସୁବ୍ରତ ।

—ଯେମିତି କାଲି ରାତିରେ ନନ୍ଦିତା ତ୍ରିପାଠୀ ଆସି ଅକାରଣରେ କାନ୍ଦିବାକୁ ବସିଲା ।

ସୁବ୍ରତ ଉପରକୁ ଚାହିଁ କଡ଼ି-କାଠ ଗଣୁଥିଲା—ଲତିକା କଥାରେ ଫେରିଚାହିଁ କହିଲା—ନନ୍ଦିତା ତ୍ରିପାଠୀଙ୍କୁ ତ ଆରୋଗ୍ୟ-ନିକେତନରୁ ବାହାର କରି ଦିଆହୋଇନାହିଁ ବୋଲି ମୁଁ ଜାଣେ । ଆଜି କଣ ତାଙ୍କୁ ଉତ୍ତେଜିତ୍ କରାଯାଇଛି ?···

ଲତିକା ଅବାକ୍ ହେଲା । ସୁବ୍ରତ ଆଡ଼େ ଚାହିଁ କଥାଟିକୁ ଭଲଭାବେ ବୁଝିବା ଲାଗି ଚେଷ୍ଟାକଲା ।

ସୁବ୍ରତ ପୁନର୍ବାର ହସିଲା । କହିଲା, ପ୍ରଶ୍ନଟି ଖୁବ୍ ଶକ୍ତ ବୋଲି ମନେ ହେଉଛି, ନା ? ବେଶ୍, ଶୁଣନ୍ତୁ—ମୁଁ ଆହୁରି ସରଳ କରି ଦେଉଛି । ମିସ୍ ନନ୍ଦିତା ସହିତ ଆପଣଙ୍କର ଯେଉଁ ସମ୍ପର୍କ ତାହା ମୋ' ମତରେ କେବଳ ସହକର୍ମିଣୀତ୍ୱ ମଧ୍ୟରେ ସୀମାବଦ୍ଧ । ତାହାହେଲେ ଆରୋଗ୍ୟ ନିକେତନର ଗୁରୁତ୍ୱପୂର୍ଣ୍ଣ ଘଟଣା ଛଡ଼ା କାହିଁକି ସେ ଅନ୍ୟ କାରଣ ଯୋଗୁଁ ଆପଣଙ୍କ ନିକଟରେ ଗୁହାରି କରିବାକୁ ଆସିଲେ ?

ଲତିକାଦେବୀର ଚିବୁକଟି ଶକ୍ତ ହୋଇ ଆସିଲା । ସାମାନ୍ୟ ଦୃଢ଼ କଣ୍ଠରେ ସେ କହିଲେ, ଦେଖନ୍ତୁ ମିଃ ରାୟ, ସ୍ୱରୂପ ସହକର୍ମୀମାନେ ପରସ୍ପରର ଯେତେ ନିକଟବର୍ତ୍ତୀ ହୁଅନ୍ତି, ଆମ୍ଭେମାନେ ସେତେ ଅଧିକ ଆପଣାର ହୋଇଯାଉ ଏକାସାଙ୍ଗରେ କୌଣସି କାର୍ଯ୍ୟ କଲେ । କୌଣସି ବ୍ୟକ୍ତିଗତ କାରଣ ଯୋଗୁଁ ନନ୍ଦିତା ମୋ ପାଖକୁ ଆସିଥିଲା । ବ୍ୟକ୍ତିଗତ-ଭାବେ ମୁଁ ମଧ୍ୟ ମନେକରେ ସେ ଯେଉଁ କାରଣ ଯୋଗୁଁ ଏଠାକୁ ଆସିଥିଲା ତାହା ନିରର୍ଥକ ଓ ଘଟଣାଟି ନିହାତି ପିଲାଖେଳ ।

ମୁହୂର୍ତ୍ତେ କଣ ଭାବିଲା ସୁବ୍ରତ । ତାପରେ କହିଲା, ଆପଣ ବର୍ତ୍ତମାନ ଉଠିକି ବାହାରିଲେ ବୋଧହୁଏ ···

ସଇଁତରଣି

—ହିଁ । ସନ୍ଧ୍ୟା ୬ଟାରୁ ମୋତେ ଡିଉଟି ଦେବାକୁ ହେବ ।

—ପ୍ରାୟ ୬ଟାରେ କରିବାକୁ ହୁଏ ?

—ନା, ଅନୁପମବାବୁ ଖବର ଦେଇଛନ୍ତି ସନ୍ଧ୍ୟାବେଳର ଡିଉଟି ଆଜି ଯେପରି ମୁଁ ଚଳାଇ ନିଏ...

—ଅନୁପମ ନିଜେ ଆସିଥିଲେ ?

—ନା, ଜଣେ ଲୋକ ତାଙ୍କ ପାଖରୁ ଚିଠି ନେଇ ଆସିଥିଲା ।

—କିଛି ମନେ କରିବେ ନାହିଁ ଲତିକାଦେବୀ ! ମିସ୍ ନନ୍ଦିତା ହଠାତ୍ କେଉଁ କାରଣରୁ...

ହସିଲେ ଲତିକା । ହସିଲେ କି କାନ୍ଦିଲେ ତାହା ମଧ୍ୟ ସ୍ପଷ୍ଟଭାବେ ବୁଝାଗଲା ନାହିଁ । କହିଲେ, ସବୁକଥା ସମସ୍ତଙ୍କୁ କୁହାଯାଏ ନାହିଁ ମିଃ ଦାଶ । ମୁଁ ଜାଣେ, ଆଜି ସକାଳେ ଘଟିଥିବା ଡକ୍ଟର ସୁରୁଚିଙ୍କର ମୃତ୍ୟୁ ବିଷୟରେ ତଦନ୍ତ କରିବାକୁ ଆପଣ ଆସିଛନ୍ତି ।

ଉତ୍ସାହିତ କଣ୍ଠରେ ସୁବ୍ରତ କହିଲେ—ଆପଣ ସାହାଯ୍ୟ କଲେ ମୋର ପରିଶ୍ରମ କେତେ ପରିମାଣରେ ଲାଘବ ହୁଅନ୍ତା...

—ତାହା ମୁଁ ଜାଣେ । ସୁବିଧା ହୋଇପାରେ କିମ୍ବା ନ ହୋଇ ମଧ୍ୟ ପାରେ । ମୋତେ କ୍ଷମା କରିବେ ଆପଣ । ଆପଣ ଜାଣନ୍ତି, ସ୍ତ୍ରୀମାନଙ୍କର ପରାଜୟ କେତେ କଷ୍ଟ । ମୁଁ ମଧ୍ୟ ସ୍ତ୍ରୀ, ସେହି ପରାଜୟର କଥା ମୁଁ କା' ଆଗରେ ପ୍ରକାଶ କରିବି ।

ଲତିକା ଦେବୀଙ୍କର ହାତର ଆଙ୍ଗୁଳି କେତୋଟି ଟେବୁଲର ଧାର ଦେଇ କେତେଥର ଯା' ଆସ କରିବାକୁ ଲାଗିଲା । ସୁବ୍ରତ ସେହି ଆଡ଼କୁ ଚାହିଁଥାଏ, ଅକାରଣରେ ନିଜର ଚଷମାଟାକୁ ମଧ୍ୟ ଥରେ ଦୁଇଥର ପରିଷ୍କାର କରିନେଲେ ।

ହସି ପକାଇଲେ ଲତିକା । କହିଲେ, ଆପଣଙ୍କର ଯଦି ଆଉ କିଛି ପଚାରିବାର ଥାଏ, ତାହାହେଲେ ଆପଣ ସ୍ୱଚ୍ଛନ୍ଦରେ ପ୍ରଶ୍ନ କରିପାରନ୍ତି ମିଃ ଦାଶ ।

— ଭରସା ଦାନ ହେତୁ ଧନ୍ୟବାଦ···

କିଛି ସମୟ ନୀରବ ରହି ପୁନର୍ବାର କହିଲି, ତେମାତେ ଆପଣ ଭୁଲ୍ ବୁଝିବେ ନାହିଁ ଲଜ୍ଜାଦେବୀ ।

ହସି ହସି ଲଜ୍ଜାଦେବୀ କହିଲେ—ଏହା ନ କହିଲେ ମଧ୍ୟ ଚଳନ୍ତା । ଆପଣ ପ୍ରକୃତ ଅପରାଧୀକୁ ଧରିବାକୁ ଚାହାନ୍ତି, ଏହା ମୁଁ ଜାଣେ···

— ଏହା ଛଡ଼ା ମୁଁ ମିସ୍ କବିତାଦେବୀଙ୍କ ସମ୍ବନ୍ଧରେ ମଧ୍ୟ କେତୋଟି କଥା ଜାଣିବାକୁ ଚାହେଁ···

କିଛି ସମୟ କଣ ମନେମନେ ଭାବି ଲଜ୍ଜା କହିଲେ—କହନ୍ତୁ ଆପଣ କଣ ଜାଣିବାକୁ ଚାହାନ୍ତି ।

— ଆଜି ସକାଳେ କବିତା ସହିତ ଆପଣଙ୍କର ଆରୋଗ୍ୟ ନିକେତନରେ ଦେଖା ହୋଇଥିଲା କି ?

— ହଁ ।

— କିଛି ନୂତନତ୍ୱ ଆପଣ ଲକ୍ଷ୍ୟ କରିଥିଲେ ?

— ନାହିଁ, କିଛି ନାହିଁ ତ··· ଟିକିଏ ଭାବି ପୁଣି କହିଲେ, ହଁ, ସେ ନନ୍ଦିତା କଥା ମୋତେ ପଚାରୁଥିଲା ।

ସୁବ୍ରତ ସାଧାରଣଭାବେ କହିଲା, କଣ ସେ ପଚାରୁଥିଲେ ?

— ନନ୍ଦିତା ଆଜି ସକାଳେ ହସପିଟାଲକୁ ଆସିଥିଲା କି ନାହିଁ ଏଇ କଥା ପଚାରୁଥିଲା ।

— ଆପଣ କଣ ଉତ୍ତର ଦେଲେ ?

— ପ୍ରଥମେ ମୁଁ ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହେଲି । କାରଣ କବିତା ଜାଣେ, ଗତ ଦୁଇଠାରୁ ନନ୍ଦିତାର ଡ୍ୟୁଟି ଶେଷ ହୋଇଛି । ନାଇଟ୍ ଡ୍ୟୁଟିରେ ଥିବା ବେଳେ ତାର ଚନ୍ଦ୍ରା ରେକ୍ସା ଆସି ତାକୁ ନେଇଯାଏ । ମୁଁ ନନ୍ଦିତାକୁ ଦେଖି ନାହିଁ ବୋଲି ତାକୁ କହିଲି ।

— ଆପଣଙ୍କ ପାଖରୁ ଶୁଣି କବିତା ଦେବୀ ଆଉ କିଛି କହିଲେ ?

— ନା, କିଛି ନକହି ସେ ଧୀରେ ଧୀରେ ମୋ ପାଖରୁ ଚାଲିଗଲେ ।

— ଆରୋଗ୍ୟ-ନିକେତନର ବାହାରେ, ନା ?

— ହଁ, କାରଣ ସରୋଜିନୀ ତାକୁ ଅନେକ ବେଳୁ ଅପ୍ କରି ଦେଇଥିଲା ।

— ଆଚ୍ଛା, ମିସ୍ ଲତିକା ଦେବୀ···

— କହନ୍ତୁ···

— ଆପଣ କେତେଦିନ ହେଲା ଏହି ହସପିଟାଲରେ ଅଛନ୍ତି ?

— ଦେଢ଼ ବର୍ଷ ହେବ ।

— ଆଉ ମିସ୍ ନନ୍ଦିତା ତ୍ରିପାଠୀ ?

— ଦି' ବର୍ଷରୁ କିଛି ବେଶି ହେବ ।

—ଆଉ ଗୋଟାଏ କଥା—

— କହନ୍ତୁ···ହାତ ଘଣ୍ଟାକୁ ଦେଖି ଦେଖି କହିଲା ଲତିକା ।

— ନନ୍ଦିତା ତ୍ରିପାଠୀଙ୍କ ପ୍ରତି ଏହି ହସପିଟାଲର କୌଣସି ଷ୍ଟାଫର କୌଣସି ପ୍ରକାର ଦୁର୍ବଳତା ଅଛି କି ? ଟିକେ ରହି ଲତିକା ଧୀରେ ଧୀରେ ବ୍ୟକ୍ତ କଲା, ତାହା କହିବା ସମ୍ଭବ ନୁହେଁ, ମିଃ ଦାଶ । କବିତା ସହିତ ଅନୁପମବାବୁଙ୍କର ସମ୍ବନ୍ଧଟି Open Secret । କିନ୍ତୁ ନନ୍ଦିତା···

— ଠିକ୍ ଭାବି କହନ୍ତୁ । କାଲି ରାତିରେ ସେ ଆପଣଙ୍କର ଘରକୁ ଆସି କାନ୍ଦାକଟା କରି ଫେରିଛି । ମନେ ରଖିବେ, ଆପଣଙ୍କର ଏହି—

ଉତ୍ତରଟି ଆପଣଙ୍କୁ ଯଥେଷ୍ଟ ସାହାଯ୍ୟ କରିବ, ଏଇ କଥାତ ?

ପ୍ରକୃତରେ ମୁଁ ଯଥେଷ୍ଟ ସାହାଯ୍ୟ ପାଇବି···ତରୁଣ କଣ୍ଠ ସୁଦୃଢ଼ତର ।

— ଡାକ୍ତର ସୁବୁଦ୍ଧିଙ୍କ କଥା ଛାଡ଼ି ଦିଅନ୍ତୁ । ମୋର ଯେତେଦୂର ମନେହୁଏ ଡାକ୍ତର ପ୍ରବୋଧ ଅଧିକାରୀ ଆପଣଙ୍କର ପ୍ରଶ୍ନର ଯଥାଯଥ ଉତ୍ତର ଦେବାକୁ ସକ୍ଷମ ହେବେ ।

—I See···ଡାକ୍ତର ଅଧିକାରୀ କଣ ବିବାହିତ ?

—ଏପରି ପ୍ରଶ୍ନ କାହିଁକି ପଚାରୁଛନ୍ତି ? ଆଉ ମୋଠାରୁ ବା କାହିଁକି ଏହା ଦରକାର ହେଉଛି ? ଏପରି ପ୍ରଶ୍ନ, କ୍ଷମା ଏହି ଭାଗରୁ ପ୍ରଶ୍ନ ଡାକ୍ତର ଅଧିକାରୀଙ୍କୁ ପଚାରିଲେ ବେଶି ସୁଖୀ ହେବି ମିଃ ଦାଶ ।

ଗୃକଷି

ସୁବ୍ରତ ବୁଝିପାରିଲା, ଏ ରକ୍ତ, ଖୁବ୍ ଶକ୍ତ—ବେଶି ଟାଣାଟଣି କଲେ ଛିଣ୍ଡିଯିବାର ସମ୍ଭାବନା ବେଶି । ଘଡ଼ିଦେଖି ବୁଝିପାରିଲା ପାଞ୍ଚଟା ବାଜି ମିନିଟ କଣ୍ଟା ଦଶମିନିଟ୍ ଆଗେଇ ଆସିଛି । ଉଠି ଠିଆହେଲା ସୁବ୍ରତ । କହିଲା, ଖୁବ୍ ବିରକ୍ତ କଲି ଆପଣଙ୍କୁ, କ୍ଷମାକରିବେ ।

—ଭଦ୍ରତାର ଉଲ୍ଲେଖ ସବୁ ସମୟରେ ପ୍ରଦର୍ଶନଯୋଗ୍ୟ ନୁହେଁ ମିଃ ଦାଶ ।

ହସିଲା ଲତିକା ଦେବୀ, ଆରୋଗ୍ୟ-ନିକେତନର ମେଟ୍ରନ୍ ଓ ହସିଲା ଅଥଳ ସାଗରରେ ନିମଜ୍ଜମାନ ସୁବ୍ରତ ଦାଶ ।

ସେହିଦିନ ସନ୍ଧ୍ୟା ସାତଟା ।

ଆରୋଗ୍ୟ-ନିକେତନର ନର୍ସ କବିତା ଘରେ ଆସି ପହଞ୍ଚିଲା ସୁବ୍ରତ । ଘର ନୁହେଁ, ବସାଘର, ସ୍ତ୍ରୀମାନଙ୍କର ଶସ୍ତା ଗୋଟିଏ ମେସ୍ । ଲାଇଟ୍ ପୋଷ୍ଟ ପାଖରେ ଠିଆହୋଇ ଦୁଇମିନିଟ୍ ମନେ ମନେ କଣ ଭାବିନେଇ ମେସ୍ ଭିତରକୁ ଆସିଲା ସେ ।

ସିଡ଼ି ସ୍ତାଟି ଅନ୍ଧକାରପୂର୍ଣ୍ଣ ଗୋଟିଏ କୋଣରେ ଝୁଲୁଥାଏ ଲେଟର୍-ବକ୍ସଟି । ଲେଟର-ବକ୍ସ ତଳେ ନେମ୍‌ପ୍ଲେଟ୍ । ପ୍ରତ୍ୟେକ ଅଧିବାସୀଙ୍କର ନାମ ଓ ଘର ନମ୍ବର ଲେଖା ହୋଇଥାଏ ନେମ୍‌ପ୍ଲେଟ୍‌ଟିରେ ।

କବିତାର ନାମ ତଳେ ଲେଖାଥିବା ନମ୍ବରଟିକୁ ମନେରଖିଲା ସୁବ୍ରତ । ନମ୍ବର ଆଠ । କେତେଥର ନମ୍ବରଟିକୁ ସେ ଜପିବାକୁ ଲାଗିଲା । ତାପରେ ଆଲୋକ ଅନ୍ଧାର ଭିତରେ ଜୀର୍ଣ୍ଣ ସିଡ଼ିଟି ଉପରେ ଉଠି ଉପରକୁ ଯିବାକୁ ଲାଗିଲା । ସିଡ଼ିର ମଧ୍ୟସ୍ଥଳଟାରେ ଆଲୋକ ଟିକିଏ ପରିଷ୍କାର ଭାବେ ପଡ଼ିଥାଏ । ଦୋତାଲର ଆଲୋକ ଆସି ଏହି ସ୍ଥାନଟିକୁ ଅନ୍ଧକାରରୁ ରକ୍ଷା କରୁଥାଏ । ସେହି ଆଲୋକ ସାହାଯ୍ୟରେ ସୁବ୍ରତ ଦେଖିପାରିଲା କିଏ ଯେପରି ତଳକୁ ଓହ୍ଲାଇ ଆସୁଛି । କିଏ ? ଅନୁପମ···

ନିକଟସ୍ଥ ହୋଇ ମୁଖ ଦେଖି ଯିବାମାତ୍ରେ ସୁବ୍ରତ ଡାକିଲା, ଅନୁପମ···

ଚମକିପଡ଼ି ଠିଆହୋଇଗଲା ଅନୁପମ । ଧୀରେ ଧୀରେ ଆଗେଇ ଆସି ସୁବ୍ରତର ଗୋଟିଏ ହାତକୁ ନିଜର ହାତମୁଠା ଭିତରକୁ ଆଣି କଣ କହିବାକୁ ଉଦ୍ୟତ ହେଲା, କିନ୍ତୁ ପାରିଲା ନାହିଁ ।

ଏକତ୍ରିଶ

ସୁଜାତ ଧୀର କଣ୍ଠରେ କହିଲା, ମୁଁ ଜାଣେ ଅନୁପମ—ଲବଙ୍ଗ ତା' ଘରେ ନାହିଁ ।

—ସେ ବର୍ତ୍ତମାନ କେଉଁଠି ଅଛି କୁହନ୍ତ'...କଥାଗୁଡ଼ିକ ଯେପରି ନକ୍ଷତ୍ରରୁ ଭାସି ଆସିଲାପରି ମନେ ହେଲା...

—ମୁଁ କେମିତି ଜାଣିବି କୁହ ! ତେବେ ସେ କଥା ଭାବି ବର୍ତ୍ତମାନ କୌଣସି ଲାଭ ନାହିଁ । ମୋ ସାଙ୍ଗରେ ଆସ ।

—ନା-ନା-ନା...ପ୍ରତିବାଦ କଣ୍ଠରେ କହିଲା ଅନୁପମ...ପୁଲିସ ଯଦି ଜାଣିପାରେ, ଜାଣିପାରିବା' ତାଙ୍କୁ, ନିଶ୍ଚୟ ପାରିବେ ।—ସେତେବେଳେ ସେମାନେ ତା'ନାମରେ ୱାରେଣ୍ଟ ବାହାର କରିବେ ନିଶ୍ଚୟ...

—ବିକାଶବାବୁ କଥାଟିକୁ ଯେପରି ବୁଝିପାରିବେ, ମୁଁ ସେଥିପାଇଁ ଚେଷ୍ଟା କରିବି ।

—ତୁମେ...ତୁମେ ତାଙ୍କୁ ସବୁ କଥା ବୁଝାଇ କହିପାରିବ, ସୁ... କରୁଣ ଫୁଟି ଉଠିଲା ଅନୁପମର କଣ୍ଠରେ ।

—ହଁ, ମୁଁ ତାଙ୍କୁ ବୁଝେଇବି...କହିବି, ଲବଙ୍ଗ ନିରପରାଧିନୀ—କେବଳ ଭୟପାଇ ସେ ପଳାଇ ଯାଇଛି । ତଥାପି ସେ ଯଦି ବିଶ୍ୱାସ ନ କରନ୍ତି ମୁଁ ପ୍ରମାଣ ଦେଖାଇବି । ଆମକୁ କେବଳ ଏତିକି ଦେଖିବାକୁ ହେବ ଅନୁପମ, କାହାକୁ ଭୟକରି ସେ ଏଠାରୁ ପଳାଇ ଯାଇଛି...ଏପରିକି ତୁମକୁ ମଧ୍ୟ ସେ କିଛି କହିପାରି ନାହିଁ ।

—ମୁଁ ଆଉ କିଛି ଭାବିପାରୁନାହିଁ ସୁ...ମୁଣ୍ଡ ମୋର ଗୋଳମାଳ ହୋଇ ଆସୁଛି ।

—ଭାବିବା କିଛି ଦରକାର ନାହିଁ...ଚାଲ ଫେରିବା...

ଉଭୟେ ତଳକୁ ଆସିଲେ ।

ହଠାତ୍ ଗୋଟିଏ ଉଜ୍ଜ୍ୱଳ ଟର୍ଚ୍ଚର ସନ୍ଧ୍ୟାର ଅନ୍ଧକାରକୁ ଖଣ୍ଡ ଖଣ୍ଡ କରିଦେଲା । ଅନୁପମ ଚମକିପଡ଼ି ସୁଜାତର ବାଁ ହାତଟିକୁ ଚିପି ଧରିଲା ।

ପ୍ରାୟ ଦୁଇ ମୁହୂର୍ତ୍ତକାଳ ଦୁହେଁ ସ୍ତବ୍ଧ... ତାପରେ କ୍ରନ୍ଦନର ଝଡ଼ ପ୍ରବାହିତ ହେଲା ।

ବନ୍ୟାଳକ୍ଷ୍ମୀ

କ୍ରନ୍ଦନର ଶବ୍ଦ ଆସୁଥିଲା ତଳମହଲାର ଫଷ୍ଟ'ଫ୍ଲୋରରୁ । ଅନୁପମ କହିଲା, ଝିଅଟି କାନ୍ଦ ଉଠିଲା କାହିଁକି ?

—ଚାଲ ଦେଖିବା ।···ଯାଉ ଯାଉ ସୁବ୍ରତ କହିଲା—କବିତା ଭୟ ପାଇଛି ବୋଲି ତୁମେ ସେପରି ଭୟ ନପାଅ ।

ମେସର ଅଧିବାସୀମାନେ ଆସି ଭିଡ଼କରି ଛିଡ଼ାହୋଇଥିଲେ । ସୁବ୍ରତ ଦେଖିଲା, ସେମାନଙ୍କ ବ୍ୟତୀତ ଆହୁରି କେତେ ଲୋକ ଆସି ଜମା ହୋଇଛନ୍ତି । କୌତୂହଳୀ ପଥଚାରୀ, ବସ୍‌ର କଣ୍ଡକ୍ଟର, ପିତା ହାତରେ ଧରି କାଠ-ଗୋଲାର ବାବୁ ନାଲି-ରଙ୍ଗ-ଦିଆ ସୂତାରେ କାଠ ଦେହରେ ଦାଗ ଦେଇ ଦେଇ ଚିତ୍କାର ଶୁଣି ଆସିଛନ୍ତି, କାଠ-ଗୋଲାର କୁଲି, ନିକଟସ୍ଥ ପୁଲିସ-ବ୍ୟାରେକରୁ ଦୁଇଚାରିଜଣ ସିପାହୀ ମଧ୍ୟ ଆସି ଜୁଟିଛନ୍ତି ।

ସମସ୍ତଙ୍କର ମୁଖମଣ୍ଡଳ ଗମ୍ଭୀର···କେହି କେହି ନିମ୍ନସ୍ୱରରେ କଥା କାଟି ହେଉଥାନ୍ତି ମଧ୍ୟ ।

ଜଣେ ବର୍ଷୀୟସୀ ମହିଳା, ବୋଧହୁଏ ଦାସୀବୃତ୍ତି କରେ, ରୁକ୍ଷ ବେଣୀଟିକୁ ଦାନ୍ତରେ ଚିପି ସମାନ ତାଳରେ କାନ୍ଦିବାକୁ ଲାଗିଛି ଓ ଅନ୍ୟ ଦୁଇ-ଚାରିଜଣ, ଡୋଳାଗୁଡ଼ିକ ପ୍ରାୟ ବାହାରକୁ ଆସିଛି ଏହିପରି ଅବସ୍ଥାରେ ଥାଇ ଦେଖୁଛନ୍ତି ତଳେ ପଡ଼ିଥିବା ଗୋଟିଏ ଛୋଟ ଝିଅକୁ ।

ମଧ୍ୟ ବୟସୀ ଝିଅଟି । ଅସଂଯତ କେଶଦାମ । ଅବ୍ୟକ୍ତ ଯନ୍ତ୍ରଣାରେ କେବଳ ଗଁ-ଗଁ ଶବ୍ଦ କରିବାକୁ ଲାଗିଛି । ହାତ ଗୋଡ଼ ଛାଟୁଥାଏ । ଆଖି ଦୁଇଟା ଯେପରି କୋଟରରୁ ଠେଲି ବାହାରକୁ ବାହାରି ଆସିବା ଲାଗି ଉପକ୍ରମରତ ।

କିଏ ଜଣେ କହିଲା—ଡାକ୍ତର, କେହି ଜଣେ ଡାକ୍ତରଙ୍କୁ ଖବର ଦିଅ···

ଦୁଇଜଣ ଲୋକ ଡାକ୍ତର ଡାକିବାକୁ ବାହାରିଗଲେ ।

ଅନ୍ୟ ଜଣେ କହିଲା—୫୦ ନମ୍ବରରେ ଜଣେ ନର୍ସ ଅଛନ୍ତି, ତାଙ୍କୁ କେହି ଡାକିଆଣ···

ନିଦ୍ରାଳି

ପ୍ରତ୍ୟୁଷର ଆଉଜଣେ ଦେଖିଲା, ଡିଉଟିବେଳୁ ସେ ସୁଟକେସ୍ ଧରି ଛୁଟିରେ ଗାଁ-କୁ ବାହାରି ଗଲେଣି—

ଅନୁପମ ଝୁଙ୍କି ପଡ଼ି ଝିଅଟିକୁ ପରୀକ୍ଷା କରିବାକୁ ଯାଉଥିଲା, ସୁବ୍ରତ ତାର ହାତଟିକୁ ଚୁପିଧରି ଅନୁଚ୍ଚ କଣ୍ଠରେ କହିଲା, ବୋକାମି କରନାହିଁ—ଆମେ ବର୍ତ୍ତମାନ ସାଧାରଣ ପଥଚାରୀ।

ପୁଲିସ ଆସିବା ପରେ ଭିଡ଼ କ୍ରମେ ପତଳା ହୋଇଆସିଲା।

ଜଣେ ଏ-ଏସ୍-ଆଇ ଅଶ୍ରୁମତୀ ସ୍ତ୍ରୀଟିକୁ ଧମକାଇ ପ୍ରଶ୍ନ କଲା—କଣ ହୋଇଚି ଅରେ ଭଲକରି କୁହ।

ସ୍ତ୍ରୀଲୋକଟିର କ୍ରନ୍ଦନର ବେଗ ଅଧିକ ତୀବ୍ର ହୋଇ ଉଠିଲା। ଆଖି ପାଣି ଓ ନାକ ପାଣି ଏକତ୍ରିତ କରି ଯାହା ସେ କହିଲା ତାର ଅର୍ଥ ହେଉଚି, ମେସ୍‌ର ଜଣେ ବୋର୍ଡ଼ରଙ୍କର ଘରୁ ଗୋଟିଏ ତାଳସଜ ଲୁଚାଇ ଆଣି ଏହି ଝିଅଟି ଘରେ ରଖିଥିଲା। କାମ ବହୁତ ଥିବାରୁ ସେ ଖାଇବାକୁ ସମୟ ପାଇନଥିଲା। କଂଠା ଥାଳିଗୁଡ଼ିକୁ କଳ ପାଖରେ ଧୋଇ ଆଣିବା ପରେ ଗୋଟା ତାଳସଜଟିକୁ ପାଟିରେ ପକାଇଦେବା ମାତ୍ରେ ଆଉ ଯାଏ କୁଆଡ଼େ, ପାଞ୍ଚ ମିନିଟ୍ ଭିତରେ ଏଦଶା ଘଟିଚି···

ଏଠାରେ ମଧ୍ୟ ତାଳସଜ!

କ୍ଷଣକ ମଧ୍ୟରେ ଦୁଇଜଣ ଡାକ୍ତର ଆସି ପରୀକ୍ଷା କରିବାକୁ ଲାଗିଲେ। କହିଲେ, ଝିଅଟି କୌଣସି ବିଷାକ୍ତ ଜିନିଷ ଖାଇଚି। ବିଷର ମାତ୍ରା ଅଳ୍ପ ଥିବା ହେତୁ ଏପର୍ଯ୍ୟନ୍ତ ସେ ବଞ୍ଚିଛି। ପମ୍ପ କରି ବିଷ ବାହାର କରିବାକୁ ହେବ।

ଅନୁପମ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲା ସୁବ୍ରତକୁ।

ସୁବ୍ରତ କହିଲା, ଚାଲ ଅନୁପମ, ଆମର ଏଠାରେ କିଛି କରିବାର ନାହିଁ। ଏହା ଗୋଟାଏ ଦୁର୍ଘଟଣା ମାତ୍ର···

ସେମାନେ ଆସି ଟାଉନବସ୍‌ରେ ବସିଲେ।

ବସ୍ ଚାଲିଲା ମେଟାଲ-ରୋଡ଼ ଉପରଦେଇ···

ଅନୁପମ କହିଲା, ମୁଁ ଆଉ କୌଣସି ବିଷୟରେ ଆଗ୍ରହୀ ହୋଇପାରୁ ନାହିଁ ସୁ—

ଚଉପଲଙ୍କି

—ଏଥିରେ ଆଶ୍ଚର୍ଯ୍ୟ ହେବାଭଳି କିଛି ନାହିଁ, ଡାକ୍ତର । ଏହି ଝିଅଟି ଓ ଡାକ୍ତର ସୁରୁଚି ଏକା ବିଷରେ ଆକ୍ରାନ୍ତ ହୋଇଛନ୍ତି···କହିଲା ସୁବ୍ରତ ।

କିଛି ସମୟ ଯାଏ ଅପଲକ ଦୃଷ୍ଟିରେ ସୁବ୍ରତକୁ ଚାହିଁ ରହିଲା ଅନୁପମ । ତାପରେ ଧୀରେ ଧୀରେ କହିଲା, କିଛି ଅସମ୍ଭବ ନୁହେଁ ! ଅନ୍ତତଃ ମୁଁ ଅବିଶ୍ୱାସ କରି ପାରୁନାହିଁ । କିନ୍ତୁ ସୁ—ତାଳସଜ ଏହି ଉଲ୍ଲେଖଯୋଗ୍ୟ ଭୂମିକାରେ ଅବତୀର୍ଣ୍ଣ ହେଲା କିପରି ? କିଏ ଏହାକୁ କାର୍ଯ୍ୟରେ ଲଗାଇ କି ଉଦ୍ଦେଶ୍ୟ ସାଧନ କରୁଛି ? ଆମର ହସପିଟାଲର ତାଳସଜ ତିନିମାଇଲ ଦୂରରେ ଥିବା ମେସ୍‌ଟିରେ ଆସି ପହଞ୍ଚିଲା କିପରି ! ନା-ନା, ସୁବ୍ରତ···

—ଆଜି ସକାଳେ ତୁମକୁ ତ ମୁଁ କହିଥିଲି କବିତା ସମସ୍ତଙ୍କ ପୂର୍ବରୁ ସର୍ବପ୍ରଥମେ ଡାକ୍ତର ବାବାଜର ସୁରୁଚିଙ୍କୁ ମୃତାବସ୍ଥାରେ ଦେଖିଛି । ମୁଁ ଜାଣେ, ତୁମେ ମୋ କଥାକୁ ବିଶ୍ୱାସ କରୁନାହଁ । ବର୍ତ୍ତମାନ ସୁଦ୍ଧା କଣ ତୁମେ ଅବିଶ୍ୱାସ କରୁଛ···

—କିନ୍ତୁ ଏହା କିପରି ଭବେ ସମ୍ଭବ ହୋଇପାରେ ! ଡାକ୍ତର ସୁରୁଚିଙ୍କର ମୃତ୍ୟୁ ପୂର୍ବରୁ କବିତା ଆରୋଗ୍ୟ-ନିକେତନରୁ ଓ୍ୱଟି ଅଫ୍ କରି ଚାଲିଯାଇଥିଲା । ତୁମର ଯୁକ୍ତି ହେଉଛି, ଡାକ୍ତର ସୁରୁଚିଙ୍କର ମୃତଦେହ ଦେଖି ଟେବୁଲରୁ ଗୋଟିଏ ତାଳସଜ ଉଠାଇ ନେଇ ସମସ୍ତଙ୍କର ଅଲକ୍ଷିତରେ କବିତା ଆରୋଗ୍ୟ-ନିକେତନ ତ୍ୟାଗ କରିଛି, ଏଇତ ?···କହିଲା ଅନୁପମ ।

—ହଁ, କିନ୍ତୁ ମନେହୁଏ, ତାଳସଜ ଦେହରେ କୌଣସି ବିଷାକ୍ତ ଜିନିଷ ଲଗାହୋଇଛି କି ନାହିଁ ଏହା ପରୀକ୍ଷା କରିବା ଲାଗି ସେ ଟେବୁଲରୁ ଗୋଟିଏ ତାଳସଜ ଉଠାଇ ଆଣିଥିଲା···

—ତାହାହେଲେ ସୁରୁଚିଙ୍କର ମୃତ୍ୟୁର କାରଣ ଏହି ତାଳସଜ ବୋଲି ଧରି ନିଆଯାଇପାରେ !···

ଠିକ୍···କହିବାର ସଙ୍ଗେ ମୁଣ୍ଡ ହଲାଇବାକୁ ଲାଗିଲା ସୁବ୍ରତ ।

—କିନ୍ତୁ ତାହା କିପରି ସମ୍ଭବ···ହତବୁଦ୍ଧି ଅନୁପମ ବୋକାଙ୍କ ପରି ଚାହିଁଲା ସୁବ୍ରତକୁ ।

ପର୍ଣ୍ଣଗୃହକଣି

—ମୁଁ ତାହା ସଠିକଭାବେ ଜାଣିନାହିଁ···

ଟିକଏ ପରେ ।

ଅନୁପମ ପଚାରିଲା, ରଘୁନାଥ ପଳାଇଯାଇଛି ବୋଲି ଖବର ଶୁଣିଛ ?

—ହଁ ।

—ଏହି ପଳାୟନ ଉପରେ ରହସ୍ୟ ବୋଲି ମନେହୁଏ···

—ମୋର ମଧ୍ୟ···ଅନୁପମର କଥା ସହିତ ଏକମତ ହେଲା ସୁବ୍ରତ ।

—ତୁମେ ରଘୁନାଥକୁ ଦେଖିଛ ?

—ନା । ଆଚ୍ଛା, ଶୁଣ ଅନୁପମ···

—ହୁଁ···

—ରଘୁନାଥର ଦେହରେ କୌଣସି ବୈଶିଷ୍ଟ୍ୟ ଲକ୍ଷ୍ୟ କରିଛ କି ?

ଅନୁପମ ନୀରବରେ ଲଲାଟ ଉପରେ ହାତ ବୁଲାଇବାକୁ ଲାଗିଲା । କିଛି ସମୟ ପରେ କହିଲା—ତାର ଡାହାଣ ପାଖର ଭ୍ରୂ ତଳେ ଗୋଟିଏ ଛୋଟ ଆକାରର ତିଳ ଚିହ୍ନ ଅଛି···

—ଏହି ତିଳ ଚିହ୍ନଟିକୁ ଶାଶ୍ୱତ ବୋଲି ମନେ କରନା, ଅନୁପମ ! ଆଉ କିଛି ଦେଖିଛ ?

—ଦେଖିଛି, ବାଁ କାନରେ ଗୋଟିଏ ଛୋଟ ଫୋଡ଼ ଅଛି···

—ସେଇଟା କିଛି ନୁହେଁ । ସେ ବ୍ରାହ୍ମଣ, ଉପନୟନ ବେଳେ କାନ ଫୋଡ଼ା ହୋଇଥାଏ···

—କିନ୍ତୁ ରଘୁନାଥ ତ ବ୍ରାହ୍ମଣ ନୁହେଁ···

—ତେବେ ?··· ବିସ୍ମୟ ରେଖା ଫୁଟିଉଠିଲା ସୁବ୍ରତର ଲଲାଟରେ··· ତୁମେ କଣ ଏକଥା ଜୋର କରି କହିପାର ଯେ ରଘୁନାଥ ବ୍ରାହ୍ମଣ ନୁହେଁ···

ସୁବ୍ରତ ଅଡ଼େ ଚାହିଁଲା ଅନୁପମ । ନା, ଏଇ ଯାହାସବୁ ଘଟିଯାଉଛି ଆଉ କୌଣସି କଥାରେ ଜୋର୍ ଦେଇ କିଛି କହିବାର ଉପାୟ ନାହିଁ···

—ଆଉ କିଛି ଲକ୍ଷ୍ୟ କରିଛ ?··· ହସି ହସି ପ୍ରଶ୍ନ କଲା ସୁବ୍ରତ ।

—କଥା କହିବାବେଳେ ଜିଭ ଦେଇ ତଳ ଓଠଟିକୁ ବରାବର ଚାଟେ, ଆଉ ଅନ୍ୟ ସମୟରେ ଦାନ୍ତରେ ଓଠକୁ ଚାପି ରଖିଥାଏ ।... କହୁ କହୁ ହସି ପକାଇଲା ଅନୁପମ । କହିଲା, ଏ ସବୁ ଜଣ ତୁମର ଜାଣିବା ଦରକାର ସୁ—

ଦରକାରରେ ଆସିପାରେ କି ନା ତାହା ଠିକ୍ କହିପାରୁନାହିଁ, ତେବେ ଅପ୍ରୟୋଜନୀୟ ନୁହେଁ ।

—ତାହାହେଲେ ଆଜି ଘଟଣା ସହିତ ରଘୁନାଥର ସହଯୋଗିତା ଅଛି ବୋଲି ତୁମେ ମନେକର ?...

—ଏ ପ୍ରଶ୍ନର ଉତ୍ତର ମୋ ପାଖରୁ ଆଶା କରିବା ସମ୍ଭବ ନୁହେଁ । ଜାଣିଛ ନା, ଜ୍ୟୋତିଷୀ ବିଦ୍ୟା ମୁଁ ଅଭ୍ୟାସ କରିନାହିଁ ।

ଜିପ୍‌ରୁ ଓହ୍ଲାଇ ସେମାନେ ରାସ୍ତା ଦେଇ ଚାଲିବାକୁ ଲାଗିଲେ...

ଅନୁପମ ଏଥର ଅସ୍ପଷ୍ଟ କଣ୍ଠରେ କହିଲା—ଅପରାଧୀ ସମ୍ବନ୍ଧରେ ଟିକିଏ କିଛି ମନ୍ତବ୍ୟ ପ୍ରକାଶ କର ସୁ—ମୁଁ...

ମୃଦୁ ହସିଲା ସୁକାନ୍ତ ଦାଶ । କହିଲା, ମନ୍ତବ୍ୟ ନୁହେଁ ଡାକ୍ତର, ଅଛି ସ୍ୱାଗତୋକ୍ତି । ସୁକାନ୍ତ ଦାଶ ଜାଲ ବିସ୍ତାରକାରୀର ପ୍ରଶଂସା ନକରି ରହିପାରୁନାହିଁ ।

—ଜାଲ ! କଣ ପାଇଁ ?

—ମାଛ ଧରିବାପାଇଁ ନୁହେଁ, ମନୁଷ୍ୟ ଧରିବା ପାଇଁ...

—କିନ୍ତୁ...

—ଆଉ କିନ୍ତୁ ନୁହେଁ, ଘର ପାଖରେ ଆସି ପହଞ୍ଚିଲେଣି ! ଖିଆ ପିଆ ଶେଷ କରି ବିଶ୍ରାମ ନିଅ, ଆଜି ତୁମେ କ୍ଳାନ୍ତ—

—ତୁମେ ଆସ ..

—ନା, ସାଙ୍ଗେ ସାଙ୍ଗେ ଥାନାରେ ମୋତେ ପହଞ୍ଚିବାକୁ ହେବ । ସବ୍-ଇନସପେକ୍ଟର ସୌମିତ୍ରବାବୁ ସେଇ ଫଟୋଟିକୁ ଡାକ୍ତର ସୁବୁଦ୍ଧିଙ୍କର କ୍ୱାର୍ଟରରୁ ପାଇଛନ୍ତି ସେହି ଫଟୋଟି ମୋର ଦରକାର । ଆଉ ଗୋଟାଏ କଥା ଡାକ୍ତର...

ସଟ୍ଟଳଣି

—ହୁଁ...

—ରଘୁନାଥକୁ ଦେଖିଲେ ତୁମେ ଚିହ୍ନିପାରିବ ?

—ନିଶ୍ଚୟ ।

—ଯଦି ଅନ୍ୟ ପରିବେଶ ଓ ଅନ୍ୟ ଅବସ୍ଥାରେ ତାକୁ ଦେଖ ?

— ତେବେ ସୁଦ୍ଧା ଚିହ୍ନିପାରିବି ।

— ଧନ୍ୟବାଦ...

ସୁବ୍ରତ ଆଗକୁ ଗୋଡ଼ ବଢ଼ାଇଲା ।

— ଶୁଣ...

ଫେରି ଚାହିଁଲା ସୁବ୍ରତ, କଣ...

— କିଛି ନ ହେଲେ ଟିକିଏ ଚା' ଖାଇ ଯିବ ଆସ...ରୁକ୍ମିଣୀ ଅବଶ୍ୟ ବେଶି ସମୟ ତୁମକୁ ଅଟକାଇବ ନାହିଁ—

— ଚାଲ, କପେ ଷ୍ଟ୍ରଂ ଟି ନ ପଡ଼ିଲେ ମୁଣ୍ଡରେ କିଛି ପଶୁନାହିଁ ।

ଥାନାର ଫଟା ଘଣ୍ଟାରେ ନଅଟା ବାଜିଲା ।

ସବଇନସ୍‌ପେକ୍ଟର ସୌମିନବାବୁ ଥାନାରେ ଥିଲେ, ଦେଖାକଲା ସୁବ୍ରତ । ସାଦର ଆହ୍ୱାନ ଜଣାଇ ଚେୟାରଟିରେ ବସିବାକୁ ଅନୁରୋଧ କଲେ ସୁବ୍ରତକୁ ।

ଆସନ ଗ୍ରହଣ କରିବାପରେ ସୁବ୍ରତ କହିଲା—ଡାକ୍ତର ଦିବାକର ସୁହୃଦିଙ୍କର ମୃତ୍ୟୁର ତଦନ୍ତକାରୀ ପୁଲିସ ଯେଉଁ ଏକ୍‌ଜିବିଟ୍‌ଗୁଡ଼ିକ ପାଇଛନ୍ତି ସେହି ବିଷୟରେ ମୁଁ ଆଲୋଚନା କରିବାକୁ ଆସିଲି । ବିକାଶ-ବାବୁ କାହାନ୍ତି ?

— ଏହି କେସ୍‌ଟି ସମ୍ବନ୍ଧରେ କଥାବାର୍ତ୍ତା ହେବାଲାଗି ସେ ଡି-ଏସ୍-ପିଙ୍କ ପାଖକୁ ଯାଇଛନ୍ତି ।

— ତାହାହେଲେ...

— ଆପଣଙ୍କର କୌଣସି ଅସୁବିଧା ହେବନାହିଁ । ଆପଣ ସୁବ୍ରତଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବଡ଼ବାବୁ ମୋତେ ଆଗରୁ କହିଛନ୍ତି ।

— ତାହାହେଲେ ଆଉ ଡେରି ନ କରି ଏକ୍‌ଜିବିଟ୍‌ଗୁଡ଼ିକ ଶୀଘ୍ର ଆଣନ୍ତୁ ।

ସୌମିତ୍ର ବାବୁ ଅନ୍ୟ ଗୋଟିଏ ଘରେ ପ୍ରବେଶ କରି ଗୋଟିଏ ଲମ୍ବା କଲ୍-ବ୍ୟାଗ୍ ହାତରେ ଧରି ଫେରିଆସି କ୍ୟାଗ୍‌ନିକୁ ସେକ୍ରେଟେରିଏଟ୍ ଟେବୁଲ ଉପରେ ରଖିଦେଲେ ।

ସୁବ୍ରତ ଚେୟାରଟିକୁ ଆଗେଇ ଆଣିଲେ ଆଉ ଟିକିଏ ପାଖକୁ ।

ସୌମିତ୍ରବାବୁ ଲମ୍ବା ଟ୍ରେଟିଏ ଫର୍ଦ୍ଦ ବ୍ୟାଗ୍‌ଟି ଭିତରୁ ବାହାରକରି ତାହା ସୁବ୍ରତ ଆଡ଼େ ଆଗେଇ ଦେଇଦେଇ କହିଲେ, ଲିଷ୍ଟଟିକୁ ଦେଖନ୍ତୁ, ସୁବ୍ରତବାବୁ···

ସୁବ୍ରତ ଲିଷ୍ଟିଟିକୁ ପଢ଼ିବାକୁ ଲାଗିଲେ ! ଲିଷ୍ଟରେ ଲେଖାଥିଲା—

(୧) ଡାଲସଜ

ସତର ଇଞ୍ଚି ବ୍ୟାସ ବିଶିଷ୍ଟ ଚିନାମାଟିର କ୍ୱାଟର-ପ୍ଲେଟରେ ତିନୋଟି ଡାଲସଜ ରହିଥିଲା । କିନ୍ତୁ ପ୍ଲେଟଟିରେ ଛଅଟି ଡାଲସଜ ଆଗରୁ ଥିଲା ବୋଲି ମନେହୁଏ । ରସାୟନିକ ବିଶ୍ଳେଷଣ ନ କରି ଡାଲସଜ ସମ୍ବନ୍ଧରେ କୌଣସି ମନ୍ତବ୍ୟ କରିଯାଇପାରେନା ।

(୨) ଅଙ୍ଗୁଳିର ଚିହ୍ନ

ପୂର୍ବ ବର୍ଣ୍ଣିତ ପ୍ଲେଟରେ ଦୁଇଟି ହାତର ଅଙ୍ଗୁଳିର ଚିହ୍ନ ଆବିଷ୍କାର କରାହୋଇଅଛି । ସେଥିମଧ୍ୟରୁ ଗୋଟିଏ ହେଉଛି କୌଣସି ପୁରୁଷର ଡାହାଣ ହାତର ଗୃଦ୍ରେଟି ଅଙ୍ଗୁଳିର ଚିହ୍ନ ଓ ଅନ୍ୟଟି ହେଉଛି କୌଣସି ମହିଳାର ଡାହାଣ ହାତର ତର୍ଜନୀ ଓ ବୃଦ୍ଧାଙ୍ଗୁଷ୍ଠିର ଚିହ୍ନ । ପୁରୁଷ ଅଙ୍ଗୁଳିର ଚିହ୍ନ ପରୀକ୍ଷାକରି ଜଣାପଡୁଛି ତାହା ହେଉଛି ଡାକ୍ତର ସୁବୁଦ୍ଧିଙ୍କର ପି-ଏ ରଘୁନାଥ ବାବୁଙ୍କର । ମହିଳାଟିର ପରିଚୟ ଜଣା ପଡ଼ିନାହିଁ ।

(୩) ଛଅଟି ମହିଳାଙ୍କର ଫଟୋ

ଅଣଗୁଣ

ଡାକ୍ତର ସୁବୁଦ୍ଧିଙ୍କର ବେଡ୍‌-କଭର ତଳୁ କୌଣସି ଏକ ମହିଳାର ଫଟୋ ମିଳିଛି । ମହିଳା ଜଣଙ୍କର ପରିଚୟ ପୁଲିସର ଅଜ୍ଞାତ ।

(୪) ଡାକ୍ତର ସୁବୁଦ୍ଧିଙ୍କର ଶୟନକକ୍ଷ ।

ତଦନ୍ତ ସମୟରେ ପୁଲିସ ଜାଣିପାରିଛି, ଅଜ୍ଞାତ ବ୍ୟକ୍ତି ବା ବ୍ୟକ୍ତିଗଣ କିଛିକାଳ ଡାକ୍ତର ସୁବୁଦ୍ଧିଙ୍କର ଶଯ୍ୟାଗୃହ ଖାନତଲ୍ଲାସ କରିଯାଇଥିଲେ ।

(୫) ଡାକ୍ତର ସୁବୁଦ୍ଧିଙ୍କର ଶଯ୍ୟା ।

ଡାକ୍ତର ଦିବାକର ବାବୁଙ୍କର ଶଯ୍ୟା ପରୀକ୍ଷା କରି ଏହି ସିଦ୍ଧାନ୍ତରେ ପୁଲିସ ଉପନୀତ ହୋଇଛି ଯେ ଡାକ୍ତର ସୁବୁଦ୍ଧି ଗତ ରାତିରେ ଶଯ୍ୟା ଗ୍ରହଣ ଆଦୌ କରିନାହାନ୍ତି ।

(୬) ଟେଲିଫୋନ୍‌—

ଡାକ୍ତର ସୁବୁଦ୍ଧି ତାଙ୍କର ପ୍ରାଇଭେଟ୍‌ ଚେମ୍ବରରେ ମୃତାବସ୍ଥାରେ ଶାୟିତ ଥିଲେ । ତାଙ୍କର ବାଁ ହାତଟି ଟେଲିଫୋନ୍‌ ଉପରେ ରହିଥିଲା । ତଦନ୍ତବେଳେ ପ୍ରକାଶ ପାଇଛି, ତାଙ୍କର ଅନୁପସ୍ଥିତିରେ ଅନ୍ୟ କେହି ଏହି ଟେଲିଫୋନଟିକୁ ବ୍ୟବହାର କରନ୍ତି ନାହିଁ । ତଥାପି କୌଣସି ଗୋଟିଏ ମହିଳାର ଆଙ୍ଗୁଳିର ଚିହ୍ନ ରିସିଭର ଉପରେ ପଡ଼ିଥିବା ଦେଖାଯାଇଛି । ଯେତେଦୂର ସମ୍ଭବ ଏହି ଚିହ୍ନଟି ଓ ପ୍ଲେଟ୍‌ ଉପରେ ପଡିଥିବା ଚିହ୍ନଟି, ଏହିପରି ଦୁଇଟି ଚିହ୍ନ ଜଣେ ମହିଳାଙ୍କର ।

ରେଡ୍‌-କଭର୍‌ ତଳୁ ଡାକ୍ତର ସୁବୁଦ୍ଧିଙ୍କର ଡାଏରୀଟିକୁ ବାହାର କଲା ପୁଲିସ । ବେଶ୍‌ ମୋଟା ଡାଏରୀ ଖଣ୍ଡିକ—କଳା ଦୁଭାଗ ହୋଇ ସୁନ୍ଦର । ଡାଏରୀଟିରେ କେବଳ ରୋଗୀମାନଙ୍କ ସମ୍ବନ୍ଧରେ ବ୍ୟକ୍ତିଗତ ମତାମତ ଓ ନିଜସ୍ୱ ସଂସାରିକ ଖର୍ଚ୍ଚାଦିର ହିସାବପତ୍ର ମାତ୍ର ।

ଅନ୍ୟମନସ୍କଭାବେ ଡାଏରୀର ପୃଷ୍ଠାଗୁଡ଼ିକ ଓଲଟାଇ ଓଲଟାଇ ଗୋଟିଏ ପୃଷ୍ଠାରେ ଦେଖିଲି, ଗତ ଛଅଦିନ ଡାକ୍ତର ସୁବୁଦ୍ଧି ଯାହା ଖରଚ କରିଛନ୍ତି ତାହା ଲେଖି ରଖିଛନ୍ତି । ସାତେ ସାତଶ' ଟଙ୍କାରୁ ଦୁଇଦିନ ଭିତରେ ଖରଚ କରିଛନ୍ତି ମାତ୍ର ପଚିଶ ଟଙ୍କା ।

ପଚିଶ

ଡାଏରୀଟିକୁ ଫେରିଦେଇ ବ୍ୟାଗ୍ ଭିତରୁ ବାହାରକଲେ ଦୁଇଟି ମନିବ୍ୟାଗ୍ । ଗୋଟିଏ କଳା ପ୍ଲାଷ୍ଟିକର ଓ ଅନ୍ୟଟି ହେଉଛି ଚମଡ଼ାରେ ତିଆରି । ନଅଇଞ୍ଚି ଲମ୍ବା, ଛଅଇଞ୍ଚି ଚୌଡ଼ାର ବ୍ୟାଗ୍ ଦୁଇଟି । ପ୍ଲାଷ୍ଟିକ ବ୍ୟାଗଟିରେ ପାଞ୍ଚଟଙ୍କିଆ ଦୁଇଖଣ୍ଡ ନୋଟ୍ ଓ କିଛି ରେଜା ପଇସା । ସବୁ ସୁଦ୍ଧ ପାଞ୍ଚଟଙ୍କା ଚଉଦପଇସା ମାତ୍ର । ସେଗୁଡ଼ିକ ଯଥା ସ୍ଥାନରେ ରଖି ଖୋଲିଲେ ଦ୍ୱିତୀୟ ବ୍ୟାଗ୍‌ଟିକୁ । କିଛି ନାହିଁ, ଖାଲି ଖଣ୍ଡିଏ ହ୍ୟାଣ୍ଡନୋଟ୍ ରହିଛି । ଉକ୍ତ ଏବାଜର ସୁବୁଦ୍ଧିଙ୍କ ପାଖରୁ ଶତ ପଞ୍ଚଦନ ଟଙ୍କା ଧାର ନେଇ ହ୍ୟାଣ୍ଡନୋଟ ଲେଖିଦେଇଛି ଆଗ୍ରଗ୍ୟ-ନିବେଦନର ମେଟିନ ନନ୍ଦିତା ତ୍ରିପାଠୀ—

କିନ୍ତୁ ବାକି ଟଙ୍କା ଗୁଡ଼ିକର କୌଣସି ହିସାବ ନାହିଁ । ଆହୁଁ ତ ନାହିଁ ? ସୁବ୍ରତ ଭାବିଲେ, ପୁଛିଲେ ସୌମିତ୍ରବାବୁଙ୍କ ଆଗେ । ସୌମିତ୍ରବାବୁଙ୍କ ପକ୍ଷରେ ତାହା ବୁଝିବା କିଛି କଷ୍ଟକର ହେଲାନାହିଁ । ମୃଦୁ ହସି ହସିଲେ ସେ । କହିଲେ—ନା, ବାକି ଟଙ୍କାର କୌଣସି ହିସାବ ମିଳୁନାହିଁ । ଲୁଚା ଯଦି କହୁଛ ଯେ ଉକ୍ତ ସବୁଟଙ୍କା ବ୍ୟାଙ୍କରେ ରଖନ୍ତି । ଯାହା ଖରଚ କରିଛନ୍ତି ହ୍ୟାଣ୍ଡନୋଟ ଖଣ୍ଡିକ ମିଶାଇଲେ ମାତ୍ର ଦୁଇଶ ଟଙ୍କା ହେବ । ତାହାହେଲେ ବାକି ସାଢ଼େ ପାଞ୍ଚଶ ଗଲା କେଉଁଆଡ଼େ ?

ସୁବ୍ରତ କହିଲେ, କିନ୍ତୁ ସେହି ସାଢ଼େ ପାଞ୍ଚଶ ଟଙ୍କାର ହିସାବ ନ ପାଇଲେ ଆମର ଏଦନ୍ତର ଗତି କେଉଁଆଡ଼େ ଯିବ ତାହା ଥରେ ଭାବି ଦେଖୁଛନ୍ତି କି ?—

ଟେବୁଲ ଉପରେ ଆଙ୍ଗୁଳିଦ୍ୱାରା ମୃଦୁ ଆଘାତ କରି ଶବ୍ଦ ତୋଳୁଥିଲେ ସୌମିତ୍ରବାବୁ । ତାପରେ କହିଲେ, କାଲେ ମିଃ ଦାସ, ହେଡ଼ବାବୁ ଏହି ସାଢ଼େ ପାଞ୍ଚଶ ଟଙ୍କାର ହିସାବ ନ ମିଳୁଥିବା ଦେଖି ଗୋଟାଏ ସ୍ଥିର ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି ।

—ଟଙ୍କା ନେଇକରି ଉକ୍ତ ସୁବୁଦ୍ଧିଙ୍କୁ ହତ୍ୟା କରାଯାଇଛି, ଏହି ସିଦ୍ଧାନ୍ତ ନିଶ୍ଚୟ—କହିଲେ ସୁବ୍ରତ ।

— Exactly, ପ୍ରତିଧ୍ୱନି କଲେ ଏସ୍-ଆଇ ସୌମିତ୍ରବାବୁ ।

— ଆଚ୍ଛା, ରାତି ଦଶଟା ବାଜିଲା, ମୁଁ ଚାଲିଲି । ଯେଉଁ ଫଟୋଟି ଆପଣ ପାଇଥିଲେ ଅର୍ଥାତ୍ ଏକ ନମ୍ବର ଏକ୍ଜିବିଟ୍ର ଫଟୋଗ୍ରାଫ୍ଟିକୁ ମୁଁ ନେଇଯାଉଛି, ଦରକାର ପଡ଼ିଲେ ମୋତେ କହିବେ ।

ସୌମିତ୍ର ବାବୁ କହିଲେ—ନେଇ ଯାଆନ୍ତୁ, ଫଟୋଟି ଉପରେ ଆମେ ସେତେ ଗୁରୁତ୍ୱ ଆରୋପ କରୁନାହୁଁ···

ମୃଦୁ ହସିଲା ସୁବ୍ରତ । କହିଲା, ରଘୁନାଥ ସମ୍ବନ୍ଧରେ କୌଣସି ଖବର ସଂଗ୍ରହ କରିଛନ୍ତି ?

ଅନ୍ୟମନସ୍କଭାବେ ସୌମିତ୍ରବାବୁ କହିଲେ, ଏତେଶୀଘ୍ର କୌଣସି ସମ୍ବାଦ ସଂଗ୍ରହ କରିବା ଆମ ପକ୍ଷରେ ସମ୍ଭବ ନୁହେଁ, ମିଃ ଦାଶ । ଲୋକଟି ଯାହା ହେଉନା କାହିଁକି, ପଳାଇବାଇ ସେ ଯାହା କରୁନା କାହିଁକି, ଆମ ମନରେ ସେ ଯଥେଷ୍ଟ ସନ୍ଦେହ ଉଦ୍ରେକ କରିଛି । ହୁଏତ ଆମମାନଙ୍କୁ ଭୟ କରି ସେ ପଳାଇ ଯାଇଛି । କିନ୍ତୁ—

—ଆପଣମାନେ ଏହି ନିରାମିଷ କାରଣଟିକୁ ସ୍ୱୀକାର କରିବାକୁ ରାଜି ନୁହନ୍ତି, ଏଇକଥା କହୁଛନ୍ତି ତ ?···ହସିଲା ସୁବ୍ରତ ।

ତାପରେ କ୍ଲାନ୍ତ ଦେହ ଓ ବିଚିତ୍ର ଭାବନା ନେଇ ସେ ଥାନା ଭିତରୁ ବାହାରି ଆସିଲା ।

ପରଦିନ ସକାଳବେଳା ଆରୋଗ୍ୟ-ନିକେତନର ଅଫିସ ଘର ପାଖରେ ଗୋଡ଼ ଦେବାମାତ୍ରେ ସେ ଶୁଣି ପାରିଲା ଡାକ୍ତର ପ୍ରବୋଧ ଅଧିକାରୀଙ୍କର ଚିତ୍କାର···କାନ ଡେରି ସେ ଶୁଣିଲା ଡାକ୍ତର ଅଧିକାରୀ କାହାକୁ ଧମକାଉଛନ୍ତି—ସତ କରି କହ, କାହା ପାଖରୁ ତୁ ଜାଲସଜ ଆଣିଥିଲୁ ?—

କିଏ ଜଣେ କରୁଣ କଣ୍ଠରେ କହିଲା—ମୁଁ କାହା ପାଖରୁ କିଣି ଆଣି ବିକ୍ରି କରେନାହିଁ ହଜୁର ! ତାହା ପାଖରୁ କିଣି ଆଣିଲେ କେତେ ଆଉ ଲାଭ ପାଇବ ?

—ଲାଭ ପାଉନା ! ପ୍ରଚଣ୍ଡ କ୍ରୋଧରେ ଗର୍ଜି ଉଠିଲେ ଡାକ୍ତର ଅଧିକାରୀ·· ଠିକ୍ କରି କହ, କାହା ପାଖରୁ ଜାଲ ଆଣିଥିଲୁ ?

ଭାଉନ

— ନା ହଜୁର ! ନିଜର ଘର ଅଛି···ନିତି ଡୋଲି ନିଜେ ବିକ୍ରି କରେ···

—ନିଜ ଘର ? ଘର କେଉଁଠି ତାର ?

—ନୂଆ ବଜାର ପାଖରେ···

ସୁବ୍ରତ ଡାକ୍ତର ଅଧିକାରୀଙ୍କର ଚେମ୍ବରରେ ଆସି ପ୍ରବେଶ କଲା ।

ସୁବ୍ରତଙ୍କୁ ଦେଖି ବିଶେଷ ଉତ୍ସାହିତ ହେଲେ ଡାକ୍ତର ଅଧିକାରୀ । କହିଲେ, ଆପଣ ଠିକ୍ ସମୟରେ ଆସି ପହଞ୍ଚିଛନ୍ତି ସୁବ୍ରତବାବୁ !

ହସି ହସି ଚେୟାରଟିରେ ବସୁ ବସୁ କହିଲା—ଏ ଲୋକଟି କିଏ ?

—କାଲି ଏହି ଲୋକଟି ହସପିଟାଲରେ ଆସି ତାଳସଜ ବିକିଥିଲା···

— ସତେ !···ତାହାହେଲେ ବେଳେବେଳେ ଆସି ସେ ଏଠି ବିକ୍ରି କରେ ?

ଲୋକଟି କହିଲା—ହଜୁର, ମୁଁ କେତେଥର ଏଠି ଆସି ବିକିଛି । କାଲି କିନ୍ତୁ ମୁଁ ଭିତର ବାଟେ ନ ଆସି ଫାଟକ ବାହାରେ ଆସି ବିକୁଥିଲି । କେତେ-ବେଳେ ରଘୁନାଥବାବୁ ଆସି ମୋ ପାଖରୁ ତାଳସଜ କିଣିନେଲେ ।

—କେଉଁଟା କିଣିଲେ ? ପ୍ରଶ୍ନ କଲା ସୁବ୍ରତ ।

—ଆଠଟା ହଜୁର···

—ପାଜି ବଦ୍‌ମାସ୍ । ଜାଣେ ରଘୁନାଥ ନାହିଁ । ତା'ର ମୃତ୍ୟୁରେ ସବୁ ଦୋଷ ଲଦି ଦେଉଛୁ···ଜାଣୁ, ତୋ'ର ତାଳସଜ ଖାଇ ଦୁଇ ଡାକ୍ତରବାବୁ କାଲି ମରିଯାଇଛନ୍ତି ?···କହିଲେ ଡାକ୍ତର ଅଧିକାରୀ ।

—ଏଁ ! ମରିଯାଇଛନ୍ତି···ତାଳସଜ ଖାଇ···

ଲୋକଟି ବିସ୍ମୟରେ ଯେପରି ହତବାକ୍ ହୋଇ ଯାଇଛି ।

—ତୁମେ ରଘୁନାଥବାବୁଙ୍କୁ ଚିହ୍ନ···ସୁବ୍ରତ ପଚାରିଲା ।

—ଚିହ୍ନେ ହଜୁର···ଲୋକଟି କହିଲା ।

ସୁବ୍ରତ ଡାକ୍ତର ଅଧିକାରୀଙ୍କ ଆଡ଼କୁ ଚାହିଁ ପ୍ରଶ୍ନ କଲା—ରଘୁନାଥବାବୁ ଯେତେବେଳେ ତାଳସଜ କିଣିଲେ ଆପଣ ତ ସେତେବେଳେ ଡାକ୍ତର ଖାନାକୁ ଆସିନଥିଲେ । ଆପଣ କିପରି ଜାଣିଲେ ଯେ ଏହି ଲୋକଟି ପାଖରୁ ରଘୁନାଥବାବୁ ତାଳସଜ କିଣିଥିଲେ ବୋଲି ?

ଚେପନ

ଏହି ପ୍ରଶ୍ନଟି ଲାଗି ଡାକ୍ତର ଅଧିକାରୀ ଆଦୌ ପ୍ରସ୍ତୁତ ନଥିଲେ । ତାଙ୍କର ଇତଃସ୍ତତଃ ଭାବ ଦେଖି ସୁବ୍ରତ ପୁନର୍ବାର କହିଲେ—ଆପଣ କଣ କେବେ କେବେ ଏହି ଲୋକଟି ପାଖରୁ ତାଳସଜ କିଣିଛନ୍ତି ?—

ରାଗରେ ଡାକ୍ତର ଅଧିକାରୀଙ୍କର ମୁହଁ ଆଖି ଲାଲ ଦେଖାଗଲା । ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ କହିଲେ, ମୁଁ କେବେ ତାଳସଜ ଖାଏ ନାହିଁ କି ମୋ ଘରକୁ ନିଏ ନାହିଁ ସୁବ୍ରତ ବାବୁ ! ତେଣୁ ଏହି ଲୋକଟା ଯେ ତାଳସଜ ବିକ୍ରି କରେ ଏହା ମୋ ପକ୍ଷେ ଜାଣିବା ସହଜ ନୁହେଁ । ଆଜି ଲୋକଟା ଏହି ବାଟ ଦେଇ ଯାଉଥିବାବେଳେ ଦରୱାନ ହୀରା ସିଂ ତାକୁ ଡାକିପାରି ଏଇଠିକି ପଠାଇ ଦେଇଛି ।

—ଆପଣ ବର୍ତ୍ତମାନ ନିଜ କାମରେ ଯାଇପାରନ୍ତି ମିଃ ଅଧିକାରୀ, ମୁଁ ଏହି ଲୋକଟି ସହିତ କଥାବାର୍ତ୍ତା କରୁଛି । ଅନିଚ୍ଛାସତ୍ତ୍ୱେ ଡାକ୍ତର ଅଧିକାରୀ ଯୋତା ମଚ୍ ମଚ୍ କରି ନିଷ୍କ୍ରାନ୍ତ ହେଲେ ।

ତତ୍‌କ୍ଷଣାତ୍ ଅଧିକାରୀ ପିଠପଟର ଲୋକଟିକୁ ସମ୍ମୁଖସ୍ଥ ଟୁଲ ଉପରେ ବସିବାକୁ ସୁବ୍ରତ କହିଲେ— ଆଜି ତୁମେ ଏଠି ଅଟକିଗଲ, ଆଉ ବିକ୍ରି ହେବା ଆଶା ନାହିଁ । ତୁମର ଫେରି ଆଜି ଘର ଖର୍ଚ୍ଚ ତୁଲାଇବ କେମିତି ?— ନିଅ—କହି ପକେଟରୁ ଖଣ୍ଡିଏ ପାଞ୍ଚଟଙ୍କିଆ ନୋଟ୍ ବାହାର କରି ଲୋକଟି ଆଡ଼କୁ ବଢ଼ାଇ ଦେଲେ ସୁବ୍ରତ ।

ଲୋକଟି ନେବାକୁ ପ୍ରଥମେ ଦ୍ୱିଧା ବୋଧ କଲା । ପରେ ସଙ୍କୋଚଭାବେ ତାହା ଗ୍ରହଣ କରି ଲୁଗାକାନିରେ ଶକ୍ତ କରି ବାନ୍ଧିଲା ।

ସୁବ୍ରତ କହିଲେ, ଅଗରୁ ତୁମେ ରଘୁନାଥବାବୁଙ୍କୁ ଚିହ୍ନ ନା ଏଇଠି ବିକ୍ରି କରିବାକୁ ଆସିଲରୁ ଚିହ୍ନିଚ ?—

ସୋତ୍ସାହରେ ଲୋକଟି କହିଲା—ମୁଁ ତାଙ୍କୁ ପିଲାଦିନରୁ ଚିହ୍ନେ ହଜୁର । ଚନ୍ଦନବଜାରରେ ମୋ ଘର ପାଖରେ ସେ ଥିଏ । ତେଣୁ ମୁଁ ଆଉ ଚିହ୍ନେନା !...

—କାହା କଥା କହୁଛ ?...ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ସୁବ୍ରତ ।

—ହଜୁର୍ ଜଗୁ କଥା କହୁଛି । ତେବେ ତାଙ୍କୁ ଏଠି ଦେଖି ପଚାରିଲି, କରେ ତୁ ପରା ସିନେମାରେ କାମ କରୁଥିଲୁ—ଏଠି ଆସି ଫେରି କରୁଛୁ କଣ ! ସେ କହିଲା, ମୁଁ ବଙ୍ଗଳାରେ କାମ କରୁଛି । ସେଠି ସୁଟିଂବେଳା ଏଠି ଧନବେଳା । ମୁଁ ଭାରି ଖୁସି ହେଲି । ଯାହାହେଉ ପିଲାଟାର ଗୋଟାଏ ଗତି ହେଲା । ଏହି ସମୟରେ ଆଉ ଗୋଟିଏ ଲୋକ ଆସି କହିଲା, ରଘୁନାଥବାବୁ, ଡାକ୍ତର ସାହେବ ଆପଣଙ୍କୁ ଖୋଜୁଛନ୍ତି···ଜଗୁ ଯାଉଛି ବୋଲି କହି ଲୋକଟାକୁ ବିଦାକଲା । ମୁଁ ଆଶ୍ଚର୍ଯ୍ୟ ହୋଇ ତା ମୁହଁକୁ ଚାହିଁଲାରୁ ସେ ହସି ହସି କହିଲା, ଏଠି ମୋତେ ସମସ୍ତେ ରଘୁନାଥବାବୁ ବୋଲି ଡାକନ୍ତି, ତୁମେ ଏଠିକି ଆସିଲେ ଭୁଲ୍‌ରେ ବି କେବେ ଜଗୁ ବୋଲି ଡାକିବ ନାହିଁ, ଶୋଭନୀଙ୍କା ନ···

ବୁଢ଼ା ନିଃଶ୍ୱାସରେ ସୁବ୍ରତ କଥାଗୁଡ଼ିକ ଶୁଣୁଥିଲା । ଲୋକଟିର କଥା ଶେଷ ହେବା ସଙ୍ଗେ ସଙ୍ଗେ ସେ କହିଲା—ଜଗୁର କଣ ବାଁ କାନରେ ଗୋଟିଏ ଫୋଡ଼ ଅଛି ।

—ହଁ । ବଡ଼ହେଲେ କାନ ତାର ଫୋଡ଼ା ହୋଇଥିଲା···

—ନାଇଁ ତେବେ ଦାଗ ଅଛି କି ନାହିଁ ଦେଖିଛ ।

—ନା, ନାଇଁତେଲେ ଆଉ ତାର ଦାଗ ନାହିଁ ।

—ତୁମେ ଠିକ୍ ଏ କଥା କହୁଛ···

—ପିଲାଦିନରୁ ମୁଁ ତାକୁ ଦେଖିଆସୁଛି । ଭୁଲ୍ ମୋର କେବେ ହବ ନାହିଁ ।

ଏଠି ଯେତେବେଳେ ତାଙ୍କୁ ଦେଖ କେବେ ମୁହଁ ଆଡ଼େ ଚାହିଁଛ କି ?

ଲୋକଟି ମନେ ମନେ କଣ ଭାବିଲା । କିଛି ସମୟପରେ କହିଲା—ଏଥର ଠିକ୍ ମନେ ପଡ଼ୁଛି । ତେବେ କଥାବାର୍ତ୍ତା ହେବା ବେଳେ ମୁଁ ଏହି କଳ ଚଷମାକୁ ଦେଖିପାରି ନଥିଲି, ନାଇଁତେଲେ ଗୋଟାଏ ଜୋର କଲ୍ ଚଷମାରେ ଜଗୁ···ମୁହଁଟି ତୋର ଭାରି ଖରାପ ଦିଶୁଛି···

—ସେ କଣ ଜବାବ ଦେଲା ?

ଓଷ୍ଟ:ବନ

—କହିଲି, ତେଜାପ ପଡ଼ି ପୋଡ଼ିଯାଇଛି…

—ଅଚ୍ଛା, ତୁମେ ଯାଅ…କିନ୍ତୁ ଏସବୁ କଥା ଯେପରି କାହାକୁ ଶୁଣାଇବ ନାହିଁ…କହି ସୁବ୍ରତ ପକେଟରୁ ଆଉ ଖଣ୍ଡିଏ ଦୁଇଟଙ୍କିଆ ନୋଟ୍ ବାହାର କରି ଦେଲା ।

ଲୋକଟି ଖୁସି ହୋଇ କହିଲା—ନା ବାବୁ…କିଛି ତାକୁ କହିବି ନାହିଁ…

—ଆଉ ଗୋଟାଏ କଥା ! ତୁମର ଝିଅ କେଉଁ ସିନେମାରେ କାମ କରେ ? କି କାମ କରେ …

—ଲକ୍ଷ୍ମୀ ସିନେମାରେ ଟିକେଟ୍ ବିକେ…

* * *

ଅଧଘଣ୍ଟା ପରେ ଡାକ୍ତର ପ୍ରବୋଧ ଅଧିକାରୀ ଚେମ୍ବରରେ ପହଞ୍ଚି କହିଲେ—କବିତା ଦେବୀ ଅଫିସକୁ ଛୁଟି ଦରଖାସ୍ତ ପଠାଇଛନ୍ତି ବୋଲି ଶୁଣିଛନ୍ତି ବୋଧହୁଏ ସୁବ୍ରତ ବାବୁ !

—ନା । କଣ କାରଣ ଦେଖାଇଛନ୍ତି ?

—ତାଙ୍କର ଜଣେ ଆତ୍ମୀୟ ଭୀଷଣ ଅସୁସ୍ଥ, ସେଥିପାଇଁ ଗ୍ରାମକୁ ଗଲେ । ଛୁଟି ମଞ୍ଜୁର ହେବା ପର୍ଯ୍ୟନ୍ତ ଅପେକ୍ଷା କଲେନାହିଁ କମ୍ପା ପିବା ପୂର୍ବରୁ ଅନୁପମ କମ୍ପା ମେ.ଡେ କାହାରି ସହିତ ଦେଖା ମଧ୍ୟ କଲେନାହିଁ ।

—ତାହାହେଲେ କବିତା ଦେବୀ ଗ୍ରାମକୁ ଗଲେ ନା ?…ସ୍ୱଗତୋକ୍ତି କଲା ସୁବ୍ରତ । ଡାକ୍ତର ଅଧିକାରୀ, ଆପଣଙ୍କର ରେଜେଷ୍ଟ୍ରୀରେତ କବିତା ଦେବୀଙ୍କର ଘରର ଠିକଣା ଥିବ ?

—ହଁ ଅଛି । ଶୁଣିଛି ବେଣୀପୁର ଗ୍ରାମରେ ତାଙ୍କର ଘର । ଆପଣ ଟିକିଏ ବସନ୍ତୁ, ଫାଇଲ୍‌ଟାକୁ ମୁଁ ଆଣେ…

କିଛି ସମୟ ପରେ ଫାଇଲ୍‌ଟିକୁ ଆଣି କହିଲେ, ପାଇଛି ମିଃ ଦାସ… ରାଜଗାଙ୍ଗପୁର ପାଖରୁ ଦୁଇ ମାଇଲ ଦୂରରେ ବେଣୀପୁର ।

ଅନୁପମ ଆସି ପହଞ୍ଚିଲା ।

ସୁବ୍ରତ ଲକ୍ଷ୍ୟ କରି ଦେଖିଲା, ଗୋଟାଏ ଗୂଢ଼ ଭାବରେ ଅନୁପମ ଚେହେରା ବୁଦ୍ଧି-ସିକ୍ତ ଭାବରେ ସ୍ପଷ୍ଟ ହୋଇପାରୁଛି । କିନ୍ତୁ ଗୋଟାଏ ମାୟା ହେଲା ସୁବ୍ରତର । କହିଲା, ଆଉ ରାତିସାରା ବୋଧହୁଏ ଶୋଇନାହିଁ ଡାକ୍ତର...

ଚମକି ପଡ଼ିଲା ଅନୁପମ । ଅଟକି ଅଟକି ହୋଇ କହିଲା, ନା ନା, ସେପରି କିଛି ନୁହେଁ । କାହିଁକି ଏ କଥା ପଚାରୁଛ ସୁ...!

—ଏଇ ଦର୍ପଣଟିର ସମ୍ମୁଖରେ ଛିଡ଼ା ହୋଇ ନିଜକୁ ନିଜେ ଦେଖି ପାରିଲେ ତେବେ ବୁଝି ପାରିବ କାହିଁକି ମୁଁ ଏ କଥା ପଚାରୁଛି । ଆଚ୍ଛା ଛାଡ଼, ମାଧବୀ ଦେବୀଙ୍କ ସହିତ ଟିକିଏ ଦେଖା କରିବା ଦରକାର । ସେ କେତେବେଳେ ଡିଉଟିକୁ ଆସିବେ ?

—ସନ୍ଧ୍ୟା ଛଅଟାରେ

—ଆଜି ଗୋଟାଏ ସୁଖବର ଶୁଣ ! ବିକାଶବାବୁ ଡି-ଏସ୍-ପି ହେଉଛନ୍ତି । ଏଇ କେସ୍ ବିଷୟରେ ସେ ଆଉ ମୁଣ୍ଡ ଖେଳାଇବେ ନାହିଁ । ତାଙ୍କର ବଦଳି ବର୍ତ୍ତମାନ ହୋଇଛି । ସୌମିତ୍ରବାବୁ ପ୍ରମୋଶନ ପାଉଛନ୍ତି ଓ ଏଇ କେସ୍‌ଟିକୁ ସେ ହାତକୁ ନେବେ । ବର୍ତ୍ତମାନ ବାହାରିଲି, ସନ୍ଧ୍ୟା ଛଅଟାରେ ବୋଧହୁଏ ଆସିପାରେ...

—ମୁଁ ତାହାହେଲେ ତୁମର ଅପେକ୍ଷାରେ ଥିବି...

—ଆସିବି କି ନାହିଁ ତାହା ବର୍ତ୍ତମାନ ଠିକ୍ କରି କହିପାରୁନାହିଁ, ଯଦି ନ ଆସେ ଅପେକ୍ଷା ନ କରି ତୁମେ ଘରକୁ ଚାଲିଯିବ...ଜଣେ ଗୃ' କାହା ହାତରେ ଅଛି...

ସୌମିତ୍ରବାବୁଙ୍କୁ ସଙ୍ଗରେ ନେଇ ଚନ୍ଦନ ବଜାରରେ ପହଞ୍ଚି ଜଗୁର ଘର ଖୋଜି ବାହାର କରିବା ସୁବ୍ରତ ପକ୍ଷରେ କିଛି ଅସୁବିଧା ହେଲା ନାହିଁ । କିନ୍ତୁ ଜଗୁ ସେତେବେଳେ ଘରେ ନଥିବାରୁ ଉଭୟେ ଫେରିଆସିଲେ । ଥାନାରେ ପହଞ୍ଚି ଦେଖିଲା ଫିଙ୍ଗର-ପ୍ରିଣ୍ଟର ରିପୋର୍ଟ ଆସିପାରିଛି, ପୋଷ୍ଟମର୍ଟମର ରିପୋର୍ଟ ମଧ୍ୟ ଅପରବେଳା ଆସିଯିବ ।

ସଢ଼ାଭଳ

ପକେଟରୁ ଡାଏରୀ ବାହାର କରି ଠିକଣାଟିକୁ ଆଉଥରେ ଭଲଭାବେ ଦେଖିନେଲେ ସୁବ୍ରତ । ମାଧବୀ ଦେବୀଙ୍କର ଠିକଣା । ବାନ୍ଧୋଟବାଡେ ସେ ଆସି ପହଞ୍ଚିଲେ ଯଥା ସ୍ଥାନରେ । ଗାଡ଼ିଟିକୁ ଗୋଟିଏ ଗଛମୂଳେ ପାର୍କ କରି ଗାଡ଼ିରୁ ଓହ୍ଲାଇ ପଡ଼ି ନିକଟରେ ଥିବା ଗୋଟିଏ ପାନ ଦୋକାନ ପାଖରୁ ପ୍ରକୃତ ଘରଟି ବୁଝିନେଇ କବାଟ ଖଡ଼ ଖଡ଼ କରିବାକୁ ଯାଉଛନ୍ତି ଠିକ୍ ଏହି ସମୟରେ ପାଖ ଦୁଆରର କବାଟଟିକୁ ଖୋଲି ଉଜ୍ଜ୍ୱଳ ପୋଷାକ ପିନ୍ଧିଥିବା ଜଣେ ଭଦ୍ରବ୍ୟକ୍ତି ବାହାରି ଆସିବା ସେ ଦେଖିପାରିଲେ । ଆଖିରେ ଗଗଲ୍ସ୍—ନେହାଲ୍‌ଡ୍ସ ଗୋଲ୍‌ଡ୍ସମ୍ୟାନ୍‌ଙ୍କ ପରି ସୁଦୃଶ୍ୟ ଶ୍ମଶ୍ରୁ ଓ ଲଲାଟ ଉପରେ ରକ୍ତବର୍ଣ୍ଣ ଗୋଟିଏ ଗଭୀର କ୍ଷତ ।

ସୁବ୍ରତ ପଚାରିଲେ, ମାଧବୀ ଦେବୀ କଣ ଏହି ଘରେ ଥାଆନ୍ତି ?

କିଏ ଶୁଣୁଛି କାହା କଥା । ଓକିଲ ବାବୁ ସୁବ୍ରତର କଥାରେ କର୍ଣ୍ଣପାତ ନ କରି ଦ୍ରୁତ ପଦରେ ଅଗେଇ ଆସିଲେ ସମ୍ମୁଖରେ ଅପେକ୍ଷମାଣ ଗୋଟିଏ ଟେକ୍ସି ପାଖକୁ ।

କେତେଟା ମୁହୂର୍ତ୍ତ ଅପେକ୍ଷା କରି ସୁବ୍ରତ ପୁନର୍ବାର କହିଲେ—ଶୁଣନ୍ତୁ···

କିନ୍ତୁ ସବୁ ବୃଥା—ଓକିଲବାବୁ ସେତେବେଳକୁ ଟେକ୍ସୀରେ ଆସି ବସିଲେଣି, ଟେକ୍ସୀ ଚାଲିବାକୁ ଲାଗିଛି ।

ସୁବ୍ରତ ଭାବିବାକୁ ଲାଗିଲେ, ଏତେ ଚେଙ୍ଗା ଲୋକକୁ ସେ ଏହି କେତେଟା ଦିନରେ କେଉଁଠି ଦେଖିଛନ୍ତି କି ନାହିଁ, କିମ୍ବା ଆଗରୁ କେବେ ସେ ଦେଖିଛନ୍ତି । ନା ଚାଲିବାର ଭଙ୍ଗିଟି ଛଡ଼ା ଆଉ ତ କିଛି ନୂତନତ୍ୱ ପରିଲକ୍ଷିତ ହୁଏନା । ଏହ: ଅଭ ସୌମିତବାବୁ ଏହିପରି ଚେଙ୍ଗା ଓ ଡକ୍ଟର ପ୍ରବୋଧ ଅଧିକାରୀ ମଧ୍ୟ ଦେଖିବାକୁ ଏହିପରି । ଆଉ କାହାକୁ ସେ ଏପରି ଚେଙ୍ଗା ବୋଲି ମନେ କରିପାରେ କି ନାହିଁ ! କିମ୍ବା ହଁ, ରହସ୍ୟାନ୍ୱେଷୀ ଜୟନ୍ତ ସାହୁ ଦେଖିବାକୁ ଠିକ୍ ଏହିପରି ଚେଙ୍ଗା ।

ଶେଷ କଥାଟି ମନେ ପଡ଼ିବା ମାତ୍ରେ ହସିପକାଇଲେ ସୁବ୍ରତ । ଗୋଟିଏ ଦୀର୍ଘଶ୍ୱାସ ମଧ୍ୟ ବାହାରି ଆସିଲା । ଜୟନ୍ତ ଯଦି କୌଣସି ଦୂର ପ୍ରଦେଶରେ

ନଥାନ୍ତା । ତାହାହେଲେ ଜେଲାଣିବା ଏହି ଲୋକଟିକୁ ଦେଖିଲେ ବିଶ୍ୱାସ ହୁଅନ୍ତା ।

କିନ୍ତୁ ଗାଡ଼ିଟି ପାଖକୁ ଫେରି ଆସିଲେ ସୁବ୍ରତ । ଭାବିଲେ, ଏସ-ଆଇ ଯୌଟିନ ବାବୁ ଛଦ୍ମବେଶରେ ଅଛେବେ ବା ତାଙ୍କ ? ଆଉ ଜଣ ଡାକ୍ତର ପ୍ରବୋଧ ଅଧିକାରୀ ଅମଡର ଗୋପନରେ କୌଣସି ତଦନ୍ତ ଚଳାଉଛନ୍ତି, ନା ମାଧବୀ ଦେବୀଙ୍କ ସହିତ ତାଙ୍କର କୌଣସି ସମ୍ବନ୍ଧ ଅଛି !

କିଏ ଏହି ଛଦ୍ମବେଶୀ ! ଡାକ୍ତର ପ୍ରବୋଧ ଅଧିକାରୀ ଯଦି ହୋଇଥାନ୍ତି ତାହାହେଲେ ବର୍ତ୍ତମାନ ଜଣାପାଇପାରେ । ରାସ୍ତାର ଦୁଇକଡ଼ ଉପରେ ଦୃଷ୍ଟି ସଞ୍ଚାଳନ କରୁ କରୁ ସୁବ୍ରତ ଦେଖିପାରିଲେ ଅଳ୍ପ ଦୂରରେ ଗୋଟିଏ ପୋଷ୍ଟ ଅଫିସ୍ । ତାହାହେଲେ ପବ୍ଲିକ ଫୋନର ବ୍ୟବସ୍ଥା ଅଛି । ଗାଡ଼ିଟିକୁ ଲକ୍ କରି ପୋଷ୍ଟ ଅଫିସକୁ ଆସି ୧୨ନ.ପ. ଦେଇ ଆରୋଗ୍ୟ ନିକେତନର ନମ୍ବର ଚାହିଁଲେ ।

ଅପର ପ୍ରାନ୍ତରୁ ଜଣେ ନର୍ସର କଣ୍ଠସ୍ୱର ଶୁଣାଗଲା—Yes please whom do you want ?

ସୁବ୍ରତ କହିଲେ—ଡାକ୍ତର ଅଧିକାରୀ ଅଛନ୍ତି ?

—ଆପଣ କିଏ ?

—କହନ୍ତୁ ସୁବ୍ରତ ଦାଶ ତାଙ୍କୁ ଡାକୁଛି ବୋଲି···

—ଟିକିଏ ଅପେକ୍ଷା କରନ୍ତୁ, ଡାକି ଦେଉଛି···

ଡାକ୍ତର ଅଧିକାରୀଙ୍କର କଣ୍ଠସ୍ୱର ଶୁଣାଗଲା—ମୁଁ ଡାକ୍ତର ଅଧିକାରୀ କହୁଛି ମିଃ ଦାଶ···ଖବର କଣ କହନ୍ତୁ···

—କବିତା ଦେବୀଙ୍କର ଛୁଟି ଦରଖାସ୍ତ ଆପଣ କେତେବେଳେ ପାଇଥିଲେ ମିଃ ଅଧିକାରୀ ?

—ମୁଁ ପାଇନାହିଁ, ଅନୁପମ ବାବୁ ପାଇଥିଲେ । ଠିକ୍ ସାତଟାବେଳେ ହସପିଟାଲର ଲେଟର ବକ୍ସରୁ ତାହା ମିଳିଥିଲା ।

—ଅନୁପମବାବୁଙ୍କୁ ଟିକିଏ ଡାକି ଦିଅନ୍ତୁ, ପ୍ଲିଜ୍···

ଡାକ୍ତର ଅନୁପମ ଏଠାରେ ତ ନାହାନ୍ତି···

—ଆଚ୍ଛା, ଆପଣ ଛାଡ଼ି ଦିଅନ୍ତୁ । ବିରକ୍ତ କଲି ବୋଲି ମନରେ କିଛି ଭାବିବେ ନାହିଁ···

—Need not mention

ରିସିଭର ଛାଡ଼ିଦେଇ ସୁବ୍ରତ ହସିଲା । ଚନ୍ଦ୍ରାର ଶ୍ରୋତାଙ୍କୁ ପରଗୃହୀତ କରି ଅନ୍ୟ ଦିଗଦେଇ । କିଏ ତାହାହେଲେ ଏହି ଲୋକଟି । ଲଲାଟରେ ଟଗର ଫୁଲ, ଅସ୍ୱାଭାବିକ ଚଳନ ଭଙ୍ଗୀ, ପ୍ରଚଣ୍ଡ ଗରମରେ ସୁଟ ଓ ଲଙ୍ଗ କୋଟ ପିନ୍ଧି ମାଧବୀଦେବୀଙ୍କ ଘରକୁ ଆସିବା ଉଦ୍ଦେଶ୍ୟ କଣ ! କିଏ ସେହି ରହସ୍ୟମୟ ବ୍ୟକ୍ତି ? ହେଁତ୍ରନ୍ ମାଧବୀଦେବୀଙ୍କ ସହିତ ତାଙ୍କର କି ସମ୍ବନ୍ଧ ଥାଇପାରେ···

ଫେରିଆସି କଲିଂବେଲଟିକୁ ଝଣ ଝଣ କଲା ସୁବ୍ରତ···

ଟିକିଏ ପରେ ସାଧାରଣ ଖଣ୍ଡିଏ ଶାଢ଼ୀ ପିନ୍ଧି ପାନ ଚୋବାଉ ଚୋବାଉ ମାଧବୀ ଦେବୀ ଆସି ଦ୍ୱାର ଖୋଲିଦେଲେ । ସୁବ୍ରତକୁ ଦେଖି କହିଲେ—ସୁବ୍ରତ ବାବୁ ! ଆଶ୍ଚର୍ଯ୍ୟ, ଆପଣ ମୋ ଘରେ···ଭିତରକୁ ଆସନ୍ତୁ···

ହସି ହସି ସୁବ୍ରତ ଭିତରକୁ ଆସି ଗୋଟିଏ ଚେୟାରରେ ବସିଲା । ପଙ୍ଖାଟିକୁ ଚଳାଇ ଦେଇ ନିକଟସ୍ଥ ଆଉ ଗୋଟିଏ ଚେୟାରରେ ବସିଲେ ମାଧବୀ ଦେବୀ ।

—କାହିଁକି ଆସିଛି କିଛି ବୁଝିପାରୁଛନ୍ତି ମିସ୍ ମାଧବୀ ଦେବୀ !

—କ୍ଷମା କରିବେ ସୁବ୍ରତବାବୁ, ମୁଁ ବିଚାରକ ଜ୍ୟୋତିଷୀ ନୁହେଁ ।

ନିଜକୁ ଅପ୍ରସ୍ତୁତ ବୋଧକଲା ସୁବ୍ରତ । କହିଲା, ମୁଁ ଭଲଭାବେ ଜାଣି ନ ଥିଲି···

ଲଜ୍ଜିତା ହୋଇ ମାଧବୀ ଦେବୀ କହିଲେ—ଆପଣଙ୍କର ଆସିବା ଉଦ୍ଦେଶ୍ୟ ମୁଁ ଅନୁମାନ କରିପାରୁଛି । ଡାକ୍ତର ସୁବୁଦ୍ଧିଙ୍କର ମୃତ୍ୟୁ ସମ୍ବନ୍ଧରେ ଆପଣ ତଦନ୍ତ କରୁଛନ୍ତି···

—ଆପଣ ଠିକ୍ ଅନୁମାନ କରିଛନ୍ତି । କେତୋଟି ପ୍ରଶ୍ନ ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ । ଯଦି ଆପଣଙ୍କର କୌଣସି ଅସୁବିଧା ନ ହୁଏ···

—ନା-ନା, ଆଉ କଣ ପଚାରନ୍ତୁ, ଯେତେଦୂର ସମ୍ଭବ ମୁଁ ଆପଣଙ୍କୁ କହିବି ।

—ଆଚ୍ଛା ସିଷ୍ଟର, କିଛିଦିନ ତଳେ ଆପଣ ଡାକ୍ତର ସୁବୁଦ୍ଧିଙ୍କ କ୍ୱାର୍ଟରକୁ ସନ୍ଧ୍ୟାବେଳେ କାହିଁକି ଯାଇଥିଲେ ?

—ଟଙ୍କା ମୋର ଦରକାର ଥିଲା, ଧାର୍ ଆଣିବାକୁ ଯାଇଥିଲି ।

—ଡାକ୍ତର ସୁବୁଦ୍ଧି ଦେଇଥିଲେ ?

—ହଁ । କିନ୍ତୁ ଏହା ନ ପଚାରିଥିଲେ ମଧ୍ୟ ଚଳନ୍ତା । ଯେହେତୁ ମୁଁ ହ୍ୟାଣ୍ଡନୋଟ କରି ଟଙ୍କା ଆଣିଛି ।

କଥା ଶେଷବେଳକୁ ସିଷ୍ଟର ମାଧବୀ ଦେବୀଙ୍କର କଣ୍ଠସ୍ୱର ଭାରୀ ହୋଇ ଆସିଲା ।

—କିନ୍ତୁ ଡାକ୍ତର ସୁବୁଦ୍ଧିଙ୍କର ମନିବ୍ୟାଗରୁ ମାତ୍ର ପଚାଶ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଲେଖା ରହିଛି ମାଧବୀ ଦେବୀ !

ବଙ୍କିମ ଦୃଷ୍ଟିରେ ସୁବ୍ରତ ଆଡ଼େ ଚାହିଁ ମାଧବୀ ଦେବୀ କହିଲେ, ଆପଣ ବୋଧହୁଏ ଭାବୁଛନ୍ତି ହ୍ୟାଣ୍ଡନୋଟରେ ଶହେ ଟଙ୍କା ଲେଖାଇ ନେଇ ସେ ମୋତେ ପଚାଶ ଟଙ୍କା ଦେଇଛନ୍ତି ବୋଲି ? ନା ମିଷ୍ଟର ଦାସ । ଡାକ୍ତର ଅଧିକାରୀ ଏତେଦୂର ଦସ୍ୟୁ ବି ନଥିଲେ । ସେ ଭୀଷଣ ନିଷ୍ଠୁର । କୁଟିଳ, ହିପୋକ୍ରିଟିକ୍ ପ୍ରକୃତିର ଲୋକ ।

ମାଧବୀ ଦେବୀଙ୍କର କଣ୍ଠସ୍ୱର ପୁନର୍ବାର ଭାରୀ ହୋଇଆସିଲା ।

ସୁବ୍ରତ ଅବାକ୍ ବିସ୍ମୟରେ ମନେ ମନେ ଭାବିବାକୁ ଲାଗିଲା— ମୃତ ଡାକ୍ତର ଅଧିକାରୀଙ୍କ ବିରୁଦ୍ଧରେ କାହିଁକି ଏ ଅଭିଯୋଗ ! କଣ ସେ ଏପରି କ୍ଷତି କରିଛନ୍ତି ସିଷ୍ଟର ମାଧବୀ ଦେବୀଙ୍କର ।

ହଠାତ୍ ଯେପରି ମାଧବୀ ଦେବୀଙ୍କର ଚକ୍ଷୁରେ ଅଶ୍ରୁ ଦେଖାଗଲା । ନୀରବ କ୍ରନ୍ଦନର ଶବ୍ଦ ସ୍ପଷ୍ଟଭାବେ ଶୁଣିପାରିଲା ସୁବ୍ରତ ।

ସୁବ୍ରତର ମନେ ପଡ଼ିଲା, ସିଷ୍ଟର ଲତିକା ଦେବୀ କହିଥିଲେ, ସ୍ତ୍ରୀ-ମାନଙ୍କର ପରିଚୟ ଅଜ୍ଞେୟ ରହସ୍ୟ···ବୋଧହୁଏ ଏହି କାରଣରୁ କାହାଣୀଟିକୁ ସେ ପ୍ରକାଶ କରିଥିଲେ ସୁବ୍ରତ ଆଗରେ

ସୁବ୍ରତ କହିଲେ, ମୁଁ ଏହା ପଚାରିବା ଦ୍ୱାରା ଆପଣ କଣ ବିଶେଷ ଦୁଃଖିତା ହେଲେ ସିଷ୍ଟର । କହନ୍ତୁ, ପ୍ରକୃତରେ କଣ ଆପଣ...

—ହଁ ସୁବ୍ରତ ବାବୁ ! ଜୀବନରେ ମୁଁ ଯଥେଷ୍ଟ ଦୁଃଖ ଭୋଗ କରିଛି । କିନ୍ତୁ ଏହି ଶହେଟଙ୍କାର ହ୍ୟାଣ୍ଡନୋଟ ଖଣ୍ଡିକ ମୋତେ ଯାହା ଦୁଃଖ ଦେଇଛି, ସେ ଦୁଃଖର ତୁଳନା ନାହିଁ ।

ସୁବ୍ରତ ହସିଲେ । ମନେ ମନେ ଭାବିଲେ, ସିଷ୍ଟର ମାଧବୀ ଦେବୀ ଯଦି ପ୍ରକୃତରେ ଅଭିନେତ୍ରୀ ହୋଇଥାନ୍ତି ତାହାହେଲେ ମୋତେ ସ୍ୱୀକାର କରିବାକୁ ହେବ ସେ ହେଉଛନ୍ତି ପୃଥିବୀର ସର୍ବଶ୍ରେଷ୍ଠ ଅଭିନେତ୍ରୀ ।

ଆର୍ଦ୍ର କଣ୍ଠରେ ମାଧବୀ ଦେବୀ କହିଲେ, ମୋତେ ଆଉ କିଛି ପଚାରନ୍ତୁ ନାହିଁ ସୁବ୍ରତ ବାବୁ !

—କଣ ପଚାରିବି ସେଇକଥା ଭାବୁଛି ।

—ସୁବ୍ରତ ବାବୁ ! ଗୋଟିଏ କରୁଣ ଆକୁଳ ଉପରେ ଫୁଟି ଉଠିଲା ମାଧବୀ ଦେବୀଙ୍କ କଣ୍ଠରେ ।

କହନ୍ତୁ ସିଷ୍ଟର

—ମୁଁ ଯଦି ଭଗ୍ନୀଭାବରେ ଆପଣଙ୍କ ନିକଟରେ କୌଣସି ଦାବୀ କରେ ଆପଣ କଣ ମୋତେ ବିମୁଖ କରିବେ ?

—ଏହି ଦାବୀ ପଛରେ କୌଣସି ଯୁକ୍ତି ଅଛି କି ମାଧବୀଦେବୀ ?

—ଅଛି ମିଃ ଦାଶ...

—ତାହାହେଲେ କୌଣସି କଥା ମୋ ଆଗରେ ଲୁଚାଇବେ ନାହିଁ...

—କିନ୍ତୁ ଏପରି କେତୋଟି ଘଟଣା ଅଛି ଯାହାକି ମୁଁ କେବେ ମୁହଁଖୋଲି କହିପାରେନା...

କେତେକେତେ ମୁହୂର୍ତ୍ତ ସୁବ୍ରତ କଣ ମନେ ମନେ ଭାବି କହିଲେ, ଡାକ୍ତର ସୁବୁଦ୍ଧିଙ୍କୁ କିଏ ବା କେଉଁମାନଙ୍କ ପକ୍ଷରେ ହତ୍ୟାକରିବା ସମ୍ଭବ, ତାହା ଅନୁମାନ କରିପାରୁଛନ୍ତି କି ?

ସିଷ୍ଟର ମାଧବୀଦେବୀ ମୁହଁଉପରେ କିଛିକ୍ଷଣ ଚାହିଁରହି ଧୀରେ କହିଲେ, ତାଙ୍କୁ ଯେ ହତ୍ୟା କରାଯାଉଛି ଏହା ଆପଣ ଭାବୁଛନ୍ତି କାହିଁକି ସୁବ୍ରତବାବୁ !

ସୁବ୍ରତ ଚମକି ପଡ଼ିଲେ । କହିଲେ, ତାହାହେଲେ ଆପଣ ମନେ କରନ୍ତି ଡାକ୍ତର ସୁବୁଦ୍ଧି ଆତ୍ମହତ୍ୟା କରୁଛନ୍ତି ବୋଲି ?

ଭଇଁ ଭଇଁ ହୋଇ ପିଲାଙ୍କ ପରି କାନ୍ଦିଲେ ମେଟ୍ରନ ମାଧବୀଦେବୀ । କହିଲେ, ମୁଁ କିଛି ମନେକରିପାରୁନାହିଁ ମିଃ ଦାଶ !

—ତେବେ ସେ ଆତ୍ମହତ୍ୟା କରୁଛନ୍ତି ଏହା ଆପଣ କହୁଛନ୍ତି କିପରି ? ପ୍ଲିଜ୍ ସିଷ୍ଟର, ଆପଣ ସବୁକଥା ସ୍ପଷ୍ଟଭାବରେ କୁହନ୍ତୁ । ହୁଏତ ଏହାଦ୍ୱାରା ଜଣକର ଜୀବନ ରକ୍ଷା ହୋଇପାରେ । ନା ନା, ଜଣକର ନୁହେଁ, ଦୁଇଜଣଙ୍କର ।

—ଦୁଇଟି ଜୀବନ ! ଏସବୁ କଣ କହୁଛନ୍ତି ଆପଣ ?

—ହଁ, ଆପଣ ନିଶ୍ଚୟ ଶୁଣିଛନ୍ତି ଯେ ଅନିତାଦେବୀ ନିରୁଦ୍ଦିଷ୍ଟା । ସେ ନିଖୋଜ ବୋଲି ଆପଣ ମଧ୍ୟ ବିଶ୍ୱାସ କରନ୍ତି । ସେ ଆପଣଙ୍କର ଘନିଷ୍ଠ ସହକର୍ମିଣୀ । ଭାବି ଦେଖନ୍ତୁ, ସାରା ଜୀବନଟା ତାର ପଡ଼ିରହିଛି । ଆଉ ଅନୁପମ, ସେ ମଧ୍ୟ ନିଖୋଜ । କାହିଁକି ତେବେ ସେ ଆତ୍ମହତ୍ୟା କରିବ ? କହିଲେ ସୁବ୍ରତ ।

—ଆପଣ ମୋ କଥା ବିଶ୍ୱାସ କରନ୍ତୁ । କାରଣ ମୋର ଜୀବନ-ଯୌବନ ସବୁ ବ୍ୟର୍ଥ ହୋଇ ଯାଇଛି । ବ୍ୟର୍ଥହେବାରେ ଯେ ଯେଉଁ ଜ୍ୱାଳା ତାହା ମୁଁ ମର୍ମେ ମର୍ମେ ଅନୁଭବ କରି ପାରୁଛି । ତେଣୁ କାହାର ଜୀବନ ମୁଁ ବ୍ୟର୍ଥ କରିବାକୁ ଚାହେଁନା···

ସୁବ୍ରତ କିଛିକ୍ଷଣ କଣ ଚିନ୍ତାକରି ପକେଟରୁ ଫଟୋଟିକୁ ବାହାର କଲେ, ଯେଉଁ ଫଟୋଟିକୁ ସୌମିତ୍ରବାବୁ ଡାକ୍ତର ସୁବୁଦ୍ଧିଙ୍କର ଶୟନକକ୍ଷରୁ ପାଇଥିଲେ । ମାଧବୀଦେବୀଙ୍କୁ ଫଟୋଟିକୁ ଦେଖାଇ କହିଲେ—ଦେଖନ୍ତୁ ଫଟୋଟିକୁ ଚିହ୍ନିପାରୁଛନ୍ତି କି ନାହିଁ···

କ୍ଳାନ୍ତଭାବେ ଫଟୋଟିକୁ ଦେଖିବାକୁ ଲାଗିଲେ ସିଷ୍ଟର ମାଧବୀଦେବୀ। ମୃଦୁ କଣ୍ଠରେ କହିଲେ—ଚିହ୍ନିଛି। ଫଟୋଟି ମୋର…

ଫଟୋଟି ଡାକ୍ତର ସୁବୁଦ୍ଧିଙ୍କର ବିଛଣାତଳୁ ମିଳିଛି। କହିପାରିବେ କି ସେ ଏହି ଫଟୋଟିକୁ ପାଇଲେ କିପରି?

—ରଘୁନାଥ ତାଙ୍କୁ ଏହି ଫଟୋଟିକୁ ଦେଇଥିଲା। କିନ୍ତୁ ରଘୁନାଥ କୁଆଡୁ ଯେ ଏ ଫଟୋଟିକୁ ପାଇଥିଲା ତାହା ମୁଁ ଜାଣେନା।

ଡାକ୍ତର ସୁବୁଦ୍ଧି ଯେତେବେଳେ ଆପଣଙ୍କର ଫଟୋ ସଂଗ୍ରହ କରିଥିଲେ, ସେଥିରୁ ଅନୁମାନ କରିପାରେ ଯେ ସେ ଆପଣଙ୍କ ସମ୍ବନ୍ଧରେ ଅନେକ କିଛି ଜାଣିବାପାଇଁ ବ୍ୟଗ୍ର ହୋଇ ଉଠିଥିଲେ। ମାତ୍ର ଶହେଟଙ୍କା ଧାର ଦେଇ ହ୍ୟାଣ୍ଡନୋଟ ଲେଖାଇନେବା ପଛରେ କି ଉଦ୍ଦେଶ୍ୟ ତାଙ୍କର ଥାଇପାରେ?

—କ୍ଷମା କରିବେ ମିଃ ଦାଶ୍ ଏ ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ ସମ୍ଭବ ନୁହେଁ।

—ବୋଧହୁଏ ଜାଣନ୍ତି ନାହିଁ ବୋଲି?

—ନା, ଜାଣେ ବୋଲି ଉତ୍ତର ଦେଇ ପାରିବି ନାହିଁ…

—କାରଣ କଣ ଜାଣିପାରେ?

—ଶହେଟଙ୍କା ନେଇ ହ୍ୟାଣ୍ଡନୋଟ୍ ଲେଖିଦେବା ସମୟରେ ମୁଁ ତାଙ୍କ ପାଖରେ ଶପଥ କରିଛି, ଏହି କଥା କାହାକୁ କହିବି ନାହିଁ।

—ତେବେ ଲଳିତାଦେବୀଙ୍କୁ କାହିଁକି କହିଛନ୍ତି?

—ସେ ନାରୀ ବୋଲି।

—ଆଉ ମୁଁ ଯେ ଆପଣଙ୍କର ଭାଇ।

ନୀରବ ରହିଲେ ମେଟ୍ରନ ମାଧବୀ ଦେବୀ।

ସୁବ୍ରତ କିଛିଏ ଅପେକ୍ଷା କରି କହିଲା—ଆପଣଙ୍କର ବହୁତ ସମୟ ନଷ୍ଟ କଲି ମିସେସ ମାଧବୀ ଦେବୀ। ତେବେ ସୂଚନା ଗୋଟିଏ ଦେଲେ ପ୍ରଶ୍ନର ଉତ୍ତର ପାଇବି ନାହିଁ। ବିଶେଷ ଭାବେ, ଡାକ୍ତର ସୁବୁଦ୍ଧି ଯେଉଁ କାରଣରୁ

ଯେ ଆତ୍ମହତ୍ୟା କରିପାରନ୍ତି, ତାର ଯଥାଯଥ ଦଣ୍ଡବିଧିରୁ ମଧ୍ୟ ଦେଇଲ ନାହିଁ ।

ପ୍ରକୃତରେ ସେ ଯଦି ଆତ୍ମହତ୍ୟା କରିଥା'ନ୍ତି, ତାହାହେଲେ ସେଥିପାଇଁ ଦାୟୀ ମୁଁ···କହିଲେ ମାଧବୀ ଦେବୀ ।

—ଆପଣ !

—ଠିକ୍ କହୁଛି ମିଃ ଦାଶ ! ଜୀବନରେ ସେ ମୋଠାରୁ ଅଶେଷ ଦୁଃଖ ପାଇଛନ୍ତି ସାମାନ୍ୟ ଗୋଟିଏ ଅମୂଳକ ସନ୍ଦେହର ବଶୀଭୂତ ହୋଇ । ତଥାପି ଏହି ପ୍ରୌଢ଼ତ୍ୱର ଅବସ୍ଥାରେ ସୁଦ୍ଧା ସେଦିନ ସଳରେ ମୁଁ ତାଙ୍କୁ ଯଥେଷ୍ଟ ଆଘାତ ଦେଇଥିଲି । ହୁଏତ ସେହି ଆଘାତ ସେ ସହ୍ୟ କରି ପାରି ନଥିଲେ । ଭାବପ୍ରବଣ ବ୍ୟକ୍ତି, ଆତ୍ମହତ୍ୟା କରିବାଟା ତାଙ୍କ ପକ୍ଷରେ କିଛି ବିଚିତ୍ର ନୁହେଁ ।

—କିପରି ଆଘାତ ତାଙ୍କୁ ଦେଇଛନ୍ତି, ଜାଣେନା । କିନ୍ତୁ ମୁଁ ଜାଣିବାକୁ ଚାହେଁ, ଏହିପରି ଆଘାତ ଦେବା ଅଧିକାର ଆପଣଙ୍କର ଥିଲା ?

—ଏହି ପୃଥିବୀରେ ଯଦି କାହାର ତାଙ୍କୁ ଆଘାତ ଦେବାର ଅଧିକାର ଥାଏ, ତାହାହେଲେ ଜାଣିବେ, ସେପରି ଆଘାତ ଦେବାର ଅଧିକାର ଏକମାତ୍ର ମୋର ଅଛି—ମୋର···

—ତାହାହେଲେ ଆପଣ କଣ··· ମାନେ, ଆପଣ—

ଅଶ୍ରୁ ବନ୍ୟାରେ ଯେପରି ଭାସିଗଲେ ସୁନ୍ଦର ମାଧବୀ ଦେବୀ—ଭାସିଗଲା ପାଉଡ଼ରର ପ୍ରଲେପ । ନଇଲେ ଡାକ୍ତର ଭଲ—ଉପରେ ପାଟି ଭୁଲିଛି ଖୋଲି ଦେଲେ ସେ । ଯୌବନ ଉନ୍ମତ୍ତ ହୋଇ ସେହି ଫଟୋଟିର ପ୍ରଦୀପ୍ତ ପୁଷ୍ପ ମୁଖାକୃତି ଝଲସି ଉଠିଲା ।

ଧୀରେ ଧୀରେ କଥାବୃତ୍ତକ ··· ଜଣେ କଣ୍ଟ ସୁରୁ ଡ । ଏଥର ବୁଝିଛି, ଡାକ୍ତର ସୁବୁଦ୍ଧି ଆପଣଙ୍କର ସ୍ୱାମୀ···

—ଠିକ୍ କହୁଛନ୍ତି ମିଃ ଦାଶ ! ବିବାହ ପରେ ମାତ୍ର ଗୋଟିଏ ଦିନ ମୁଁ ତାଙ୍କର ସହଧର୍ମିଣୀ ଥିଲି । ତେବେ ସୁଦ୍ଧା ସେ ମୋର ଚିରଦିନର ସ୍ୱାମୀ···

ଉଭୟେ ନୀରବ । ସେ ଏକ ଦୀର୍ଘ ମୁହୂର୍ତ୍ତ ପରେ···

୯୪ଟି

ମିସେସ୍ ମାଧବୀ ଦେବୀ ଆର୍ଦ୍ର କଣ୍ଠରେ ଡାକିଲେ—ସୁବ୍ରତ ବାବୁ !

—କହନ୍ତୁ ।

—ମୋ ନିକଟରେ ଅର୍ଥ ନାହିଁ । ଥିଲେ ସ୍ୱାମୀଙ୍କ ପାଖରୁ ହ୍ୟାଣ୍ଡନୋଟ୍ କରି ଟଙ୍କା ଆଣନ୍ତି ନାହିଁ । କିନ୍ତୁ ଅର୍ଥ ନଦେଇ ଅନ୍ୟ ପ୍ରକାର ପାରିଶ୍ରମିକ କଣ ଦିଆଯାଇପାରେ ନାହିଁ ସୁବ୍ରତ ବାବୁ !

—ନିଶ୍ଚୟ ଦିଆ ଯାଇପାରେ ସିଷ୍ଟର ···

—ଯୁଦ୍ଧକ୍ଷେତ୍ରରେ ସେ ପଦ ହତ୍ୟା ହୋଇଥାନ୍ତି, ଆପଣ ତାହା ପ୍ରତ୍ୟକ୍ଷ କରନ୍ତୁ । ଟଙ୍କା ଛଡ଼ା ଅପଣ ଆଉ ଯାହା ପାରିଶ୍ରମିକ ଦେବେ ମୁଁ ତାହା ନେବି ।

ସୁବ୍ରତ ଭାବିବାକୁ ଲାଗିଲେ ।

ମାଧବୀ ଦେବୀ ପୁନର୍ବାର ଆର୍ତ୍ତନାଦ କରି ଉଠିଲେ । କୁହନ୍ତୁ, କହନ୍ତୁ ମିଃ ଦାଶ, କଣ ଆପଣ ଚାହାନ୍ତି ?

—ଚାହିଁବା ପୂର୍ବରୁ ଆପଣ ତ ତାହା ଦେଇଛନ୍ତି ।

—ଦେଇଛି ? କଣ କହୁଛନ୍ତି ଆପଣ···

—'ଭଉଣୀ' ବୋଲି ଡାକିବାର ଅଧିକାର ମୋତେ ଦେଇଛନ୍ତି । ସେତେ କଣ କାର୍ଯ୍ୟବିନା ଏହି ଅଧିକାର ଲାଭ କରେ ଭଉଣୀ ?

ସିଷ୍ଟର ମାଧବୀ ଦେବୀଙ୍କର ମୁଖମଣ୍ଡଳ ଆନନ୍ଦାଶ୍ରୁରେ ପରିପ୍ଲୁତ ହୋଇଗଲା ।

ପରୋପକାରିତା ।

ପରୋପକାରିତା ମାନବ ଜୀବନର ପ୍ରଧାନ ଧର୍ମ । ଶୈଶବ ଅବସ୍ଥାରୁ ନୁହେଁ, ଏହି ସାରଗର୍ଭ ବାଣୀ ସେ ଶୁଣି ଆସିଛି ତାର ଛାତ୍ର ଜୀବନରୁ । ନିଜ ଗ୍ରାମରେ ଥିବାବେଳେ ସେ ଯେତେବେଳେ "ନାରାୟଣ ଚନ୍ଦ୍ର" ସ୍କୁଲରେ ପଢୁଥିଲା ସେତେବେଳେ ଶିକ୍ଷକ ସୁଧାଂଶୁବାବୁଙ୍କର ପରୋପକାରିତା ସମ୍ବନ୍ଧରେ ଯେଉଁ ମହାମୂଲ୍ୟ ଉଦାହରଣଗୁଡ଼ିକ ସେ ଶୁଣିଥିଲା ତାହାଙ୍କ

ଭୁଲ ପିବାର କଥା ନୁହେଁ । ଅଦ୍ଭୁତ ଭଦ୍ରଙ୍କୁ ଭେଟିଲ ସେହି ଅଳ୍ପ ବୟସରୁ ପରର ଉପକାର କରିବା ବାଟରେ ଯେଉଁ ନିଜକୁ ନିୟୋଜିତ କରିପାରେ ସେଥିପାଇଁ ସୁଯୋଗର ପ୍ରତୀକ୍ଷା କରୁଥିଲା ସୁବ୍ରତ ।

ଆଜି ସେ ପୂର୍ଣ୍ଣ ସୁଯୋଗ ପାଇଛି । ଶ୍ରୀମତୀ ମାଧବୀ ଦେବୀଙ୍କର ଏତିକି ଯଦି ସେ ଉପକାର ନ କରିପାରେ ତାହାହେଲେ ଆଉ ସେ କଣ କରିବ ! ଏ ଉପକାର ତ ଏକା ମାଧବୀ ଦେବୀଙ୍କର ନୁହେଁ, ବିଶ୍ୱର କଲ୍ୟାଣ ନିହିତ ଅଛି ଏହି ଉପକାରର ମାଧ୍ୟମରେ । ମନେ ମନେ ଶିକ୍ଷକ ସୁଧାଂଶୁବାବୁଙ୍କୁ ହୃଦୟର ପ୍ରଣାମ ଜଣାଇଲା ଆଗ୍ରହରେ ।

ଥାନାରେ ଆସି ପହଞ୍ଚିଲା ସୁବ୍ରତ ।

ବିକାଶ ଶ୍ରେଷ୍ଠୀ ଥାନାରେ ଥିଲେ, ସୁବ୍ରତକୁ ଦେଖିପାରି ସ୍ୱାଗତ ଅଭିନନ୍ଦନ ଜଣାଇଲେ ।

ଉଭୟେ ବସିଲେ ଦୁଇଟି ଚେୟାରରେ ।

ବିକାଶ ଶ୍ରେଷ୍ଠୀ କହିଲେ—ତୋଟାଏ ସୁଖବର ଶୁଣନ୍ତୁ ସୁବ୍ରତବାବୁ ! ରଘୁନାଥ ଖୁଣୀ ବୋଲି ଆପଣଙ୍କର ଧାରଣା, ନା ?

—ଧାରଣା ନୁହେଁ, ଅନୁମାନ ।

—ଏକା କଥା । ମୌମିତବାବୁଙ୍କର ମଧ୍ୟ ଏହି ଧାରଣା ।

—ତାହାହେଲେ ଧରି ନିଆଯାଇ ପାରେ ପାଞ୍ଚିଶ ଟଙ୍କା ନୋଟର ରଘୁନାଥ ଡାକ୍ତର ସୁବୁଦ୍ଧିଙ୍କୁ ହତ୍ୟାକରିଛି । କିନ୍ତୁ ହତ୍ୟା-ପଦ୍ଧତି ରଘୁନାଥ ପରି ଜୀବ ପକ୍ଷରେ ଆବିଷ୍କାର କରିବା ଅସମ୍ଭବ ନୁହେଁ କି ? ପୋଷ୍ଟମର୍ଟମ୍ ରିପୋର୍ଟ ପାଇଛନ୍ତି ?

—ହଁ ।

—କଣ ସେଥିରେ ଲେଖାଅଛି ?

—ଷ୍ଟ୍ରଂ ଲୁକେନେଟେଡ୍ କୋନାଇଟ୍ ଶ୍ରେଣୀର ଖାଇବା ଦ୍ୱାରା ଡାକ୍ତର ଶ୍ରୀବାଳେ ସୁବୁଦ୍ଧିଙ୍କର ମୃତ୍ୟୁ ଘଟିଛି । ତାଙ୍କ ପେଟର ଗ୍ରନ୍ଥିରେ ମଧ୍ୟ ଏହି ବିଷ ମିଳିଛି

ସଂପ:

କ୍ରମଶଃ

—ତାହାହେଲେ ଭାବି ଦେଖନ୍ତୁ, ରଘୁନାଥ ଏପରି ଭୟାନକ ଦେଶଜ୍ଞ କେମିତି ଭାବରେ ହୋଇବା ସମ୍ଭବ । ଯାହାଙ୍କ ଶଙ୍ଖ ବିଷୟ ସମ୍ପୂର୍ଣ୍ଣ···କହିଲା ସୁବ୍ରତ ।

—କହିଁ କି, କେଉଁଠୁ ହେଲେ ଯୋଗାଡ଼ କରିଥିବେ···ବିକାଶ ଚୌଧୁରୀ କହିଲେ ।

—ମାତ୍ର ପାଞ୍ଚଶ' ଟଙ୍କା ଦରମାରେ ଯେ କାମ କରୁଥାଏ, ତାହାହେଲେ ସେଇ ଅନୁପାତରେ କାହିଁକି ଅତିଶୟ ଗୁରୁତର ନୁହେଁ କି ?

ବିକାଶ ଚୌଧୁରୀ ନୀରବ ରହିଲେ ।

ସୁବ୍ରତ ପୁନର୍ବାର କହିଲା—ସେଥିପାଇଁ ରଘୁନାଥକୁ କେହି ଯନ୍ତ୍ର ହିସାବରେ ଚାଳିତ କରିଛି ବୋଲି ମନେ କରିବା କିଛି ଅନ୍ୟାୟ ନୁହେଁ ମିଃ ଚୌଧୁରୀ···

—କିନ୍ତୁ କିଏ ଚାଳିତ କରିବା ସମ୍ଭବ ? ପୁଣି କି ସ୍ୱାର୍ଥରେ···

—ସ୍ୱାର୍ଥଟି ଅବଶ୍ୟ ପାଞ୍ଚଶ'ଟଙ୍କା ଅପେକ୍ଷା ବହୁତ ବେଶି···

—କିନ୍ତୁ କିଏ ସେ ?

—ଯିଏ ହେଉନା କାହିଁକି, ଏହି ଖେଳର ନାୟକ ସେ ।···ଛାଡ଼ନ୍ତୁ, ରଘୁନାଥ ସମ୍ବନ୍ଧରେ କଣ ସବୁ ସଂଗ୍ରହ କରିଛନ୍ତି ବୋଲି କହୁଥିଲେ ନା ?

ମୁଁ ଅବଶ୍ୟ ରଘୁନାଥ ସମ୍ବନ୍ଧରେ କିଛି ସଂଗ୍ରହ କରିନାହିଁ । ସୌମେନ ସବୁ କିଛି ସଂଗ୍ରହ କରିଛି । ଏଇତ, ସୌମେନ ଆସିଛି । ରଘୁନାଥ ବିଷୟରେ କଣ ସବୁ ସଂଗ୍ରହ କରିଛ ସୁବ୍ରତବାବୁଙ୍କୁ କୁହତ···

ବିକାଶ ଚୌଧୁରୀ ହୁକ୍‌ରୁ ହ୍ୟାଟଟିକୁ ବାହାର କରି ମୁଣ୍ଡରେ ଲଗାଇ ଜୋର୍‌ରେ ଶିସ୍ ଦେଲେ ।

ସୁବ୍ରତ ଧୀର-ସୁସ୍ଥେ- ସିଗାରେଟ୍‌ରେ ଅଗ୍ନି-ସଂଯୋଗ କଲା । ତା ପରେ କହିଲା, ଏଥର କହନ୍ତୁ ସୌମେନବାବୁ !

ସୌମେନ କହିଲେ, ଫିଙ୍ଗର-ପ୍ରିଣ୍ଟର ରିପୋର୍ଟ ଦେଖି ରଘୁନାଥ ଉପରେ ସନ୍ଦେହ ଆସି ପଡ଼ିଲା । ଅପରେଶର କଥାନୁଯାୟୀ ଅଛି ମୁଁ ଦୁ-ଷ ରଦେଲେ

'କଟି

ଯଗୁ ଘରକୁ ଯାଇଥିଲି । ଜାଣେ ଆଜି ମ୍ୟାଟିନି-ଶୋ ଅଛି, ସେ ନିଶ୍ଚୟ ସିନେମାକୁ ଯାଇଥିବ । ମୁଁ ଅବଶ୍ୟ ଛଦ୍ମବେଶରେ ଯାଇଥିଲି···

—ତା'ପରେ···

—ଘରେ ଯାଇ ଡାକିବାମାତ୍ରେ ଗୋଟିଏ ବୁଢ଼ୀ ଆସି ଦ୍ୱାର ଖୋଲି-ଦେଲା । ମୁଁ ଜଗୁର ବନ୍ଧୁ ବୋଲି ପରିଚୟ ଦେଲି । ବୁଢ଼ୀ ଆଦର ଯତ୍ନ କରି ଘର ଭିତରେ ନେଇ ବସାଇଲା । ଦେଢ଼-ବଖରା ଘର । ବଡ଼ ବଖରାଟିରେ ଥାଏ ସେହି ବୁଢ଼ୀଟି, ଅର୍ଥାତ୍ ତା'ର ମା ଓ ଛୋଟ ଗୋଟିଏ ଭଉଣୀ, ଆଉ ଅଧ ବଖରାଟିରେ ଥାଏ ଜଗୁ ନିଜେ ।

—ଆଉ ସବୁ ଦେଖିଲେ ?

—ଦେଖିଲି ଖଣ୍ଡିଏ ସିନେମାର ବହି, ଫିଲ୍ମ-ଗୀତର ସଂକଳନ ଖଣ୍ଡିଏ ପକେଟ୍-ଖାତା, ବଡ଼ିରଖିବା ପ୍ଲେଟ ଗୋଟିଏ ଟିଣ ଡବା । ଭଟନାଟି ଯାକ ଜିନିଷ ପକେଟସ୍ଥ କଲି । ଏଣୁ ତେଣୁ ଟିକିଏ କଥାବାର୍ତ୍ତା କରି ବାହାରି ଆସିଲି ।

—ଜିନିଷ ଗୁଡ଼ିକରୁ ଫିଙ୍ଗର-ପ୍ରିଣ୍ଟ୍ ଉଠାଇଛନ୍ତି··

—ହଁ । ବହି ଓ ଖାତାରୁ ଫିଙ୍ଗର-ପ୍ରିଣ୍ଟ୍ ନେଲି । ପରୀକ୍ଷା କରି ଦେଖିଲି—

—ଦେଖିଲେ ରଘୁନାଥ ଓ ଜଗୁ ଏକ ବ୍ୟକ୍ତି ନୁହେଁ ?

—ଠିକ୍ ସେଇଆ ।

—ମୁଁ କିନ୍ତୁ ମନେକରେ ଏହି ରଘୁନାଥ ପଛରେ କେହି ଜଣେ ଧୂର୍ତ୍ତ ବ୍ୟକ୍ତି ନିଶ୍ଚୟ ଅଛି ।

—ମୁଁ ବିଶ୍ୱାସ କରୁନାହିଁ ମିଃ-ଦାଶ ।

—କିନ୍ତୁ ତେବେ ସେହି ପ୍ରଚ୍ଛନ୍ନ ବ୍ୟକ୍ତି କିଏ ଅନୁମାନ କରି ପାରୁଛନ୍ତି କି ?

—କହନ୍ତି । ଡକ୍ଟର ଦେବୀ···ଙ୍କର ସୌମ୍ୟବାବୁ ଡେଟେକ୍ଟିଭ ଗୃହଁଙ୍କେ ସୁବ୍ରତଙ୍କୁ ।

—ଅସମ୍ଭବ !

ଅସମାପ୍ତ

—ତେବେ ଗୌତମ ବହ୍ଦାର...

—ସେ ପୁଣି କିଏ ?...ପ୍ରଶ୍ନ କଲେ ସୁବ୍ରତ ।

—ଆପଣ ଗୌତମ ବହ୍ଦାରଙ୍କୁ ଚିହ୍ନନ୍ତି ନାହିଁ ?—ବିସ୍ମିତ କଣ୍ଠରେ କହିଲେ ସୌମିତ୍ରବାବୁ ।

—ନା ।

—ଆଇ ସି... ଗୌତମ ବହ୍ଦାର ହେଉଛନ୍ତି ସ୍ୱର୍ଗୀୟ ଡାକ୍ତର ସୁବୁଦ୍ଧିଙ୍କର ପଶାଖେଳ ବନ୍ଧୁ । ରହସ୍ୟମୟ ଲୋକଟି । ଶୀତ ଗ୍ରୀଷ୍ମ ସବୁ ସମୟରେ ଉଜ୍ଜ୍ୱଳ ପୋଷାକ ପିନ୍ଧିଥାନ୍ତି । ତଥାପି ମୁଁ ହଲପ୍ କରି କହିପାରେ, ଭାରତର କୌଣସି ଅଦାଲତର ରେଜେଷ୍ଟ୍ରିରେ ତାଙ୍କର ନାମ ନାହିଁ ।

—ଆଶ୍ଚର୍ଯ୍ୟ ! ଚେହେରାରେ କୌଣସି ବୈଶିଷ୍ଟ୍ୟ ଲକ୍ଷ୍ୟ କରିଛନ୍ତି କି ?

—ସେତେହୁର କିଛି ନୁହେଁ । ଲୋକଟି ଦେଖିବାକୁ ଯଥେଷ୍ଟ ଲମ୍ବା । ମୁଣ୍ଡ ଉପରେ ଗଭୀର ଗୋଟିଏ କ୍ଷତ ।

—ସ୍ୱୀକାର କରେ ଏହି ଭଦ୍ରବ୍ୟକ୍ତି କୌଣସି ରହସ୍ୟମୟ କାରଣରୁ ଡାକ୍ତର ସୁବୁଦ୍ଧିଙ୍କୁ ହତ୍ୟା କରିଛି ।

—ଆଉ କାହାକୁ ସନ୍ଦେହ କରନ୍ତି ?

—କରେ । ଡାକ୍ତର ଅନୁପମ ଓ ଡାକ୍ତର ଅଧିକାରୀଙ୍କୁ ।

—ଏପରି ସନ୍ଦେହ କରିବାର କାରଣ କଣ, ସୌମିତ୍ର ବାବୁ । ଡାକ୍ତର ଅଧିକାରୀ ଆରୋଗ୍ୟ-ନିକେତନର ବଡ଼ ଡାକ୍ତର ହେଲେ ସୁଦ୍ଧା ସେମାନେ ଉଭୟ ହେଉଛନ୍ତି ଏହି ପ୍ରତିଷ୍ଠାନର ସର୍ବେସର୍ବା,—ମାନେ ଜଏଣ୍ଟ ଡିରେକ୍ଟର ।

—ଠିକ୍ ଏହି କାରଣରୁ ମୁଁ ସନ୍ଦେହ କରେ, ମି-ଦାସ ! ଗୋଟିଏ ପ୍ରତିଷ୍ଠାନ ଭିତରେ କ୍ଷମତା ଲାଗି ବାଦାନୁବାଦ ପରୋକ୍ଷ ଯୁଦ୍ଧର ସୂଚନା ଦିଏ । ସମୟ ହେଲେ ଜୀବନ ବିପନ୍ନ ହେବାର ସମ୍ଭାବନା ବେଶି

ହଠାତ୍

—ଆପଣ ତାହାହେଲେ ବର୍ତ୍ତମାନ କଣ କରିବାକୁ ଚାହାନ୍ତି ?

ଜଗୁ ଓରଫ ରଘୁନାଥକୁ ଗ୍ରେପ୍ତାର କରିବା ଲାଗି ଠିକ୍ କରୁଛି ।

—ଭାବି ଦେଖନ୍ତୁ ସୌମିତ୍ରବାବୁ, କେସ୍‌ଟି ହେଉଛି ହତ୍ୟା ସମ୍ପର୍କୀୟ । ବିନା ପ୍ରମାଣରେ ଆପଣ ଯଦି ଗ୍ରେପ୍ତାର କରନ୍ତି ଶେଷରେ କୋର୍ଟରେ ଅପଦସ୍ତ ହେବେ ।

—ଅନ୍ୟ ଅପରାଧରେ ତ' ତାକୁ ଗ୍ରେପ୍ତାର କରାଯାଇପାରେ ।

—ମାନେ ?

—ଧରନ୍ତୁ ବେଆଇନ ଭାବେ ସୀମାରେ ଗୋଳମାଲ, କିମ୍ବା ତାହା ସହିତ ମାରପିଟ୍—

ମୃଦୁ ହସିଲା ସୁବ୍ରତ । କହିଲା, ଏହାଦ୍ୱାରା କଣ ଆପଣ କେସ୍‌ଟିକୁ ଠିଆ କରାଇ ପାରିବେ ?

—ପାରିବି ବୋଲି ଆଶାକରେ ।

—ତେବେ କରନ୍ତୁ···

ଲକ୍ଷ୍ମୀ-ସିନେମାର ଟିକେଟ୍ ଘର ଭିତରେ ତେଇଶ ଚବିଶ ବର୍ଷର ଗୋଟିଏ ଯୁବକକୁ ଟିକେଟ୍ ବିକ୍ରି କରୁଥିବା ଅବସ୍ଥାରେ ଦେଖାଗଲା ।

ଗାଡ଼ିରେ ଦୁଇଜଣ ସଶସ୍ତ୍ର କନେଷ୍ଟବଳଙ୍କୁ ବସାଇ ସୌମିତ୍ରବାବୁ ଓ ସୁବ୍ରତ ଲବି ପାଖକୁ ଆସିଲେ । ସେମାନେ ଦେଖିଲେ ତାଙ୍କର ପ୍ରବୋଧ ଅଧିକାରୀ ବୁକିଂ ଭିତରକୁ ଯାଇ ଜଗୁ ସହିତ ନମ୍ରସ୍ୱରରେ କଣ କଥାବାର୍ତ୍ତା ହୋଇ—ଗୋଟିଏ ଟିକେଟ୍ କାଟି ବାହାରକୁ ଆସିଲେ ।

ସୁବ୍ରତ ନମ୍ର କଣ୍ଠରେ କହିଲା, ଦେଖିଛନ୍ତି ସୌମିତ୍ରବାବୁ— ଏଥର ଯଦି ଜଗୁ ଓରଫ ରଘୁନାଥକୁ ଗ୍ରେପ୍ତାର କରନ୍ତି ତାହାହେଲେ ପରେ ପସ୍ତାଇବାକୁ ପଡ଼ିବ ।

ଏକପ୍ରସ୍ଥ

—ତାହାହେଲେ ଫେରିଯିବା ଚାଲନ୍ତୁ ।

—ଚାଲନ୍ତୁ ।

ମାତ୍ର ଦୁଇ ପାଦ ଆଗେଇ ଆସି ଅଟକି ଛିଡ଼ା ହୋଇଗଲେ ସୁବ୍ରତ ।

—କାହିଁକି ଠିଆହେଲେ ମି-ଦାଶ !

—ଏଙ୍କର ନାମ ଗୌତମ ବହୁଦାର ବୋଲି କହୁଥିଲେ ନା ?

—କାହିଁ ? କେଉଁଠି ?…

ସୁବ୍ରତ ହାତ ବଢ଼ାଇ କାଉଣ୍ଟରଟିକୁ ଦେଖାଇ ଦେଲେ । ମାଧବୀ ଦେବୀଙ୍କୁ ଦେଖାକରିବାକୁ ଆସି ତାଙ୍କର ଘର ଭିତରୁ ଏହାଙ୍କୁ ବାହାରି ଆସିବାର ଦେଖିଥିଲେ ସେ ।

—ହଁ, ସେଇତ !—ଆଶ୍ଚର୍ଯ୍ୟ କଣ୍ଠରେ କହିଲେ ସୌମିତ୍ରବାବୁ …

ଗୌତମ ବହୁଦାର ଖଣ୍ଡିଏ ଟିକେଟ କିଣି ରାସ୍ତା ଭିତରକୁ ଆସିଲେ ।

ସୁବ୍ରତ ଠିଆହୋଇ ଭାବିବାକୁ ଲାଗିଲେ ବର୍ତ୍ତମାନ କଣ କରିବା ଉଚିତ ।

ସେ ଦେଖିଲେ ଯେ ଗୌତମ ବହୁଦାର ଲମ୍ବା ଲମ୍ବା ଗୋଡ଼ ପକାଇ ଦଶ ହାତ ଖଣ୍ଡେ ଆଗେଇ ଗଲେଣି ।

ସୁବ୍ରତ ପଚାରିଲେ, ସେ ଯେ ଡାକ୍ତର ସୁବୁଦ୍ଧିଙ୍କ ସହିତ ଦେଖାକରିଥିଲେ ଆପଣ ତାହା ଜାଣିଥିଲେ କିପରି ?

—ସେ ନିଜେ ମୋତେ କହିଥିଲେ ।

—ନିଜେ କହିଛନ୍ତି !

—ହଁ, ପରଦିନ ଡାକ୍ତର ସୁବୁଦ୍ଧିଙ୍କର କ୍ୱାର୍ଟରକୁ ଯାଇଥିଲି । ଦେଖିଲି ସେ କ୍ୱାର୍ଟର ସାମନାରେ ଠିଆ ହୋଇଛନ୍ତି ।

ସୁବ୍ରତ ଛୋଟପକେଟରୁ ଫାଉଣ୍ଟେନ୍‌ଟିକୁ ବାହାରକରି ହାତରେ କ'ଣ ଲେଖିଲେ । ସୌମିତ୍ରବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ—କଣ ଲେଖୁଛନ୍ତି ?

—ଚାଲିଲ ଗାଡ଼ିରେ ଉଠନ୍ତୁ । ଗୌତମ ବହୁଦାର ଯିଏ ହୁଅନ୍ତୁ ନା କାହିଁକି, ତାଙ୍କର ଦୁଷ୍କୃତ ସମ୍ବନ୍ଧରେ ଅବଶ୍ୟ ଭାବିବାକୁ ହେବ ।

ବସ୍ତ୍ରୀ

ଏହାଦ୍ୱାରା କିଛି ଖବର ପାଉଅଛ କି ?

ହଁ, ସୁଲଗର ଖାତାରେ କୁଟେଜ ଡାକ୍ତରଙ୍କ ଅତୀତର ଇତିହାସ ମିଳିପାରେ ।

ଗାଡ଼ିରେ ଷ୍ଟାର୍ଟ ଦେଲେ ସୁବ୍ରତ ।

ଗୌତମ ବନ୍ଧୁଦାର ଚାଲି ଚାଲି ଅଧ ମାଇଲ ଯାଏ ଆସିଥାନ୍ତି । ଅକସ୍ମାତ ଏତିକି ଗାଡ଼ିଟି ଆସି ତାଙ୍କର ପଛପଟେ ବ୍ରେକ୍ କଷି ଛିଡ଼ା ହୋଇଗଲା । ଗାଡ଼ିରୁ ଓହ୍ଲାଇ ପଡ଼ି ସୁବ୍ରତ କହିଲେ—ଶୁଣନ୍ତୁ···

ଫେରି ଚାହିଁଲେ ଗୌତମ ବନ୍ଧୁଦାର । ଅସ୍ଥିର ହୋଇ ପଚାରିଲେ, ମୋତେ ଡାକୁଛନ୍ତି ?

—ହଁ, ଏହି ଠିକଣାଟି କେଉଁ ରାସ୍ତା ଦେଇ ଗଲେ ପାଇବ ବୁଝାନ୍ତୁ ତ ? କହୁ କହୁ କାଗଜ ଖଣ୍ଡିକ ବଢ଼ାଇ ଦେଲେ ଗୌତମ ବାବୁଙ୍କ ହାତକୁ ।

ଗୌତମ ବନ୍ଧୁଦାର ଭ୍ରୂକୁଞ୍ଚିତ କରି ଠିକଣାଟିକୁ ଦେଖିଲେ । କହିଲେ, ବଡ଼ ମସ୍‌ଜିଦ୍‌ର ପାଖ ଦେଇ ଯେଉଁ ଗଳିଟି ଯାଇଛି, ସେହି ଗଳିର ଶେଷ ମୁଣ୍ଡରେ ସ୍ଲେଟ କୋଠାଟି ବୋଧହୁଏ ।

—ଧନ୍ୟବାଦ···ଅତି ସାବଧାନରେ କାଗଜଟିକୁ ଧରିଲେ ସୁବ୍ରତ ।

ଗୌତମ ବାବୁ ମୃଦୁହସି କ୍ରମେ ଆଗେଇ ଚାଲିଲେ ।

ଗାଡ଼ିରେ ଷ୍ଟାର୍ଟ ଦେଇ ସୁବ୍ରତ କହିଲେ, ଆଗେ ଥାନାରେ ପହଞ୍ଚିବାକୁ ହେବ ।

—କାହିଁକି ?···ବିସ୍ମୟ ଫୁଟି ଉଠିଲା ସୌମିତ୍ରବାବୁଙ୍କ ଆଖିରେ, ମୁହଁରେ ।

—ଫିଙ୍ଗର-ପ୍ରିଣ୍ଟ୍ ପାଉଡ଼ର ଦେଇ କାଗଜ ଉପରେ ଥିବା ଆଙ୍ଗୁଳିର ଛାପ ଉଠେଇନେବାକୁ ହେବ ।

ହସିଲେ ସୌମିତ୍ର ବାବୁ । କହିଲେ, ପାଉଡ଼ର ମୁଁ ସାଙ୍ଗରେ ଆଣିଛି । କାଗଜଟିକୁ ଦିଅନ୍ତୁ···

ତେଜସ୍ୱୀ

—ଧନ୍ୟବାଦ !·· ଗାଡ଼ିର ଉଚ୍ଚ କମ୍ପ ଇ ବସ୍ତାର ଗୋଟିଏ ଫାଙ୍କରେ ରହିଲା ସୁବ୍ରତ । କାଗଜଟିରେ ପାଉଡ଼ର ଦେଖାମାତ୍ରେ ଫୁ ଉଠିଲା ଦୁଇଟି ହାତର ବୁଢ଼ା, ତର୍ଜନୀ ଓ ମଧ୍ୟମାର ଚିହ୍ନ । ଗୋଟିଏ ହେଉଛି ସୁବ୍ରତର । ଅନ୍ୟ ଛାପଗୁଡ଼ିକୁ ଉଭୟେ ବ୍ୟଗ୍ର ଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ସୁବ୍ରତର ଆଖି ଦୁଇଟି ଯେପରି କୋଠର ଠେଲି ବାହାରକୁ ଆସିବା ଉପକ୍ରମ କରୁଛି । ବୋଉଙ୍କ ପରି ଗସ୍ତା ଆଡ଼େ ସେ ଚାହିଁବାକୁ ଲାଗିଲା । ହିମ୍ବୁହିଂ ଧରିବା ଶକ୍ତି ଯେପରି ଲୋପ ପାଇଛି ତାର ।

—କଣ ହେଲା ମିଃ-ଦାଶ ! କେଉଁଟି କଣ ଆପଣଙ୍କର ପରିଚିତ ?

—ନା-ନା, ଏହା କେବେ ସମ୍ଭବ ହୋଇପାରେନା । ତାହା ଅଙ୍ଗୁଳିର ଚିହ୍ନ କାହା ସହିତ ମିଶିପାରେନା···

—ତା' ନିଶ୍ଚୟ ହୁଏନା । ହେଲେ ଅପରାଧ ତତ୍ତ୍ୱର ଭିତରେ ଅଦ୍ଭୁତ ଆସେ—

ଠିକ୍ ଗୌତମ ବହିଦାରଙ୍କୁ ଏଥର ଚିହ୍ନିପାରୁଛି, ସୌମେନ ବାବୁ···

—କିଏ ସେ ?

ସୁବ୍ରତ କୌଣସି ଉତ୍ତର ନଦେଇ ଟେଲିଫୋନ୍ କରି ଫେଷ୍ଟାଫିସର ମୋଡ଼ ଘୂରି ଗୌତମ ବହିଦାରଙ୍କୁ ଅନୁସରଣ କଲା । ବ୍ରେକ୍ କସିବାମାତ୍ରେ ପଛକୁ ଫେରିଚାହିଁଲେ ଗୌତମ ବାବୁ । କହିଲେ, ଘରଟି ବୋଧହୁଏ ପାଇଲେ ନାହିଁ ?

—ଘର ଖୋଜି ପାଇବା ଅପେକ୍ଷା, ମନୁଷ୍ୟଙ୍କୁ ଖୋଜି ବାହାର କରିବା କେତେ ଲାଭଜନକ ନୁହେଁକି ?—ଉଠି ଆସ ଜୟନ୍ତ···

ମୃଦୁ ହସିଲେ ରହସ୍ୟାନ୍ୱେଷୀ ଜୟନ୍ତ ପାଲ । ଗାଡ଼ିରେ ବସୁ ବସୁ କହିଲେ, ଏତେ ଡେରିରେ ଚିହ୍ନିଲ ସୁବ୍ରତ···

ସୁବ୍ରତ କହିଲା, ଯେଉଁ ଅଦ୍ଭୁତ ଧରଣର ସନ୍ ଗଗଲ୍ସ ଆଖିରେ ଲଗାଇଛ ତାହାରିବା' ଚିହ୍ନିବାର ସାଧ ଅଛି କୁହତ ?

ଭବସ୍ପର୍ଶ

ଜୟନ୍ତ ସାହୁଙ୍କ ଘରେ ।

ପୋଷାକ ପତ୍ର ବଦଳାଇ ଜୟନ୍ତ ଚୌକିଏ ଚେୟାରରେ ବସି ସିଗାରେଟ୍ ଟାଣୁ ଟାଣୁ କହିଲେ—ଖୁଣୀବୋଲି କାହାକୁ ତୁମେ ସନ୍ଦେହ କରୁଛ ସୁବ୍ରତ !

—ରଘୁନାଥକୁ । ଅବଶ୍ୟ ରଘୁନାଥକୁ ଗୃହୀତ କରୁଛନ୍ତି ଡାକ୍ତର ସ୍ୱତଃବାଧ ଧାନ୍ଦାମୀ ।

—ଆପଣ କାହାକୁ ଖୁଣୀ ବୋଲି ସନ୍ଦେହ କରନ୍ତି ସୌମ୍ୟେନବାବୁ ! ଜୟନ୍ତ ପ୍ରଶ୍ନକଲେ ।

—ରଘୁନାଥକୁ, ଏପରିକି ଓ-ଏସ୍-ପି ମଧ୍ୟ ସନ୍ଦେହ କରନ୍ତି ।

—ମୁଁ ମଧ୍ୟ ରଘୁନାଥକୁ ଖୁଣୀ ବୋଲି ସନ୍ଦେହ କରେ । ମଧୁ ମାଙ୍କୁ ଖୋଜିବାକୁ ଆସିଥିବାବେଳେ ରଘୁନାଥକୁ ମ୍ୟାନାବସ୍ ଲଣ୍ଡିକାର ସଲଜସିନ ଇନ୍‌ଜେକ୍‌ସନ କରି ଡାଳସଙ୍ଗରେ ଭର୍ତ୍ତି କରିଥିଲେ ।

ସୌମ୍ୟେନ ବାବୁଙ୍କ ଅନୁରୋଧରେ ଘଟଣାଟିକୁ ବିସ୍ତାରିତ ଭାବେ ବର୍ଣ୍ଣନା କଲେ ଜୟନ୍ତ ।

ଇନ୍‌ଜେକ୍‌ସନ ସିରିଞ୍ଜରେ ରଘୁନାଥ ଆଗେ ଡାଲସଙ୍ଗ ଗୁଣ୍ଡକ ଦେଇକୁ ପାଣିରେ କାବାବ କରିନେଇ । ତାପରେ ମ୍ୟାନାବସ୍ ଲଣ୍ଡିକାର ସଲଜସିନ ଏହି ହିରୋଷ୍ଟ୍ରୋଲ ଡାଲସଙ୍ଗ ଗୁଣ୍ଡକରେ ମର୍ଦ୍ଦନ କରି ଡାକ୍ତର ଅଧିକାରୀଙ୍କୁ ଖାଇବାକୁ ଦେଲା । ଅବଶ୍ୟ ସୁଚପାଗ ଦେଖି ଖୁଣୀ ଡାଳସଙ୍ଗ ବ୍ୟବହାର କରିଥିଲା । ତାହା ନ ହୋଇଥିଲେ ସରକାର କମ୍ପାର୍ଟ-ମେଣ୍ଟରେ ଏହି କେସ ଧରାହୋଇ ଡାକ୍ତର ଅଧିକାରୀଙ୍କୁ ଖାଇବା ଲାଗି ଦିଆହୋଇଥାନ୍ତା ।

—ହୁଁ ଆଉ ଉ କଣ... ପଚାରିଲେ ସୁବ୍ରତ ।

—କାଲି ସବୁ ଶୁଣିବ ।

—ଆଉ ଗୋଟିଏ କଥା—

—କହନ୍ତୁ ସୌମ୍ୟେନବାବୁ ।

ସମାପ୍ତ

—ମାଧବୀ ଦେବୀ ଜଣେ ମେଟ୍ରନ । ସେ ଅନ୍ୟ କୌଣସି ନର୍ସ, ମେଟ୍ରନ କିମ୍ବା ଅନ୍ୟ ଡାକ୍ତରଙ୍କ ଛଡ଼ା, ଡାକ୍ତର ଅଧିକାରୀଙ୍କୁ କାହିଁକି ସେ ଦ୍ୟାଣ୍ଡ୍ରେନେ ହିଁ ଲେଖିଦେଲେ ?

—ଆପଣମାନେ କଣ ଏପର୍ଯ୍ୟନ୍ତ ବୁଝିପାରି ନାହାନ୍ତି ?

—କିଛି କିଛି ଅନୁମାନ କରି ପାରୁଛି…କହିଲି ସୁବ୍ରତ ।

ଜୟନ୍ତ କହିଲା, ମାଧବୀ ଦେବୀ ହେଉଛନ୍ତି ଡାକ୍ତର ଦଭଙ୍କର ସୁବୁଦ୍ଧିଙ୍କର ସ୍ତ୍ରୀ । ଜୀବିତ ଥିବାବେଳେ ସେ ସ୍ତ୍ରୀଙ୍କୁ ତ୍ୟାଗ କରିଥିଲେ । କିନ୍ତୁ ମାଧବୀ ଦେବୀ ସ୍ୱାମୀଙ୍କୁ ଅନ୍ତରରୁ ଭଲ ପାଉଥିଲେ । ସ୍ୱାମୀ ସେଠାରୁ ଚାଲି ଆସିବା ପରେ ସେ ନର୍ସିଂ ଟ୍ରେନିଂ ନେଇ ନର୍ସ ହେଲେ । ଏହି ଦୁଇବର୍ଷ ହେଲା ସେ "ବିପଦ-ବନ୍ଧୁ" ଆରୋଗ୍ୟ ନିକେତନରେ ଆସି ମେଟ୍ରନ ହୋଇ ଅଛନ୍ତି । ଡାକ୍ତର ବିପିନ ଦାସଙ୍କର ମୃତ୍ୟୁ ପରେ ମୁଁ, ଅନୁପମ ଓ ସ୍ୱାସ୍ଥ୍ୟ ବିଭାଗ ଡିରେକ୍ଟରଙ୍କର ଅନୁରୋଧରେ ଡାକ୍ତର ସୁବୁଦ୍ଧି ଏହି ଆରୋଗ୍ୟ-ନିକେତନର ସମସ୍ତ ଦାୟିତ୍ୱ ଗ୍ରହଣ କଲେ । ଏଣେ ସେ ମାଧବୀ ଦେବୀଙ୍କୁ ଦେଖି ଚିହ୍ନି ପାରିଥିଲେ । ଅବଶ୍ୟ ମାଧବୀ ଦେବୀଙ୍କୁ ସହଜରେ ଚିହ୍ନିବାର ଉପାୟ ସେତେବେଳେ ନଥିଲା, କାରଣ ଦାନ୍ତ ବନ୍ଧାଇ ଓ ପ୍ରସାଧନ ଦ୍ୱାରା ମାଧବୀ ଦେବୀ ତାଙ୍କର ପ୍ରକୃତ ବୟସକୁ ଅନେକ କମାଇ ଦେଇଥିଲେ ।

…ଏତେବେଳେ ଡାକ୍ତର ସୁବୁଦ୍ଧି ନିଜର ଭୁଲ ବୁଝିପାରି ସ୍ତ୍ରୀ-କୁ ଗ୍ରହଣ କରିବା ଲାଗି ମତ ପ୍ରକାଶ କଲେ ଏବଂ ଏହି କାରଣରୁ ମାତ୍ର ସାଢ଼େ ସାତଟା ଟ୍ରେନରେ ସେ ଏଠାରେ ଗୃହିଣୀ ନେବାକୁ ରାଜି ହୋଇଥିଲେ ।

—ମିଳନ ତାଙ୍କର ଶେଷ ପର୍ଯ୍ୟନ୍ତ ନହେବାର କାରଣ କଣ ? ମାଧବୀ ଦେବୀ ଡାକ୍ତର ସୁବୁଦ୍ଧିଙ୍କର ସ୍ତ୍ରୀ ବୋଲି ଆମ୍ଭେମାନେ ଆଗରୁ ଜାଣି ପାରିନଥିଲୁ ଜୟନ୍ତ…କହିଲା ସୁବ୍ରତ ।

ସେମାନଙ୍କର ମିଳନ ହୋଇନାହିଁ କେବଳ ସିଷ୍ଟର ମାଧବୀ ଦେବୀଙ୍କ ପାଇଁ… ହସି ହସି କହିଲା ଜୟନ୍ତ । …ଘର କରଣା କରିବା ପ୍ରଥାରୁ ସେ

କ୍ରମଶଃ

ଅପମାନଜନକ ବୋଲି ମନେ କରନ୍ତି । ଡାକ୍ତର ସୁବୁଦ୍ଧି କୃଷ୍ଣ ମିଶ୍ର ମାଧବୀ ଦେବୀଙ୍କୁ ପାଇବା ଲାଗି ଯଥେଷ୍ଟ ଚେଷ୍ଟା କରିଥିଲେ । କିନ୍ତୁ ଡାକ୍ତର ଅଧିକାରୀଙ୍କର ଦୃଷ୍ଟି ମାଧବୀ ଦେବୀଙ୍କ ଉପରେ ପଡ଼ିବା ଦେଖି ସେ ଆଉ ବେଶିଦୂର ଆଗେଇଲେ ନାହିଁ ।

—ମୋର ତାହାହେଲେ ବର୍ତ୍ତମାନ କରିବା କଣ ଜୟନ୍ତବାବୁ··· ପଚାରିଲେ ସୌମିତ୍ର ।

—ଆପଣ ଗୋଟାଏ ଯେ କୌଣସି ଅପରାଧର କାରଣ ଦେଖାଇ ଆଗେ ରଘୁନାଥକୁ ଆରେଷ୍ଟ କରନ୍ତୁ । କାଲି "ସ୍ୱପ୍ନ-ବନ୍ଧୁ" ଆରୋଗ୍ୟ-ନିକେତନର ମ୍ୟାନେଜିଂ କମିଟିର ଅଧିବେଶନ ବସିବ, ମୁଁ ପ୍ରକୃତ ଅପରାଧୀକୁ ସେଇଠାରେ ଚିହ୍ନାଇ ଦେବି । ଆପଣ ପୁଲିସ-ବାହିନୀ ନେଇ ଉପସ୍ଥିତ ଥିବେ ।

—କବିତା କେଉଁଠାରେ ? ପ୍ରଶ୍ନ କଲେ ସୌମିତ୍ରବାବୁ···

—ଛୁଟି ଦରଖାସ୍ତ ଦେଇ ସେ ଆସି ସିମଳାରେ ମୋ ସହିତ ଦେଖା କରି ସବୁ କଥା କହିଲା···କହିଲେ ଜୟନ୍ତ ।

—*ସେ କିପରି ତୁମର ଠିକଣା ଜାଣିଲା ?*

—କବିତାର ଆଉ ଗୋଟିଏ ପରିଚୟ ଅଛି । କାଲି ମୁଁ ତାହା ତୁମକୁ କହିବି ସୁବ୍ରତ ! ସେଇ କାରଣରୁ କବିତା ମୋର ଅତିଶୟ ପ୍ରିୟପାତ୍ରୀ । ଏ ସହର ଛାଡ଼ିବା ବେଳେ ମୁଁ ତାକୁ ମୋର ଠିକଣା ଦେଇ ଯାଇଥିଲି ।

ଯଥାସମୟରେ କାର୍ଯ୍ୟକାରୀ କମିଟିର ଅଧିବେଶନ ଆରମ୍ଭ ହେଲା ।

ଇଞ୍ଚାର୍ଜ ଡିରେକ୍ଟର ରୂପେ ଡାକ୍ତର ପ୍ରବୋଧ ଅଧିକାରୀ ଡାକ୍ତର ସୁବୁଦ୍ଧିଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରି କହିଲେ, ଏଥର ଆରୋଗ୍ୟ-ନିକେତନର କର୍ଣ୍ଣଧାର ନିର୍ବାଚନ କରାଯାଉ ।

ସତର

ରହସ୍ୟାନ୍ୱେଷୀ ଜୟନ୍ତ ସହ ଠିଆହୋଇ ସଭାପତି ଓ ସ୍ୱାସ୍ଥ୍ୟ-ବିଭାଗର ଜଏଣ୍ଟ ସେକ୍ରେଟାରୀଙ୍କୁ ସମ୍ବୋଧନ କରି କହିଲା, ମୁଁ ଜାଣିବାକୁ ଚାହେଁ, ଏପରି ପ୍ରସ୍ତାବ ଆଗତ କରିବା ଅଧିକାର ଡାକ୍ତର ଅଧିକାରୀଙ୍କର ଅଛି କି ନାହିଁ ?

ଅନ୍ୟ ଜଣେ ଆପତ୍ତି କଲେ, ତା' ପୂର୍ବରୁ ଏହି ସଭା ଜାଣିବାକୁ ଚାହେଁ, ଏପରି ପ୍ରଶ୍ନ କରିବାର ଅଧିକାର ଆପଣଙ୍କର ଅଛି କି ନାହିଁ ।

ଜୟନ୍ତ କହିଲା, ଏହି ସଭାର ମୁଁ ଜଣେ ସଭ୍ୟ । ତିନି ବର୍ଷ ହେଲା ଓଡ଼ିଶା ସରକାର ସଭ୍ୟ ବୋଲି ମନୋନୀତ କରିଛନ୍ତି ।

ସଭାପତି କହିଲେ, ଆପଣ କଣ ଜାଣନ୍ତି ନାହିଁ ଡାକ୍ତର ପ୍ରବୋଧ ଅଧିକାରୀ ଏହି ପ୍ରତିଷ୍ଠାନର ଜଏଣ୍ଟ ଡିରେକ୍ଟର ?

—ଡାକ୍ତର ଅଧିକାରୀ ଜଏଣ୍ଟ ଡିରେକ୍ଟର ବୋଲି କୌଣସି କାଗଜ ପତ୍ରରେ ଲେଖା ଅଛି କି...କହିଲା ଜୟନ୍ତ ।

—ଡାକ୍ତର ପ୍ରବୋଧ ଅଧିକାରୀ ଠିଆ ହୋଇ କହିଲେ—ସ୍ୱର୍ଗୀୟ ଡାକ୍ତର ଦିବାକର ମୃତ୍ୟୁର ଛଅ ମାସ ପୂର୍ବରୁ ଯେଉଁ ଉଇଲ ତିଆରି କରି ଯାଇଛନ୍ତି, ସେଥିରେ ସେ ମୋତେ ଓ ଡାକ୍ତର ଅନୁପମଙ୍କୁ ଜଏଣ୍ଟ ଡିରେକ୍ଟର ବୋଲି ଉଲ୍ଲେଖ କରିଛନ୍ତି ।

ଅନ୍ୟ ଜଣେ ସଭ୍ୟ କହିଲେ—ସେହି ଉଇଲଟିକୁ ଆପଣ ଦେଖାଇ ପାରିବେ ?

ଡାକ୍ତର ଅଧିକାରୀ ହସି ହସି କହିଲେ—ସ୍ୱଚ୍ଛନ୍ଦରେ । ଉଇଲ୍-ଟି ଏହି ପ୍ରତିଷ୍ଠାନର ଅଫିସଘରେ ଅଛି ।

ଅନୁପମ ଉଇଲଟିକୁ ଆଣିବାମାତ୍ରେ ଜୟନ୍ତ କହିଲା, ମୁଁ ଡାକ୍ତର ଅନୁପମବାବୁଙ୍କୁ ଅନୁରୋଧ କରୁଛି, ଉଇଲଟିକୁ ପଢ଼ି ସେ ସମସ୍ତଙ୍କୁ ଶୁଣାନ୍ତୁ...

ପଢ଼ିଲେ ଅନୁପମ—ମୁଁ ବିପିନ ଦାସ, ଏହି "ବିପଦ-ବନ୍ଧୁ" ଆରୋଗ୍ୟ ନିକେତନର ସ୍ୱତ୍ୱାଧିକାରୀ ଓ ପରିଚାଳକ ଭାବେ ଏହି ଉଇଲ୍ ସ୍ୱଜ୍ଞାନରେ

ସ୍ୱହସ୍ତରେ ଏବଂ କାହାରି ହାଁର ଅନୁରୋଧ ନହୋଇ ସୁସ୍ଥ ଶରୀରରେ ଏହି ପ୍ରତିଷ୍ଠାନର ଯାବତୀୟ ସତ୍ତ୍ୱ ଡଃ-ପ୍ରବୋଧ ଅଧିକାରୀ ଓ ଡାକ୍ତର ଅନୁପମ ସିଂହଙ୍କୁ ଅର୍ପଣ କରି ଲେଖିଦେଲି ଓ ଏହା ଉପଯୁକ୍ତ ବେଳେ କାର୍ଯ୍ୟରେ ଆସିବ । ଇତି । ୧୯୪୫ ଅକ୍ଟୋବର ତା୪ରିଖ...
ସ୍ୱା—ବିପିନ ଦାସ...

ପଢ଼ା ଶେଷ ହେବାପରେ ଜୟନ୍ତ କହିଲେ—ମାନନୀୟ ସଭାପତି ଓ ଏହି ପ୍ରତିଷ୍ଠାନର ସଭ୍ୟଗଣ, ସ୍ୱର୍ଗୀୟ ଡାକ୍ତର ଦିବାକର ସ୍ୱବୁଦ୍ଧିଙ୍କର ଶେଷ ଉଇଲ୍ ଖଣ୍ଡିକ ମୋ ପାଖରେ ଅଛି ।

ସଭା ସ୍ଥଳରେ ମୃଦୁଗୁଞ୍ଜନ ଶୁଣାଗଲା ।

ଜୟନ୍ତ କହିଲେ, ଆଜିକୁ ଛଅ ମାସ ତଳେ ଅର୍ଥାତ୍ ୧୯୪୭ ଏପ୍ରିଲ ମାସରେ ଡାକ୍ତର ଦିବାକର ସ୍ୱବୁଦ୍ଧି ଶେଷ ଉଇଲ୍ ତିଆରି କରିଛନ୍ତି । ଏହି ଉଇଲ୍‌ରେ ସେ ଆରୋଗ୍ୟ-ନିକେତନର ସମୁଦାୟ ଦାୟିତ୍ୱ ଡାକ୍ତର ଅନୁପମଙ୍କୁ ଦେଇଯାଇଛନ୍ତି...ଦଲିଲଟିକୁ ଦେଖନ୍ତୁ...

ଜୟନ୍ତ ପକେଟରୁ ଉଇଲ୍‌ଟିକୁ ବାହାର କଲେ ଓ ଠିକ୍ ସେହି ମୁହୂର୍ତ୍ତରେ ଡାକ୍ତର ପ୍ରବୋଧ ଅଧିକାରୀ ସଭାଗୃହ ଛାଡ଼ି ବାହାରକୁ ବାହାରି ଯାଉଥିଲେ । ସଙ୍କେତପ୍ରାପ୍ତ ଜୟନ୍ତ ସୌମେନବାବୁଙ୍କୁ ସାବଧାନ କରାଇ ଦେଲେ ।

ଦୁଇଜଣ ସାର୍ଜେଣ୍ଟ ଡାକ୍ତର ଅଧିକାରୀଙ୍କୁ ଧରି ସଭାଗୃହରେ ଉପସ୍ଥିତ ହେଲେ । ସୌମେନବାବୁ କହିଲେ—ହତ୍ୟାକାଣ୍ଡରେ ବ୍ୟାଘାତ ଘଟିଥିବା ହେତୁ ମୁଁ ଦୁଃଖିତ । ଡାକ୍ତର ପ୍ରବୋଧ ଅଧିକାରୀଙ୍କୁ ବେ-ଆଇନଭାବେ ଏହି ପ୍ରତିଷ୍ଠାନର ଜଏଣ୍ଟ ଡିରେକ୍ଟର ବୋଲି ନିଜକୁ ଘୋଷଣା କରିବା ଅପରାଧରେ ଓ ନିଜ ପାଖରେ ଅପହୃତ ଉଇଲ୍ ରଖି ପରେ ଡାକ୍ତର ଦିବାକର ସ୍ୱବୁଦ୍ଧିଙ୍କୁ ହତ୍ୟା କରିଥିବା ହେତୁ ମୁଁ ଗ୍ରେପ୍ତାର କଲି ।

ରଘୁନାଥ ଓରଫେ ରଘୁ ନିଜର ଅପରାଧ ସ୍ୱୀକାର କଲା । ଡାକ୍ତର ଦିବାକର ସ୍ୱବୁଦ୍ଧି ପ୍ରଥମ ଉଇଲ୍‌ଟିରେ ଡାକ୍ତର ଅଧିକାରୀ ଓ ଅନୁପମଙ୍କୁ ଆରୋଗ୍ୟ-ନିକେତନର ଜଏଣ୍ଟ ଡିରେକ୍ଟର କରିଯାଇଥିଲେ ।

ଅଣ:ଅଣୀ

ଦିନେ ସେହି ଫାଇଲ୍ ଖଣ୍ଡିକ ଆଉ ଖୋଜି ପାଇଲେ ନାହିଁ । ମହାଚିନ୍ତାରେ ପଡ଼ି କାହାରିକୁ କିଛି ନକହି ଜୟନ୍ତ ସହିତ ପରାମର୍ଶ କରି ନୂତନ ଫାଇଲ୍ ତିଆରିକରି ସେଥିରେ ଡାକ୍ତର ଅନୁପମକୁ ପୂର୍ଣ୍ଣ କ୍ଷମତା ଦେଲେ ଓ ଜୟନ୍ତ ପାଖରେ ଫାଇଲ୍ ଖଣ୍ଡିକ ନିରାପଦରେ ରହିପାରେ ଭାବି ତାକୁଇ ଦେଲେ । ସେହିଦିନଠାରୁ ଡାକ୍ତର ସୁବୁଦ୍ଧି ଓ ଡାକ୍ତର ଅଧିକାରୀଙ୍କ ମଧ୍ୟରେ ସାମାନ୍ୟ ସାମାନ୍ୟ କଥାରେ ମତଭେଦ ସୃଷ୍ଟି ହେବାକୁ ଲାଗିଲା ଏବଂ ଏହି କାରଣରୁ ଡାକ୍ତର ସୁବୁଦ୍ଧିଙ୍କୁ ବିଦାୟ କରି କର୍ତ୍ତୃତ୍ୱ ଭାର ନିଜ ହାତକୁ ଆଣିବେ ବୋଲି ହତ୍ୟାର ଆଶ୍ରୟ ନେଇଲେ ।

—ମା ! ମା…

ଡାକି ଡାକି ଉପରକୁ ଉଠିଆସିଲା ସୁବ୍ରତ…

ସୁରମା ଦେବୀ ଶଯ୍ୟା ଉପରେ ପଡ଼ି ଆଖିଦୁଇଟିକୁ ବୁଜି କେତେ କଣ ଭାବୁଥିଲେ । ତାଙ୍କ ଅଜ୍ଞ ସୁବ୍ରତ ଫେରିବାକୁ ଏତେ ଡେରିକରୁଛି । ଏତେ ରାତିଯାଏ ସେ'ତ କେବେ ବାହାରେ ରହେନାହିଁ । ଅବଶ୍ୟ ଅଳ୍ପ କେତେଦିନ ହେଲା ଫେରୁ ଫେରୁ ତାର ରାତି ହେଉଛି… ତା'ବୋଲି ଆଜି—

ସୁବ୍ରତ ଡାକ ଶୁଣି ସେ ଶଯ୍ୟା ଉପରେ ଉଠିବସିଲେ । ଘର ଭିତରକୁ ପଶିଆସି ସୁବ୍ରତ ଅନୁଚ୍ଚ କଣ୍ଠରେ କହିଲା—ମା, ତାକୁ ଆଣିଛି…

ସୁରମା ଦେବୀ କିଛି ବୁଝିଲେ ନାହିଁ । ମୂକ ଦୃଷ୍ଟିରେ ଚାହିଁଲେ ସୁବ୍ରତକୁ ।

—ଦେଖିବ ଆସ, ମା'…

—କାହା କଥା କହୁଛୁ, ସୁବ୍ରତ ! କାହାକୁ ତୁ ଆଣିଛୁ…ଏତେ ଅଦ୍ଭୁତ କଣ୍ଠସ୍ୱର ଯେ, ସେ ସ୍ୱର ଯେପରି ତାଙ୍କର ନିଜର ନୁହେଁ ବୋଲି ନିଜକୁ ଜଣାଗଲା ।

ଅଗ୍ନି

—ମୁଁ ଯେବେ କହୁଥିଲି ମା', ତାକୁ ମୁଁ ପାଇବି—ନିଶ୍ଚୟ ପାଇବି···

—ଅରୁଣାକୁ ?

—ଆଜି ଆଉ ସେ ଅରୁଣା ନୁହେଁ, କବିତା···ଯେଉଁ ଅରୁଣାକୁ ତୁମେ ହରାଇଥିଲ, ସେ ଆଶ୍ରୟ ପାଇଥିଲା ଗୋଟିଏ ସାଧାରଣ ପରିବାର ଘରେ। ନିଜର ଝିଅ ଭଳିଆ ଭାବରେ ତାକୁ ପାଳନ କରୁଥିଲେ ଏହି ନିଃସନ୍ତାନ ଦମ୍ପତି। ସେହିଠାରେ ସେ ସାମାନ୍ୟ କିଛି ଶିକ୍ଷା ଲାଭ କରିଥିଲା। ସେମାନଙ୍କର ମୃତ୍ୟୁ ପରେ ଆଶ୍ରୟହୀନା କବିତା ନର୍ସିଂ ଟ୍ରେନିଂ ନେଇ ଚାକିରି କରୁଥିଲା "ବିପଦ-ବନ୍ଧୁ" ଆରୋଗ୍ୟ ନିକେତନରେ। ତୁମେ ତ ଜାଣ ମା, ମୁଁ ବେଳେବେଳେ ହସ-ପିଟାଲକୁ ଯାଏ। ଅନେକ ଦିନରୁ ତାକୁ ମୁଁ ଦେଖୁଛି। ସେହିଠାରେ ଘଟିଥିବା ଗୋଟିଏ ହତ୍ୟା କାଣ୍ଡର ତଦନ୍ତ କରୁକରୁ, ମୋର ବନ୍ଧୁ ଜୟନ୍ତ ପାଖରୁ ତାର ଅନ୍ୟ ପରିଚୟ ପାଇଲି, ମାତ୍ର ଆଜି ସନ୍ଧ୍ୟାବେଳେ ମୁଁ ତାକୁ ଚିହ୍ନି ପାରିଲି। ବାଁ ହାତର କହୁଣୀରେ ପିଲାଦିନର କଟା ଚିହ୍ନଟି, ଯାହା ଲଣ୍ଠନର ଆଲୁଅରେ ପୋଡ଼ି ଯାଇଥିଲା ବୋଲି ତୁମେ କହୁଥିଲ, ସେହି ଗୋଲ ଦାଗଟି···

ଆଉ ଯେପରି ଧୈର୍ଯ୍ୟ ଧରି ରହିପାରିଲେ ନାହିଁ ସୁରମାଦେବୀ, ବ୍ୟଗ୍ର ଆବେଗରେ ସୁବ୍ରତର ହାତଟିକୁ ଧରି କହିଲେ, ତୁ ଠିକ୍ ଚିହ୍ନିପାରିଛୁ ସୁବ୍ରତ···

—ଠିକ୍ ଚିହ୍ନିଛି ମା,···ପ୍ରମାଣ ମଧ୍ୟ ପାଇଛି। ଆଜି ସେ ବଡ଼ କ୍ଳାନ୍ତ। କେହି ତାକୁ କିଛି ପଚାର ନା···ତାକୁ ଆଜି ବିଶ୍ରାମ ନେବାକୁ ଦିଅ···

ଉଭୟେ ଆସି ପହଞ୍ଚିଲେ କବିତା ଯେଉଁ ଘରଟିରେ ବସିଥିଲା। ଘର ଭିତରକୁ ପଶିଆସି ସୁରମାଦେବୀ କମ୍ପିତ ବାହୁ ଦୁଇଟି ବଢ଼ାଇ କବିତାକୁ ନିଜର ବୁକୁ ଉପରକୁ ଟାଣି ଆଣିଲେ। ଚିବୁକଟିକୁ ସ୍ପର୍ଶ କରି ବାଁ ହାତର କହୁଣୀକୁ ଦେଖି ଦେଖି ହରଷ-ବିଷାଦ କଣ୍ଠରେ କହିଲେ, ଏତେଦିନେ ମା'କୁ ତୋର ମନେପଡ଼ିଲା ଅରୁ···

—ରାତି ଅନେକ ହୋଇଛି ମା'···ସକାଳେ ମୋର ଅନେକ କାମ··· ଅନୁପମ ଆସିବ ଭୋର ଛଅଟାରେ। ଅନୁପମ—ଡାକ୍ତର ଅନୁପମ, ମୋର ବନ୍ଧୁ, ଯାହା କଥା କେତେଥର କହିଛି ତୁମକୁ···ସେ ଆଜି ନେଇଯିବ କବିତାକୁ, ନା ନା, ଅରୁଣାକୁ ତାଙ୍କ ଘରକୁ···

ଏଭାଅଗୀ

ସନ୍ତୁଷ୍ଟରେ ଚାହିଁଲେ ସୁରମା ଦେବୀ ସୁବ୍ରତଙ୍କୁ । କହିଲେ, ନା— ଅରୁଣାକୁ ମୁଁ ଆଉ ହସ୍ପିଟାଲକୁ ପଠାଇବି ନାହିଁ…ଅନୁପମ ଆସିଲେ ମୁଁ ତାକୁ ସବୁକଥା ବୁଝାଇଦେବି…

ହସି ହସି ସୁବ୍ରତ କହିଲେ—ସେତ ବୁଝାଇଲେ ବୁଝିବ ଅନୁପମ କଣ ଶୁଣିବ ମା !…କବିତା କଣ, ଦୁହେଁ ଦୁହିଁଙ୍କୁ କଥା ଦେଇଛନ୍ତି, କେହି ତ ଆଉ ଫେରାଇ ନେଇ ପାରିବେ ନାହିଁ…କାଲି ସେମାନେ ରେଜେଷ୍ଟ୍ରୀ ଅଫିସରେ…

—ଅନୁପମ ଏଥି ଭିତରେ ଏତେକଥା କରି ସାରିଛି…ଆଉ ସେ— ସୁରମା ଦେବୀ ହସି ପକାଇଲେ । କବିତା ମୁହଁ ତଳକୁ କରି ଛିଡ଼ା ହେଲା । ଆଉ ସୁବ୍ରତ ଗୌରବରେ ହସି ହସି ଚାଲିଗଲେ ଉପରକୁ ।

ଭୋର ହେଲା । ଓ-ଆର-ସି ୨୩୬୨ ଖଣ୍ଡେ କ୍ରେଭ୍ ଲେଟ ଠିଆହେଲା ଅବକାଶବାବୁଙ୍କର ପ୍ରକାଣ୍ଡ ଅଟ୍ଟାଳିକା ସମ୍ମୁଖରେ । ଅନୁପମ ଓ ରୁକ୍ମଣୀ ଗାଡ଼ିରୁ ଓହ୍ଲାଇ ପଡ଼ିବା ମାତ୍ରେ ସୁବ୍ରତ ଆଗେଇ ଆସି କହିଲେ—ସିଧା ସିଧା ଉପରକୁ ଚାଲିଯାଅ ଅନୁପମ ! ମା' ବାବା ଦୁହେଁ ଉପରେ ଅଛନ୍ତି, କବିତା ବି' ଅଛି ସେଇଠି…

ହସି ହସି ଅନୁପମ ଉପରକୁ ଉଠିବାକୁ ଲାଗିଲା । ପଛରେ ରୁକ୍ମଣୀ । ସିଡ଼ିର ଅଧବାଟ ଯାଏ ଯାଇ ରୁକ୍ମଣୀ ପୁଣି ତଳକୁ ଓହ୍ଲାଇ ଆସି ସୁବ୍ରତର ହାତଟିକୁ ଧରି ପକାଇ କହିଲା—ଉପରେ କଣ ତୁମର କିଛି କାମ ନାହିଁ ସୁବ୍ରତ ବାବୁ !

—ଆଉ କି କାମ ! ତୁମେ ମଧ୍ୟ ସେଠାରେ ନୀରବ ଦର୍ଶକ…ତା ଅପେକ୍ଷା ଆମେ ଦୁହେଁ ଏଇଠାରେ ରହିବା ଭଲ ।

ଉଭୟେ ଉଭୟଙ୍କୁ ଚାହିଁ ହସିଲେ…

ରାମଗଡ଼, କଟକ-୧

୧୨ । ୬ । ୧୯୬୦

Published & Printed by Bansidhar Bhuyan
at LIPIKA, Cuttack-1

ଆଶା । ଫଗ ଦେଖନ୍ତୁ, କିନ୍ତୁ ସନ୍ତାନର ଭ-ଲ ସ୍ୱାସ୍ଥ୍ୟର ଅପେକ୍ଷା ଆହୁରି ବେଶୀ ବିଚକ୍ଷଣ । ଆପଣ ବୁଦ୍ଧିମନ୍ତ—ଅତିର ଭିତର ଜାମ, ଆଗାମୀ ବର୍ଷ ଯେପରି ଆପଣଙ୍କ ପୁଅର ବୟସ ବେଶି ହେଲେ ବି ସେ ଯେପରି ମଣିଷ ହୋଇ ପାରେ, ତାର ଭବିଷ୍ୟତ ପ୍ରତି ଆପଣଙ୍କର ସଜାଗ ଦୃଷ୍ଟି ରହିଛି ।

ଶରୀରର ବୃଦ୍ଧି ସଙ୍ଗେ ସଙ୍ଗେ ତାର ମନ ବି ପରିଣତ ହେବାକୁ ଲାଗିବ । ତେଣୁ ତାର ପୁତ୍ରର ଭବିଷ୍ୟତ ପାଇଁ ଅଗତ୍ତୁଷ୍ଟ ଚିନ୍ତା କରିବାକୁ ହେବ । ସବୁଠାରୁ ଡ ପାଇଁ ଦରକାର ଭଲ ଶିକ୍ଷା—ସମ୍ଭବ ହେଲେ ... ଶିକ୍ଷା ପାଇଁ ତାକୁ କେଇ ବର୍ଷ ବିଦେଶକୁ ପଠାଇ ପାରନ୍ତି । କିନ୍ତୁ ସେଥିପାଇଁ ଦରକାର ବେଶୀ ଟଙ୍କା ।



ଅଣକର ଏହି ବିଚକ୍ଷଣତା ଅପଣଙ୍କର କାମ୍ୟ ରହୁ । ଦରକାର ସମୟରେ ପ୍ରୟୋଜନୀୟ ଅର୍ଥ ଯେପରି ପାଆନ୍ତି, ସେଥିପାଇଁ ଏବେଠୁ ବ୍ୟବସ୍ଥା ଆଜିଠାରୁ କରି ରଖନ୍ତୁ । ସବୁଠାରୁ ସହଜ ଓ ନିଶ୍ଚିନ୍ତ ଉପାୟ ହେଲା ଜୀବନ ବୀମା । ଯେଉଁଠି ଥିଲେ ପଲିସି ଏବେଠୁ ସାମାନ୍ୟ ସାମାନ୍ୟ ସଞ୍ଚୟ ଆରମ୍ଭ କରନ୍ତୁ, ଆପଣଙ୍କ ସନ୍ତାନ ପାଇଁ ସବୁଠାରୁ ଭଲ ଶିକ୍ଷା ଓ ତାର ଭବିଷ୍ୟତ କର୍ମ ଜୀବନ ସମ୍ବନ୍ଧରେ ନିଶ୍ଚିନ୍ତ ହୋଇ ପାରିବେ

## ଆଉ ଟିକିଏ ବଡ଼ କରନ୍ତୁ

**ଜୀବନ ବୀମାର କୌଣସି ବିକଳ୍ପ ନାହିଁ**

ଅଳ୍ପମୂଲ୍ୟରେ ଅସାଧ୍ୟ ସାଧନ

# ଶକ୍ତି ସୁଧା

ଗୋଡ଼ଠାରୁ ମୁଣ୍ଡପର୍ଯ୍ୟନ୍ତ ସମସ୍ତ ପ୍ରକାର ରୋଗର ଅବ୍ୟର୍ଥ ମହୌଷଧ

ମୁମୂର୍ଷୁର ଜୀବନଦାୟକ

ଏହିରୁ ଗୋଟିଏ ଘରେ ଥିଲେ ସମସ୍ତ ପ୍ରକାର ରୋଗରୁ ଆଶ୍ଚର୍ଯ୍ୟରୂପେ ରକ୍ଷା ପାଇ ପାରିବେ । ଅକସ୍ମାତ କୌଣସି ରୋଗ ଜାତ ହେଲେ ତତ୍କ୍ଷଣାତ ଔଷଧ ପ୍ରୟୋଗ କରିବେ ଓ ସଙ୍ଗେ ସଙ୍ଗେ ଫଳ ପାଇବେ ।

## ମନ୍ତ୍ର ପରି କାମ

ଦାମ ଯେପରି କାର୍ଯ୍ୟ ମଧ୍ୟ ସେହିପରି । ଶ୍ରମଜୀବୀ, ପଥିକ, ଗୃହସ୍ଥମାନେ ଏହିରୁ ଗୋଟିଏ ଗୋଟିଏ ପାଖରେ ରଖିବା ଖୁବ୍ ଦରକାରୀ ।

## ସେବନ ବିଧି

ଜଳ ଚିନିରେ ୨।୪ ବୁନ୍ଦା ପକାଇ ସେବନ କଲେ ଯେକୌଣସି ଯନ୍ତ୍ରଣାରୁ ୫ ମିନିଟ ମଧ୍ୟରେ ଆରୋଗ୍ୟ ଲାଭ କରିବେ । ଅମୂଲ୍ୟ ଜୀବନର ନିରାପତ୍ତା ପାଇଁ ଏହିରୁ ଗୋଟିଏ ଶିଶି ସଦାସର୍ବଦା ପାଖରେ ରଖନ୍ତୁ !

ବଡ଼ ଶିଶି ଦାମ ଟ୪୯ ସାନ ଶିଶି ଦାମ ଟ୨୯

ଆମର ଅନ୍ୟାନ୍ୟ ଔଷଧ ପାଇଁ ନିମ୍ନ ଠିକଣାରେ ପତ୍ରାଳାପ କରନ୍ତୁ ।

କବିରାଜ ଶ୍ରୀ ସୁଦାମଚରଣ ଦାସ ବୈଦ୍ୟଶାସ୍ତ୍ରୀ

# ସିନ୍ଧୁ ସୁଧା ଔଷଧାଳୟ

ଭଗରପଡ଼ା, ପୋ: ବକ୍ସ ନଂ: ୫୧୧, କଟକ-୨

JANA SAHITYA Aug-Sept REGD NO. 0-17-75




## ଘୋଷଣା

ଆସନ୍ତା ସପ୍ତାହରୁ ଜନ-ସାହିତ୍ୟ ହିସାବ ୮ ପେଜ ଆକାରରେ ପ୍ରକାଶ ପାଇବ । ମୂଲ୍ୟ ହେବ ୧୦୦ । ତାହାରେ କୌଣସି ପରିବର୍ତ୍ତନ ହେବ ନାହିଁ ।

ଏଣିକି ଏଜେଣ୍ଟ ଓ ଗ୍ରାହକମାନେ ନିମ୍ନଲିଖିତ ଠିକଣାରେ ପତ୍ର ଓ ଟଙ୍କା ପଠାଇବାକୁ ଅନୁରୋଧ ।

ପରିଚାଳକ, ଜନ-ସାହିତ୍ୟ
ବଖରାବାଦ, କଟକ—୧

Registered under the Press & Registration of Book Act 1867 Registration No—R. N.4008/57